# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୩/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, July 13/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI

ବୁଧବାର, ଜୁଲାଇ ୧୩/୨୦୨୨ (୧୬ ପୃଷ୍ଠା) | Wednesday, July 13/2022 | Page 16





**ବୁମ୍‌ରାଙ୍କୁ ୬ ଉଇକେଟ ସଫଳତା**

ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ବୋଲର ଯଶପ୍ରୀତ ବୁମ୍‌ରା ୬ ଉଇକେଟ ଅକ୍ତିଆର କରିଛନ୍ତି।

୧୪

୧୦

**ବିଫଳତାରୁ ତିଆରି ହୁଏ ସଫଳତାର ଶିଡ଼ି**

ବିଫଳତାରେ ବିବ୍ରତ ନ ହୋଇ ସାହସର ସହ ଆଗକୁ ବଢ଼ି କାମ କରିଚାଲିଲେ ସଫଳତା ମିଳିବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର।



# ଶାନ୍ତ ସିଂହର ଉଗ୍ରରୂପ

## ନୂଆ ପାର୍ଲାମେଣ୍ଟ ଭବନ ଅଶୋକ ସ୍ତମ୍ଭ ସିଂହକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୨।୭

ନୂଆ ପାର୍ଲାମେଣ୍ଟ ଭବନ ଛାତ ଉପରେ ତିଆରି ହୋଇଥିବା ଜାତୀୟ ପ୍ରତୀକ ଅଶୋକ ସ୍ତମ୍ଭର ସିଂହକୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନାବରଣ କରିଥିଲେ। ତେବେ ଉକ୍ତ ନବନିର୍ମିତ ସିଂହକୁ ନେଇ ବିବାଦ ଦେଖାଦେଇଛି। ଅଶୋକ ସ୍ତମ୍ଭରେ ପୂର୍ବରୁ ସୁନ୍ଦର ଏବଂ

### ଜାତୀୟ ପ୍ରତୀକକୁ ବିକୃତ କରିଛି କେନ୍ଦ୍ର: ବିରୋଧୀ

ବାସ୍ତବରେ ଆତ୍ମବିଶ୍ୱାସୀ ଥିବା ସିଂହକୁ କେନ୍ଦ୍ରର ଭାଜପା ସରକାର ବିକୃତ କରିଥିବା ବିରୋଧୀ କଂଗ୍ରେସ ସମେତ ଅନ୍ୟ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଅନାବରଣ କରିଥିବା ସିଂହକୁ ଭଲ କରି ଦେଖନ୍ତୁ। ଏହା ବାସ୍ତବରେ ମହାନ୍ ସରନାଥ 'ଲାୟନ କ୍ୟାପିଟାଲ ଅଫ୍ ଅଶୋକ'ର ମୂର୍ତ୍ତିକୁ ପ୍ରତିଫଳନ କରୁଛି ନା ତାହାର ବିକୃତି କରାଯାଇଛି ତାହା ଯାଞ୍ଚ କରନ୍ତୁ। ଏଥିରେ ଆବଶ୍ୟକ ସଂଶୋଧନ କରାଯାଉ ବୋଲି କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ଟୁଇଟ୍ କରିଛନ୍ତି। ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ରାଜ୍ୟ ସଭା ସଦସ୍ୟ ଜୱାହର ସିରକର ଟୁଇଟ୍‌ରେ ଦୁଇ ପ୍ରକାର ଜାତୀୟ ପ୍ରତୀକର ଫଟୋ ଶେୟାର କରିଛନ୍ତି। ଅଶୋକ ସ୍ତମ୍ଭର ସିଂହ ପ୍ରତିକୃତିର ପୂର୍ବ ଏବଂ ନୂଆ ଫଟୋକୁ ତୁଳନାତ୍ମକ ଭାବେ ଦର୍ଶାଇ ଲେଖିଛନ୍ତି, ଆମ ଜାତୀୟ ପ୍ରତୀକକୁ ଅପମାନିତ କରାଯାଇଛି। ପ୍ରକୃତ ଅଶୋକ ସିଂହ ଶାନ୍ତ ଏବଂ ସ୍ଥିର ଦେଖାଯାଉଥିବାବେଳେ ମୋଦି ଭର୍ସନର ନୂଆ ସ୍ତମ୍ଭରେ ତାହା ଆକ୍ରମଣାତ୍ମକ ଓ ଅନୁପଯୁକ୍ତ ଲାଗୁଛି। ଏହା ଲଜ୍ଜାର କଥା ବୋଲି ସେ କହିଛନ୍ତି। କେତେଜଣ

☞ପୃଷ୍ଠା-୨





ଜାତୀୟ ପ୍ରତୀକ 'ଅଶୋକ ସ୍ତମ୍ଭ'ର ସିଂହ (ବାମ) ଏବଂ ନୂଆ ପାର୍ଲାମେଣ୍ଟ ଭବନରେ ସୋମବାର ଲୋକାର୍ପିତ ସିଂହ ପ୍ରତିକୃତି।

# ମହିଳା ପୋଲିସଙ୍କ କାର ଧକ୍କାରେ ୩ ମୃତ

## ରଙ୍ଗ୍‌ରୁଟ୍‌ରେ ଯାଉଥିଲେ: ୬ ଗୁରୁତର, ଉତ୍ତେଜନା

ସୋନପୁର/ତରଭା,୧୨।୭ (ନି.ପ୍ର./ଡି.ଏନ୍.ଏ.)

ଜଣେ ପୋଲିସ ଇନ୍ସପେକ୍ଟରଙ୍କ କାର ଧକ୍କାରେ ମଙ୍ଗଳବାର ୩ଜଣଙ୍କ ମୃତ୍ୟୁ ଘଟିଛି। ୬ଜଣ ଗୁରୁତର ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ତରଭା ଥାନା ବଡବାହାଲି ନିକଟରେ ଏହି ଦୁର୍ଘଟଣା ଘଟିଛି। ରାସ୍ତାର ବାମ ପାର୍ଶ୍ୱରେ ଛିଡା ହୋଇଥିବା ଏକ ଅଟୋରିକ୍ସାକୁ ରଙ୍ଗ୍‌ରୁଟ୍‌ରେ ଦ୍ରୁତଗତିରେ ଆସୁଥିବା ଏହି ପୋଲିସ ଅଧିକାରୀଙ୍କ କାର ସାମ୍ନାପଟୁ ଧକ୍କା ଦେବା ଫଳରେ ୩ ଜଣଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ପୁଇଁତଳା ରାଘବପାଲି ଗ୍ରାମର ଗୁଆବତୀ ନାଏକ(୪୦), ସତ୍ୟ ପଧାନ(୪୫) ଓ ପ୍ରାଣନାଥ ବିଶ୍ୱାଳ(୪୫)। ତରଭା ଥାନା ବଡବାହାଲିର ପଙ୍କଜ ମିଶ୍ର(୬୦), ପୁଇଁତଳା ବ୍ଲକ ରାଘବପାଲିର ଅଟୋ ଡ୍ରାଇଭର ଲକ୍ଷ୍ମୀକାନ୍ତ ମିଶ୍ର(୫୦), ରାମ ବିଶ୍ୱାଳ(୫୦), ବନିତା ପଧାନ(୬୦), କ୍ଷେତ ପଧାନ(୫୦) ଓ ରୂପକାନ୍ତି ନାଏକ(୪୫) ଆହତ ହୋଇଛନ୍ତି। ଅଟୋରିକ୍ସା ଚାଳକ ଲକ୍ଷ୍ମୀକାନ୍ତଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅନ୍ୟ ୫ ଜଣଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ସୋନପୁର ସହରର ମଙ୍ଗଳବାର ସାପ୍ତାହିକ ହାଟରେ ପରିବା ଚାରା ବିକ୍ରି କରିବା ପାଇଁ ରାଘବପାଲିର ୮ଜଣ ମହିଳା ଓ ପୁରୁଷ ଏକ ଅଟୋରିକ୍ସା(ନଂ. ଓଡି୦୩ଜେ-୩୬୮୨)ରେ ଆସୁଥିଲେ। ଚାଳକ ବଡବାହାଲି ନିକଟରେ ଅଟୋରିକ୍ସାକୁ ରାସ୍ତାର ବାମପାର୍ଶ୍ୱରେ

☞ପୃଷ୍ଠା-୨

# ସରକାରୀ କର୍ମଚାରୀଙ୍କୁ ୪୦ ଲକ୍ଷର ଗୃହଋଣ

## ୮% ସୁଧରେ ମିଳିବ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ସପ୍ତମ ବେତନ କମିଶନ ସୁପାରିସ ଭିତ୍ତିରେ ସରକାରୀ କର୍ମଚାରୀମାନଙ୍କ ପାଇଁ ଗୃହ ନିର୍ମାଣ ଋଣ ରାଶିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏଣିକି ଘର ତିଆରି କରିବାକୁ କର୍ମଚାରୀଙ୍କୁ ୨୫ ଲକ୍ଷ ଟଙ୍କାରୁ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ଏଥିସହିତ ସୁଧ ହାର ପରିମାଣ ମଧ ୮ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ଋଣ ୬୦-୪୦ ଅନୁପାତରେ ଦୁଇଟି ପର୍ଯ୍ୟାୟରେ କର୍ମଚାରୀମାନଙ୍କୁ ଦିଆଯିବ। ୨୦୧୦ରେ ଲାଗୁ କରାଯାଇଥିବା ଗୃହ ନିର୍ମାଣ ସହାୟତା ନିୟମ ଅନୁଯାୟୀ କର୍ମଚାରୀମାନଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି। ଏଥିରେ ସର୍ବାଧିକ ସୁଧ ହାର ୧୧.୫ ପ୍ରତିଶତ ରହିଥିଲା। ବର୍ତ୍ତମାନ ଗୃହ ନିର୍ମାଣ ଋଣ ପରିମାଣ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବା ସହିତ ସୁଧ ପରିମାଣ ୮ ପ୍ରତିଶତକୁ ହ୍ରାସ କରାଯାଇଛି। ଜାତୀୟ ପେନ୍‌ସନ ସ୍କିମ୍ ଅଧୀନ କର୍ମଚାରୀଙ୍କ ସହିତ ସମସ୍ତ ସ୍ଥାୟୀ ସରକାରୀ କର୍ମଚାରୀ ଏହି ସହାୟତା ପାଇପାରିବେ।


**ଆଜିର ସମ୍ପାଦକୀୟ**

୭.୦୪ରୁ ୭.୦୧















**ଆଜିର ମନ୍ତବ୍ୟ**

“ତୃଣମୂଳ କଂଗ୍ରେସ ଏମ୍‌ପିମାନେ ହିନ୍ଦୁ ଦେବଦେବୀଙ୍କୁ ଅପମାନିତ କରି ଆସୁଥିବାବେଳେ ଦଳ ପକ୍ଷରୁ ସେମାନଙ୍କୁ ବହିଷ୍କାର କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

– ସ୍ମୃତି ଇରାନୀ, ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ଗୁନିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାବାହୁଙ୍କ ନୀଳାଦ୍ରି ବିଜେ

**ପୁରୀ ଅଫିସ, ୧୨।୭**



ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିର ରତ୍ନସିଂହାସନକୁ ବାହୁଡ଼ିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ଶେଷ ପରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଶ୍ରୀରାମକୃଷ୍ଣ ଓ ଶ୍ରୀମଦନମୋହନଙ୍କୁ ଏବଂ ପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ବଡ଼ଦେଉଳ ରତ୍ନବେଦିକୁ ବିଜେ କରାଯାଇଥିଲା। ଏହାପରେ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରା ଗୋଟି ପହଣ୍ଡି ହୋଇ ରତ୍ନସିଂହାସନକୁ ବିଜେ କରିଥିଲେ। ଏହି ସମୟରେ ଶୁଆସାରି ଦେଉଳଠାରେ ପତିମହାପାତ୍ର ଘଷାବିଡ଼ିଆ ମଣୋହି ଓ ବନ୍ଦାପନା କରିଥିଲେ। ଜଗମୋହନଠାରେ ମଧ୍ୟ ଏହି ନୀତି କରାଯାଇଥିଲା। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାପ୍ରଭୁ ରଥରୁ ଓହ୍ଲାଇବା ପରେ ଲକ୍ଷ୍ମୀ ଠାକୁରାଣୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଭେଟ ମଣ୍ଡପଠାରେ ଖଟ ଶେଯ ମେକାପ ପକାଇଥିବା ଡମ୍ବରୁ ଉପରେ ବିଜେ କରିଥିଲେ। ରଥରେ ଶ୍ରୀଜଗନ୍ନାଥଙ୍କ ବନ୍ଦାପନା ବେଳେ ଭିତରଚ୍ଛ ମହାପାତ୍ର ମା’ ଲକ୍ଷ୍ମୀଙ୍କ ବନ୍ଦାପନା କରିଥିଲେ। ଏହାପରେ ଭଣ୍ଡାର ଘରକୁ ମା’ ଲକ୍ଷ୍ମୀ ବିଜେ କରିଥିଲେ। ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ସିଂହଦ୍ୱାରକୁ ଆସିବା ପୂର୍ବରୁ ଦ୍ୱାର ବନ୍ଦ କରାଯାଇଥିଲା ଓ ପରେ ସିଂହଦ୍ୱାରକୁ ଆସିବା ମାତ୍ରେ ଖୋଲି ଦିଆଯାଇଥିଲା। ଏହାପରେ ମହାପ୍ରଭୁ ସିଂହଦ୍ୱାର ଅତିକ୍ରମ କରି ପହଣ୍ଡି ହୋଇ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପହଞ୍ଚିବା ପୂର୍ବରୁ ମହାଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପୂର୍ବରୁ ମହାପ୍ରଭୁଙ୍କ ପକ୍ଷରୁ ଦଇତା ଓ ଭିତରପଟେ ମହାଲକ୍ଷ୍ମୀଙ୍କ ପକ୍ଷରୁ ଭିତରଚ୍ଛ ମହାପାତ୍ର ବଚନିକା କରିଥିଲେ। ପରେ ଜୟବିଜୟ ଦ୍ୱାର ଖୋଲାଯାଇଥିଲା। ଭଣ୍ଡାରଘରେ ବିଜେ କରିଥିବା ମହାଲକ୍ଷ୍ମୀଙ୍କ ପାଖରେ ଠାକୁର ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ପକ୍ଷରୁ ଭିତରଚ୍ଛ ସେବାୟତ ବିବାହ ଗଇଁଠାଳ ଫିଟାଇଥିଲେ। ଏହାପରେ ବନ୍ଦାପନା କରାଯାଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ଉଦ୍ଦେଶ୍ୟରେ ରସଗୋଲା ଭୋଗ କରାଯାଇଥିଲା। ଏଭଳି ଭାବେ ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କରିଥିଲେ ମହାପ୍ରଭୁ। ଶେଷରେ ଘସାବିଡ଼ିଆ ମଣୋହୀ ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ। ଏହାପରେ ମହାସ୍ନାନ, ରୋଷହୋମ, ମଇଲମ, ଚନ୍ଦନଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଡ଼ ସିଂହାର ବେଶ, ବଡ଼ସିଂହାର ଭୋଗ ଶେଷ କରାଯାଇ ରାତ୍ର ପହୁଡ଼ ସମ୍ପାଦିତ ହୋଇଥିଲା। ଅନ୍ୟପକ୍ଷରେ ନୀଳାଦ୍ରି ବିଜେ ନୀତିକାନ୍ତି ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ବିଳମ୍ବ ଘଟିଥିଲା। ଅପରାହ୍ନ ୪ଟାରେ ପହଣ୍ଡି ଆରମ୍ଭ ଲାଗି ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ସନ୍ଧ୍ୟା ୬ଟା ହୋଇଥିଲା। ତେବେ ନୀଳାଦ୍ରି ବିଜେ ସହ ରଥଯାତ୍ରା ସୁଚାରୁ ରୂପେ ସମ୍ପନ୍ନ ହୋଇଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଚାଷୀଙ୍କୁ ହତ୍ୟା

**ସମ୍ବଲପୁର, ୧୨।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଧମା ଥାନା କୁଡାପରାର ଚାଷୀ ନେପାଳ ପୋଡ଼ (୫୫)ଙ୍କୁ ମଙ୍ଗଳବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ସମ୍ପୃକ୍ତ ୩ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ନେପାଳ ନିଜ ସମ୍ପର୍କୀୟଙ୍କ ସହ ବିଲକୁ ଚାଷ କରିବା ପାଇଁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଗ୍ରାମ ରାସ୍ତା ଦେଇ ଯିବା ସମୟରେ ୩ଜଣ ଯୁବକ ତାଙ୍କ ପିଛା କରିଥିଲେ। ସେମାନେ ନିଛାଟିଆ ସ୍ଥାନ ଦେଖି ନେପାଳଙ୍କୁ ଆକ୍ରମଣ କରିଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡିଯାଇଥିଲେ। ଅଳ୍ପ ଦୂରରେ ଥିବା ସମ୍ପର୍କୀୟ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ହତ୍ୟାର କାରଣ ଜଣା ପଡିନାହିଁ, ତଦନ୍ତ ଜାରି ରହିଥିବା ପୋଲିସ କହିଛି।


# classifieds

**Everyday**
0674-2580101, 2549302





### BRIDE WANTED

**Hindu Brahmin 55 years, 5’4”, Govt. Service, widow & Divorcee allowed, caste no bar. M: 9556803340.** D-976

### GROOM WANTED

37 ବୟସ୍କା ବ୍ରାହ୍ମଣ Nurse ଚାକିରି କରୁଥିବା divorcee ସୁନ୍ଦର ଝିଅଙ୍କୁ any caste married/unmarried ପୁଅ ଦରକାର। 6371085658. D-948

Gudia bride, 31yrs, 5’3”, Ph.D. Agriculture Scientist (Govt.), Father retired Govt. Officer, looking suitable match. Contact: 7978165511. D-73934





### SALE

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73936

ଭୁବନେଶ୍ୱର Ravi Talkies 1.5k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73841

**ଭୁବନେଶ୍ୱର ରବିଟକିଜ ଛକରୁ ମାତ୍ର 5 କିଲୋମିଟର ଦୂର ଶିଶୁପାଳ ଗାଁରେ ଅତିଶୀଘ୍ର ଘରକରିବା ଯୋଗ୍ୟ 34 ଡିସିମିଲ yellowzone ଜାଗା ମାତ୍ର 23 ଲକ୍ଷ ଟଙ୍କାରେ ବିକ୍ରୟ ହେବ। Call: 8144658008, 8658830143.** D-983

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Gharabari advance boundarywall plot sale Gudiapokhari Omvihar with 30’road, electricity, plantetion, Patta limited plot available. 8763887357, 8144730854.** D-73274

କଟକ–ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

ଭୁବନେଶ୍ୱର **Sum Hospital** ଠାରୁ **6k.m.** ଦୂରତାରେ କଣ୍ଟାବାଡ଼ **NH 16** ରୁ **50mtr** ଦୂରରେ **boundary, electricity 30ft.** ରୋଡ୍ ଥାଇ ଘରବାରି **plot** ମିଳୁଛି। **9348444368.** D-73261

2100sqft. and 1200sqft. plots available just 3kilometer from Hi-Tech Medical Square (BBSR-Cuttack NH). Contact: 9040686695. D-71347

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ **30ft. road,** ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ **sqft.-320/-, 850/-**ରେ ମିଳୁଛି। **9668344479, 9437607388.** D-73268

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School**କୁ ଲାଗି **30’ road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

**ପୁରୀ ଶ୍ରୀମନ୍ଦିର ପାଖରୁ 6 କିଲୋମିଟର ଗିରଳ ଛକ 200ଫୁଟ ରୋଡ୍‌କୁ ଲାଗି 173 ଡିସିମିଲ (1.73Acre) ଘରବାଡ଼ି commercial plot ସମ୍ପୂର୍ଣ୍ଣ ମାଲିକାନା ଥାଇ ବିକ୍ରିହେବ। Only genuine buyer contact: 9438109040, 8144658008.** D-982

### PURCHASE

Wanted land in Bhubaneswar based on sharing & marketing. 9937816565, 8249017091. D-967

### ACCOMMODATION

**GCMMF LTD a reputed FMCG Company requires warehouse space of 30000 sqft. in and around Bhubaneswar preferably at Uttara or nearby areas on long term rent basis. Interested parties having warehouse or vacant land with parking space for 15 big trucks and willing to construct warehouse, contact 7978498079 or email:subhasish.rout@amul.coop.** D-985





All types hair cutting, body massage by smart lady room services available. Contact: 9938582450. D-71346

Refreshing your mind and body with the best therapy, 7873794731. D-872

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Ayurvedic full body massage ladies, gents with best therapy. 9040900385. D-73933

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Newly open Spa @899/- full body massage expert Therapist - 8093577103. D-73838

**One hour any therapy by expert therapist @999 only. 9078484455.** D-73621

Trupti Spa, 9861550765. Our genuinety is our strength. Stay safe. D-925

### କୃଷି ବିଜ୍ଞାନରେ ଡକ୍ଟରେଟ୍ ଲାଭ



ଶ୍ରୀ ଗୌତମ ଦାସ Plant Breeding and Genetics ବିଷୟରେ ଗବେଷଣା କରି OUAT, BBSRରୁ ଡକ୍ଟରେଟ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। PBG Deptt.ର Prof. & Head Dr. B. Pradhan ଏବଂ ICAR-NRRL, Cuttackର Senior Scientist Dr. R.L. Vermaଙ୍କ ତତ୍ତ୍ୱାବଧାନରେ ସେ ‘Dev. of Submergence tolerant rice genotypes for shallow lowland ecology through MABB.” ଉପରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭଟି Dr. Mohan Rao, Prof. & Head Deptt. of G & PB, GKVK UAS, Bangaloreଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀ ଦାସ ଓଡ଼ିଶା ସରକାରଙ୍କ କୋରାପୁଟ ଜିଲା ସହକାରୀ କୃଷି ଅଧିକାରୀ ଭାବେ କାର୍ଯ୍ୟରତ। ସେ ବାଲେଶ୍ୱର ଜିଲା ଭୋଗରାଇ ଥାନା ସୋହରିଆ ପଞ୍ଚାୟତର ଝାଡସିମୁଳିଆ ଗ୍ରାମର ସ୍ୱର୍ଗତ ଦୁର୍ଗାଶଙ୍କର ଦାସ ଓ ଶ୍ରୀମତୀ ଆରତୀ ଦାସଙ୍କ ସୁପୁତ୍ର। ବସ୍ତା ବ୍ଲକ ପହଣା ଗ୍ରାମର ସ୍ୱର୍ଗତ ଗୋପବନ୍ଧୁ ବେହେରା ଓ ରାଧାରାଣୀ ମହାପାତ୍ରଙ୍କର ସେ ଜ୍ୱାଇଁ। ଏହି ସଫଳତା ପାଇଁ ତାଙ୍କ ଗାଇଡ ପ୍ରଫେସର, ପତ୍ନୀ ଜ୍ୟୋତିଲକ୍ଷ୍ମୀ, ସାନଭାଇ ସଞ୍ଜୟ ଓ ଉତ୍ତମ, ପୁତ୍ର ଆଦ୍ୟାଂଶଙ୍କ ସମେତ ବନ୍ଧୁବାନ୍ଧବ, ପରିବାରବର୍ଗଙ୍କୁ ଶ୍ରେୟ ଦେଇଛନ୍ତି। ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗଠାରେ ସେ କୃତଜ୍ଞ। ଧ–୯୮୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ଶୋଇଲେ ବଢ଼ଇ ଆୟୁ,**
**ଖାଇ ଧାଇଁଲେ ବଢ଼ଇ ବାୟୁ,**
**ଖାଇ ବସିଲେ ବଢ଼ଇ ପେଟ,**
**ଖାଇ ଖାଇଲେ ଯମର ଭେଟ।**

ଖାଇ ସାରିବା ପରେ ବିଶ୍ରାମ ନେଲେ ଖାଦ୍ୟ ଭଲ ଭାବେ ହଜମ ହେବା ସହ ଏହା ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥାଏ। ଖାଦ୍ୟ ଗ୍ରହଣ ପରେ ଶାରୀରିକ ପରିଶ୍ରମ କରିବା ଫଳରେ ଖାଦ୍ୟ ହଜମ ନ ହେବା ସହ ପେଟ ଖରାପ ହେବାର ସମ୍ଭାବନା ରହିଥାଏ। ଖାଇପିଇ ବସି ରହିଲେ ମେଦ ବୃଦ୍ଧି ହେବା ସହ ପେଟ ବଢିଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସେହିପରି ସଦା ସର୍ବଦା ଖାଦ୍ୟ ଖାଇବା ଦ୍ୱାରା ଶାରୀରିକ ଅସୁସ୍ଥତା ଦେଖାଦେଇଥାଏ। ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଖାଇବାର ଶୈଳୀକୁ ଏଠାରେ ବର୍ଣ୍ଣନା କରାଯାଇଛି।

**ଖତ ବରଷେ,**
**ପଙ୍କ ପୁରୁଷେ।**

ଜମିରେ ଖତ ମାତ୍ର ଗୋଟିଏ ବରଷ ପର୍ଯ୍ୟନ୍ତ ଏହାର ଗୁଣ ବା ଲାଭ ଦେଖାଇଥାଏ। ପରନ୍ତୁ ପଙ୍କ ବହୁକାଳ ପର୍ଯ୍ୟନ୍ତ ଗୁଣ ଜମେଇ ରଖିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଶାନ୍ତ ସିଂହର...

ପ୍ରଥମ ପୃଷ୍ଠାରୁ...

ଐତିହାସକାର ଏବଂ ସାମାଜିକ କର୍ମୀ ମଧ୍ୟ ରାଷ୍ଟ୍ରୀୟ ଚିହ୍ନର ନୂଆ ରୂପକୁ ନେଇ ପ୍ରତିବାଦ ଜଣାଇଛନ୍ତି। ଏଥିରେ କୌଣସି ପ୍ରକାର ହସ୍ତକ୍ଷେପ କିମ୍ବା ପରିବର୍ତ୍ତନ ଗ୍ରହଣୀୟ ନୁହେଁ। ଆମ ଲାୟନ୍ ଉଗ୍ର ଏବଂ କ୍ରୋଧପୂର୍ଣ୍ଣ ଦେଖାଯିବା କ’ଣ ଆବଶ୍ୟକ ରହିଛି ବୋଲି ଐତିହାସକାର ଏସ୍. ଇରଫାନ୍ ହବିବ୍ କହିଛନ୍ତି। ‘ମହାତ୍ମା ଗାନ୍ଧୀଙ୍କଠାରୁ ନାଥୁରାମ ଗଡ୍‌ସେ, ଶାନ୍ତ ସ୍ୱଭାବର ଜାତୀୟ ସ୍ତମ୍ଭର ସିଂହରୁ ନୂଆ ପାର୍ଲାମେଣ୍ଟ ସେଣ୍ଟ୍ରାଲ ଭିଷ୍ଟା ଅଶୋକ ସିଂହର କ୍ରୋଧିତ ରୂପ। ଏହା ହିଁ ମୋଦିଙ୍କ ନୂଆ ଭାରତ ବୋଲି କହି ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ପ୍ରଶାନ୍ତ ଭୂଷଣ କେନ୍ଦ୍ରର ଭାଜପା ସରକାରଙ୍କୁ ସମାଲୋଚନା କରିଛନ୍ତି। ଅଶୋକ ସ୍ତମ୍ଭରେ ସିଂହର ପ୍ରକୃତି ଏବଂ ଚରିତ୍ରକୁ ବଦଳାଇବା ଭାରତର ଏହି ରାଷ୍ଟ୍ରୀୟ ଚିହ୍ନ ପ୍ରତି ଘୋର ଅପମାନ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ କରିଛନ୍ତି। ନୂଆ ସ୍ତମ୍ଭରେ ନରଭକ୍ଷୀ ପ୍ରକୃତି ଦେଖିବାକୁ ମିଳିଥିବା ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ କହିଛନ୍ତି। ଆମ୍ ଆଦମୀ ପାର୍ଟି (ଏଏପି) ମଧ୍ୟ ନୂଆ ସ୍ତମ୍ଭର ପ୍ରତିରୂପକୁ ନେଇ ଭାଜପା ସରକାର ଉପରେ ଅଙ୍ଗୁଳି ଉଠାଇଛି। କୌଣସି ଐତିହ୍ୟକୁ ବଦଳାଇବା ଉଚିତ ନୁହେଁ ବୋଲି ଏଏପି ନେତା ସଞ୍ଜୟ ଭରଦ୍ୱାଜ କହିଛନ୍ତି। ରାଷ୍ଟ୍ରୀୟ ଚିହ୍ନ ବଦଳାଉଥିବା ବ୍ୟକ୍ତି ରାଷ୍ଟ୍ର ବିରୋଧୀ କି ନୁହେଁ ତାହା ଜବାବ ୧୩୦ କୋଟି ଦେଶବାସୀ ଦିଅନ୍ତୁ ବୋଲି ଏଏପି ଏମ୍‌ପି ସଞ୍ଜୟ ସିଂ ଟୁଇଟ୍ କରିଛନ୍ତି। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରା ମଧ୍ୟ ପୂର୍ବ କଳାକୃତି ଏବଂ ନୂଆ ଅଶୋକ ସ୍ତମ୍ଭର ଫଟୋ ଟୁଇଟ୍ କରିଛନ୍ତି।

ଅନ୍ୟପକ୍ଷରେ ଅଶୋକ ସ୍ତମ୍ଭର ଅନାବରଣ କାର୍ଯ୍ୟକ୍ରମକୁ କୌଣସି ବିରୋଧୀ ଦଳ ନେତାଙ୍କୁ ନ ଡାକିବା ଅସାମ୍ବିଧାନିକ ବୋଲି କଂଗ୍ରେସ, ସିପିଆଇ(ଏମ୍), ଏଆଇଏମ୍‌ଆଇଏମ୍ ପକ୍ଷରୁ ଅଭିଯୋଗ ହୋଇଛି। ଏଥିରେ କେବଳ ସରକାରଙ୍କ ଉପସ୍ଥିତି ଏକ୍‌ଜିକ୍ୟୁଟିଭ୍ ଏବଂ ଲେଜିସଲେଚର ମଧ୍ୟରେ କ୍ଷମତା ପାର୍ଥକ୍ୟ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିବା ବିରୋଧୀ କହିଛନ୍ତି। ଏଥିସହ ସ୍ତମ୍ଭରେ ସତ୍ୟମେବ ଜୟତେ କେଉଁଠି ଲେଖାଯାଇଛି ତାହା ମଧ୍ୟ ସ୍ପଷ୍ଟ ଭାବେ ଜଣାପଡୁ ନାହିଁ ବୋଲି ଅଭିଯୋଗ ହୋଇଛି।

### ସମାଲୋଚନା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ

ସେଣ୍ଟ୍ରାଲ ଭିଷ୍ଟା ବିଲ୍ଡିଂରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅନାବରଣ ହୋଇଥିବା ଅଶୋକ ସ୍ତମ୍ଭର ସିଂହ ପ୍ରତିରୂପକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିବାବେଳେ ଭାଜପା ଏହାର ଜବାବ ରଖିଛି। ବିରୋଧୀ ଦଳଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟରେ ଏପରି ଅଭିଯୋଗ ଆଣିଥିବା ଭାଜପା ମୁଖ୍ୟ ମୁଖପାତ୍ର ଅନିଲ ବାଲୁନି କହିଛନ୍ତି। ୧୫୦ ବର୍ଷ ପୂର୍ବେ ବ୍ରିଟିଶ ଶାସନବେଳେ ହୋଇଥିବା ପାର୍ଲାମେଣ୍ଟକୁ ବଦଳାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧୀନରେ ଭାରତ ଏହାର ନୂଆ ସଂସଦ ଭବନ ନିର୍ମାଣ କରୁଛି। ଏଥିରେ ନିରାଶ ହୋଇ ବିରୋଧୀ ଏଭଳି ଅଭିଯୋଗ ଆଣୁଛନ୍ତି। ମୋଦିଙ୍କୁ ଟାର୍ଗେଟ କରିବା ଏବଂ ଲୋକଙ୍କୁ ବିଭ୍ରାନ୍ତ କରି ପରିବେଶକୁ କଳୁଷିତ କରିବା ବିରୋଧୀଙ୍କ ଉଦ୍ଦେଶ୍ୟ ବୋଲି ବାଲୁନି କହିଛନ୍ତି। ସାରନାଥର ଏକ ସିଂହ ସହ ନୂଆ ଅଶୋକ ସ୍ତମ୍ଭକୁ ତୁଳନା କରାଯାଉଛି। କିନ୍ତୁ ବିରୋଧୀ ଜାଣିରଖିବା ଉଚିତ ଯେ, ନୂଆ ଅଶୋକ ସ୍ତମ୍ଭର ଉଚ୍ଚତା ୬.୫ ମିଟର, ଯାହା କି ସାରନାଥର ଉକ୍ତ ଅଶୋକ ସିଂହଠାରୁ ପ୍ରାୟ ୩ ଗୁଣ ବଡ଼। ନରେନ୍ଦ୍ର ମୋଦି ସୋମବାର ସେଣ୍ଟ୍ରାଲ ଭିଷ୍ଟାରେ ନିର୍ମିତ ଅଶୋକସ୍ତମ୍ଭକୁ ଅନାବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ପୋଲିସଙ୍କ...

ଛିଡା କରି ଜଣେ ବାଇକ୍ ଆରୋହୀଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ସୋନପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ ମାରୁତି ଆର୍ଟିଗା କାର (ନଂ. ଓଡି୧୬ଜେ–୧୩୫୫) ରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ଯାଇ ଅଟୋରିକ୍ସା ଓ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଅଟୋରିକ୍ସାରେ



ଗିରଫ ଡ୍ରାଇଭର ଅଜୟ ଜେଠୀ ଓ ଅଟକ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନା।

ବସିଥିବା ୮ ଯାତ୍ରୀ ରାସ୍ତା ଉପରେ ଛିଟ୍‌କି ପଡିଥିଲେ। ଗୁଆବତୀ କାର୍ ତଳେ ଚାପି ହୋଇ ରହିଥିବାରୁ ତାଙ୍କର ମୃତ୍ୟୁ ଘଟିଥିବାବେଳେ ସତ୍ୟ ଓ ପ୍ରାଣନାଥଙ୍କ ବି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ କାର ବେଲୁନ୍ ଫାଟିଯିବାରୁ ଭିତରେ ଥିବା ମହିଳା ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନା ଓ ତାଙ୍କ ବନ୍ଧୁ ତଥା ଡ୍ରାଇଭର କଟକ ଜିଲା ବାଙ୍କି ଅଞ୍ଚଳର ଅଜୟ ଜେଠୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାପରେ ଇନ୍ସପେକ୍ଟର ଓ ଡ୍ରାଇଭର କୌଶଳ କ୍ରମେ ଘଟଣାସ୍ଥଳରୁ ଖସି ଯାଇଥିଲେ। କାର୍ ଭିତରେ ଇନ୍ସପେକ୍ଟରଙ୍କ ପୋଲିସ ପୋଷାକ ଥିଲା। ତଦନ୍ତ ପରେ କାରଟି ମହିଳା ଇନ୍ସପେକ୍ଟର ସ୍ନିଗ୍ଧାରାଣୀଙ୍କ ବୋଲି ଜଣାପଡିଛି। ସ୍ନିଗ୍ଧାରାଣୀ ଏବେ ସୁନ୍ଦରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ। ତାଙ୍କ ଘର ବଲାଙ୍ଗୀରରେ। ତେବେ ଦୁର୍ଘଟଣାରେ ଆହତଙ୍କୁ ସହାୟତା ନ କରି ମହିଳା ପୋଲିସ ଅଧିକାରୀ ଫେରାର ହୋଇଯିବା ଘଟଣାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଘଟଣାସ୍ଥଳରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ପହଞ୍ଚି କାର୍ ଡ୍ରାଇଭରଙ୍କ ବେପାରୁଆ ଗାଡ଼ିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କହିଛନ୍ତି। ଡ୍ରାଇଭର ଓ ମହିଳା ପୋଲିସ ଅଧିକାରୀଙ୍କୁ ଠାବ କରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ସନ୍ଧ୍ୟାରେ ବଲାଙ୍ଗୀର ଭଟିକାଲପଡାରୁ ଡ୍ରାଇଭର ଅଜୟ ଜେଠୀ ଓ ଇନ୍ସପେକ୍ଟର ସ୍ନିଗ୍ଧାରାଣୀଙ୍କୁ ପୋଲିସ ଧରିଛି। ଅଜୟଙ୍କୁ ଗିରଫ କରାଯାଇଥିବା ବେଳେ ସ୍ନିଗ୍ଧାରାଣୀଙ୍କୁ ପୋଲିସ ପଚରାଉଚୁରା କରୁଛି।

ଅନ୍ୟପକ୍ଷେ ମୃତକଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଲୋକ ସକାଳ ସାଢେ ୭ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ସୋନପୁର–ବଲାଙ୍ଗୀର ଜାତୀୟ ରାଜପଥକୁ ବଡ଼ବାହାଲିଠାରେ ଅବରୋଧ କରିଥିଲେ। ଏସ୍‌ପି ପଣ୍ଡା, ସୋନପୁର ଉପଜିଲାପାଳ ଡକ୍ଟର ଈପ୍ସିତା ପ୍ରିୟଦର୍ଶନୀ ମିଶ୍ର, ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗ ଓ ତରଭା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତରଭା ଥାନାରେ ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇ ଦୁର୍ଘଟଣାଗ୍ରସ୍ତ କାର ଓ ଅଟୋରିକ୍ସାକୁ ଜବତ କରାଯାଇଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଭାଗ୍ୟସ୍ଥାନରେ ଚନ୍ଦ୍ର ଥିବାରୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳ ହେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସାଧାରଣ କଥାରେ ଯୁକ୍ତିତର୍କ କରି ଅଶାନ୍ତ ରହିବେ।

**ବୃଷ**



କୌଣସି କାମ ଠିକ୍ ସମୟରେ ନ ହେବା କାରଣରୁ ମନଦୁଃଖ ନ କରି ଓ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ**



ଦୀର୍ଘ ଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାରର କାମରେ ମନୋନିବେଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ।

**କର୍କଟ**



ଦୀର୍ଘଦିନର ପ୍ରତୀକ୍ଷା ପରେ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ। କିନ୍ତୁ ଏଥି ସହ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଖଳଲୋକମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ସିଂହ**



କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ବନ୍ଧୁଗହଣରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ।

**କନ୍ୟା**



ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**



ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଗୃହ ସମସ୍ୟା ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଧର୍ମକାର୍ଯ୍ୟ ପାଇଁ ନିକଟ ସମ୍ପର୍କୀୟଙ୍କଠାରୁ ପ୍ରେରଣା ମିଳିପାରେ।

**ବିଛା**



ଅଯଥା ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ, ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**



ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମକର**



ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା କେତେକାଂଶରେ ମନକୁ ହାଲୁକା କରିଦେବ। କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**କୁମ୍ଭ**



ସକାଳୁ ସକାଳୁ ସାଧାରଣ ଯୁକ୍ତତର୍କକୁ କେନ୍ଦ୍ରକରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। ଆର୍ଥିକ ସଙ୍କଟ ମଧ୍ୟଦେଇ ଗତି କରିବାକୁ ପଡ଼ିପାରେ। ଯାନବାହନରେ ସତର୍କତା ରକ୍ଷା କରିବା ଭଲ।

**ମୀନ**



କୌଣସି ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବାର ସୂଚନା ରହିଛି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୭୧,୩୦,୦୩୬ | ୬୩,୭୫,୭୩୨ | ୫୩,୪୯,୩୧,୫୬୩ |
| ଭାରତ | ୪,୩୬,୫୨,୯୪୪ | ୫,୨୫,୪୭୪ | ୪,୨୯,୯୬,୪୨୭ |
| ଓଡ଼ିଶା | ୧୨,୯୪,୫୮୫ | ୯୧୨୭(+୫୩) | ୧୨,୮୨,୨୭୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପାଠପଢ଼ା ସମୟରେ ସ୍କୁଲରେ ପଶିଲା ଭାଲୁ

## ଛାତ୍ରୀଛାତ୍ର, ଶିକ୍ଷକ ଭୟଭୀତ



ସ୍କୁଲ ପରିସରରେ ଭାଲୁଟି ଆଶ୍ରୟ ନେଇଛି।

**ନନ୍ଦାହାଣ୍ଡି,୧୨।୭(ଡି.ଏନ.ଏ)**

ପାଠପଢ଼ା ଚାଲିଥିବା ସମୟରେ ସ୍କୁଲରେ ପଶିଲା ଭାଲୁ। ପ୍ରବଳ ବର୍ଷାରେ ଖାଦ୍ୟ ନ ପାଇ ଭାଲୁ ଗାଁ ମୁହାଁ ହୋଇଥିଲା। ଜଙ୍ଗଲ ନିକଟରେ ସ୍କୁଲ ଥିବା ଦେଖି ସେଠାରେ ପଶି ଆଶ୍ରୟ ନେଇଥିଲା। ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ଅନ୍ତର୍ଗତ ମେରନାସ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏଭଳି ଘଟଣା ଦେଖିବାକୁ ମିଳିଛି।

ସ୍କୁଲ ପରିସରରେ ଭାଲୁ ଦେଖି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଖବର ପାଇ ବନ ବିଭାଗ ଟିମ୍ ପହଞ୍ଚି ଗତିବିଧି ଉପରେ ନଜର ରଖିଥିଲା। ତେବେ ଭାଲୁଟି ଖାଦ୍ୟ ଖୋଜି ନ ପାଇବା ପରେ ଜଙ୍ଗଲ ମୁହାଁ ହୋଇଥିଲା। ତେବେ ଭାଲୁ ପୁଣି ଫେରିବା ଆଶଙ୍କାରେ ବନ ବିଭାଗ ଟିମ୍ ସ୍କୁଲରେ ଦୀର୍ଘ ସମୟ ଧରି ଜଗି ରହିଥିଲେ। ସ୍କୁଲ ସମୟରେ ଭାଲୁ ଆସିବା ଘଟଣାକୁ ନେଇ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବିଦ୍ୟାଳୟର ପାଚେରି ନ ଥିବାବେଳେ ପାଖରେ ଜଙ୍ଗଲ ଥିବାରୁ ବନ୍ୟପ୍ରାଣୀ ଚାଲିଆସୁଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ତେବେ ପାଚେରି ନିର୍ମାଣ ବିଷୟରେ ସେ କିଛି କହିନାହାଁନ୍ତି।

ADMISSION GUIDANCE
NIIS HIGHER SECONDARY SCHOOL
Sarada Vihar, Madanpur, Bhubaneswar-752054
(Permanently Recognised by Govt. of Odisha & Affiliated to CHSE Odisha)
+2 Science & +2 Commerce
Including Engineering & Medical Coaching
Including CA / CS / CMA / MGMT
(Residential, Teaching & Coaching)
Admission Through SAMS, Odisha
For more details Contact: 9778899991 / 9778899990
Email: niisadmission2019@gmail.com | Website: www.niisgroup.org

# ସ୍କୁଲରେ ଟିକାକରଣକୁ ତ୍ୱରାନ୍ୱିତ କରିବ ବିଏମ୍ସି

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ରାଜଧାନୀରେ ଏବେ କରୋନା ସଂକ୍ରମଣ ବଢୁଥିବାରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପୁଣି କଟକଣା ଲାଗୁ କରିଛି। ଏଥିସହ ସଂକ୍ରମଣ ରୋକିବାକୁ ଟିକାକରଣକୁ ଗୁରୁତ୍ୱ ଦେଉଛି। ବିଶେଷକରି ୧୨ ରୁ ୧୪ବର୍ଷ ବୟସର ପିଲାଙ୍କୁ ସମ୍ପୂର୍ଣ୍ଣ ଟିକାକରଣ ପାଇଁ ଅଣ୍ଟା ଭିଡ଼ିଛି। ଏଥିପାଇଁ ସ୍କୁଲରେ ଟିକାକରଣକୁ ତ୍ୱରାନ୍ୱିତ କରିବ ବିଏମ୍ସି। ଏନେଇ ମଙ୍ଗଳବାର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ୭୦ଟି ସରକାରୀ ଓ ଘରୋଇ ସ୍କୁଲର ପ୍ରତିନିଧି ଯୋଗଦେଇଥିଲେ। ସ୍କୁଲରେ ଟିକାକରଣର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା।

# ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୭.୦୧%

## ଧାର୍ଯ୍ୟ ସର୍ବୋଚ୍ଚ ସହନଶୀଳ ସ୍ତରଠାରୁ ଊର୍ଦ୍ଧ୍ୱରେ ରହିଛି

**ନୂଆଦିଲ୍ଲୀ,୧୨।୭**

ଦେଶରେ ଗତ ଜୁନ୍ ମାସରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ(ସିପିଆଇ) ଭିତ୍ତିକ ଖୁଚୁରା ମୁଦ୍ରାସ୍ଫୀତି ୭.୦୧ ପ୍ରତିଶତ ରହିଛି। ଏହା ପୂର୍ବ ମାସ ଅର୍ଥାତ୍ ମେ (୭.୦୪%)ଠାରୁ ସାମାନ୍ୟ ହ୍ରାସ ପାଇଛି। କିନ୍ତୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଧାର୍ଯ୍ୟ ହୋଇଥିବା ସର୍ବୋଚ୍ଚ ସହନଶୀଳ ସ୍ତର (୬%)ଠାରୁ ଜୁନ୍ ମୁଦ୍ରାସ୍ଫୀତି ୧%ରୁ ଅଧିକ ଊର୍ଦ୍ଧ୍ୱରେ ରହିଛି। କ୍ରମାଗତ ୩ ମାସ ହେଲା ଖୁଚୁରା ମୁଦ୍ରାସ୍ଫୀତି ୭% ଉପରେ ରହିଆସୁଛି। ଏହି ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ପାଇଁ ଆର୍‌ବିଆଇ ଗତ ୨ ମାସରେ ୨ ଥରରେ ରେପୋ ରେଟ୍ ୯୦ ବେସିକ୍ ପଏଣ୍ଟ (ବିପିଏସ୍) ବଢ଼ାଇଛି। ତଥାପି ଆଖିଦୃଶିଆ ସୁଧାର ଆସିପାରିନାହିଁ। ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ବିଶ୍ୱରେ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ଏବଂ ଅଶୋଧିତ ପେଟ୍ରୋଲିୟମ୍ ତୈଳର ମୂଲ ଉଚ୍ଚା ରହୁଥିବା କାରଣରୁ ଭାରତରେ ମୁଦ୍ରାସ୍ଫୀତି ସହନଶୀଳ ସ୍ତରଠାରୁ ଅଧିକ ରହୁଛି। ଚଳିତବର୍ଷ ଜୁନ୍‌ରେ ଖାଦ୍ୟ ମୁଦ୍ରାସ୍ଫୀତି ପୂର୍ବ ମାସ ତୁଳନାରେ ସାମାନ୍ୟ ହ୍ରାସ ପାଇଛି। ଗତ ମେ ଏହା ୭.୯୭ ପ୍ରତିଶତ ଥିବାବେଳେ ଜୁନ୍‌ରେ ୭.୭୫ ପ୍ରତିଶତ ରହିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ତଥ୍ୟରୁ ଜଣାପଡ଼ିଛି। ତେବେ ଆସନ୍ତା ଡିସେମ୍ବର ସୁଦ୍ଧା ମୁଦ୍ରାସ୍ଫୀତିର ବର୍ଦ୍ଧିତ ସ୍ଥିତିରେ ସୁଧାର ଆସିବ ବୋଲି ଆର୍‌ବିଆଇ ଗର୍ଭନର ଶକ୍ତିକାନ୍ତ ଦାସ କହିଛନ୍ତି। ଆର୍‌ବିଆଇ ଦ୍ୱିମାସିକ ମୁଦ୍ରାନୀତି ସ୍ଥିର କରିବାବେଳେ ମୁଖ୍ୟତଃ ଖାଉଟି ମୂଲ୍ୟ ସୂଚକାଙ୍କ ଉପରେ ଧ୍ୟାନ ଦେଉଛି। ମୁଦ୍ରାସ୍ଫୀତି ୨%ରୁ ୬% ମଧ୍ୟରେ ରହିବା ପାଇଁ ଆବଶ୍ୟକ ନୀତି ନିର୍ଦ୍ଧାରଣ ନିମନ୍ତେ ଆର୍‌ବିଆଇ ଉପରେ କେନ୍ଦ୍ର ସରକାରଙ୍କ ଚାପ ରହିଆସୁଛି। ତଦନୁଯାୟୀ ମେ, ଜୁନ୍‌ରେ ରେପୋ ରେଟ୍ ବୃଦ୍ଧି କେତେକ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ଆଗାମୀ ଦିନରେ ପୁଣି ରେପୋ ରେଟ୍ ବୃଦ୍ଧି ହେବା ନେଇ ବଜାର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

# ଆଜିଠୁ ମିଳିବ ନୀଳାଚଳ ଅବଢ଼ା

**ପୁରୀ ଅଫିସ,୧୨।୭**

ନବଦିନାତ୍ମକ ଘୋଷଯାତ୍ରା ସାରି ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀଭାଇଙ୍କ ସହ ଏବେ ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜମାନ କରୁଛନ୍ତି। ଆଷାଢ଼ ମାସ ଶୁକ୍ଳପକ୍ଷ ଚର୍ତୁଦଶୀ ତିଥି ମଙ୍ଗଳବାର ରଥାରୂଢ଼ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନସିଂହାସନ ରୂଢ଼ ହୋଇଛନ୍ତି। ସ୍ନାନପୂର୍ଣ୍ଣିମାଠାରୁ ଶୂନ୍ୟ ପଡିଥିବା ଶ୍ରୀମନ୍ଦିର ରତ୍ନବେଦୀ ମହାପ୍ରଭୁଙ୍କ ବିଜେ ପରେ ପୁଣି ପୂର୍ଣ୍ଣ ହୋଇଉଠିଛି। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ବୁଧବାରଠାରୁ ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ବାହାରିବ। ଭକ୍ତ ଏବଂ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ। ସେହିପରି ଚତୁର୍ଦ୍ଧାବିଗ୍ରହଙ୍କୁ ଭକ୍ତମାନେ ଶ୍ରୀମନ୍ଦିରରେ ଦର୍ଶନ କରିବେ। ବୁଧବାର ମହାପ୍ରଭୁଙ୍କ ସକାଳ ଧୂପ ପରେ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ। ବାହୁଡା ଦିନଠାରୁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଭୋଗ ଲାଗିହୋଇ ନ ଥିଲା। ମହାପ୍ରଭୁ ରଥ ଉପରେ ଥିବାରୁ ମହାପ୍ରଭୁଙ୍କୁ ଶୁଖିଲି ମହାପ୍ରସାଦ ଲାଗି ହେଉଥିଲା। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବାପରେ ବୁଧବାର ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବ। ରଥଯାତ୍ରା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ପ୍ରଥମକରି ମହାପ୍ରସାଦ ଲାଗି ହେଉଥିବାରୁ ଏହାକୁ ନୀଳାଚଳ ଅବଢା ବୋଲି କୁହାଯାଇଥାଏ। ରଥଯାତ୍ର ପୂର୍ବରୁ ଯେଉଁଭଳି ଭକ୍ତମାନେ ମହାପ୍ରସାଦ ପାଉଥିଲେ। ଠିକ ସେହିଭଳି ଭାବରେ ମହାପ୍ରସାଦ ଶ୍ରୀମନ୍ଦିର ପରିସରରେ ପାଇପାରିବେ।

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
25 years as an institution, 18 years as a university
Established U/S 3 of UGC Act, 1956, Bhubaneswar, Odisha, India
ADMISSION OPEN
APPLY ONLINE
through KIIT websites
www.kiit.ac.in/www.kiitee.ac.in
No Application / Examination Fee
KIIT DU Rank 21 | Rank 1 | 801-1000 | India's first QS 5 Stars Rated University | QS STARS | IET | NAAC A | ISAS
UG PROGRAMME
- B.Com. (Hons) 3 Years
- BA in Economics (Hons) 3 Years
- BA in Psychology (Hons) 3 Years
- BA in Sociology (Hons) 3 Years
- BA in English (Hons) 3 Years
- BA in Anthropology (Hons) 3 Years
PG PROGRAMME
- M.Com. 2 Years
- MA in Anthropology 2 Years
- MA in Leadership 2 Years
- MA in Economics 2 Years
- MA/M.Sc. in Psychology 2 Years
- MA in Sociology 2 Years
- MA /M.Sc. in Public Policy 2 Years
- MA in English 2Years
- MA in Spiritualism 2 Years
Director, Admissions:
Admission Cell, Koel Campus, Po- KIIT, Bhubaneswar-751024, Odisha, India
Ph: 8114373311/12/13/14/15, 0674-2741747, Fax : 0674 - 2741465
Email: admission@kiit.ac.in, Websites: www.kiitee.kiit.ac.in & www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

TUSHI MOTORS
CUTTACK: 9078076450. PANIKOILI: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.

SKY AUTOMOBILES
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 8093027882. NARSINGHPUR: 8093027882. KAMAKHYANAGAR: 8093027882. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

ODYSSEY MOTORS
ANGUL: 7752076136, 9776901481. PALLAHARA: 7873565435, 9437831123.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. Terms and conditions apply. Terms and conditions are subject to change without any prior notice. ##As certified by Test Agency Under Rule 115 (G) of CMVR 1989. ^Claim supported by independent research agency-JATO Dynamics Limited and is applicable in the petrol category. #Gold Voucher is applicable on select models/variants only. For more details, please contact your nearest ARENA dealership. Features and accessories shown may not be part of standard fitment. Car color may vary due to printing on paper. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2022.

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ। -ଶ୍ରୀମା



# ୭.୦୪ରୁ ୭.୦୧

ଖୁଚୁରା ମୁଦ୍ରାସ୍ଫୀତି ଗତ ମେ'ରେ ୭.୦୪ ପ୍ରତିଶତ ରହିଥିଲା। ଜୁନ୍‌ରେ ଏହା କମି ୭.୦୧ ପ୍ରତିଶତରେ ପହଞ୍ଚିଥିବାରୁ କେନ୍ଦ୍ର ସରକାର ଏହି ତଥ୍ୟକୁ ବଡ଼ ଆକାରରେ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ହେଲେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମଶଃ ହ୍ରାସ ପାଉଥିଲେ ମଧ୍ୟ ତାହା ଉପରେ ସରକାରୀ ଭାବେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ୧୧ ଜୁଲାଇରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସର୍ବକାଳୀନ ନିମ୍ନ ସ୍ତରକୁ ଯାଇ ୭୯ ଟଙ୍କା ୪୫ ପଇସାରେ ପହଞ୍ଚିଛି। ମନେହେଉଛି ଯେପରି ୮୦ ଟଙ୍କାର ଘାଟିରୁ ଗଳିପଡ଼ିବା ଭାରତୀୟ ଟଙ୍କା ପାଇଁ ବେଶି ସମୟ ଲାଗିବ ନାହିଁ। ତେବେ ୧୨ ଜୁଲାଇରେ ଭାରତୀୟ ମୁଦ୍ରା ୭୯ ଟଙ୍କା ୪୪ ପଇସା ହୋଇଥିବା ଦେଖାଯାଇଛି। କିନ୍ତୁ ବଜାର ଅବସ୍ଥା ଦିନକୁ ଦିନ ସଙ୍କଟ ଆଡ଼କୁ ଗତି କରୁଥିବା ବେଳେ ଆଉ ଏକ ଝଟକା ଭାବେ ବିଦେଶୀ ପୁଞ୍ଜିନିବେଶକମାନେ ଚଳିତ ମାସ ୪,୦୦୦ କୋଟି ଟଙ୍କା ଭାରତରୁ ଉଠାଇ ନେଲେଣି। ଅଥଚ ଖୁଚୁରା ମୁଦ୍ରାସ୍ଫୀତି ପ୍ରତିଶତ ସାମାନ୍ୟ କମିବାକୁ ନେଇ ସରକାରୀ ବାହାବା ନିଆଯାଉଛି। ନିଯୁକ୍ତି ସଙ୍କୋଚନ ପ୍ରସଙ୍ଗ ଉଠାଉଥିବା ଲୋକଙ୍କୁ ଅଗ୍ନିବୀରଙ୍କ ଆବେଦନ ବହୁ ସଂଖ୍ୟାରେ ହୋଇଛି ବୋଲି କୁହାଯାଉଛି। ନିରପେକ୍ଷ ଭାବେ ଦେଖିଲେ ଏଥିରୁ ବୁଝାପଡୁଛି ଯେ, ବେକାରି ସମସ୍ୟା କେତେ ଗମ୍ଭୀର।

ପେଟ୍ରୋଲ ଓ ଡିଜେଲ ଦରକୁ ସାମାନ୍ୟ ହ୍ରାସ କରାଯିବା ପରେ ସରକାର ତାହାର ପ୍ରଚାର ବହୁ ଦିନ ଧରି କଲେ। ଏବେ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି କରି ଜନସାଧାରଣଙ୍କ ତଳିପେଟକୁ ଗୋଇଠା ମାରୁଛନ୍ତି। ଗ୍ୟାସ୍ ଉପରେ ସମାଜର ପ୍ରାୟ ସବୁବର୍ଗ ନିର୍ଭର କରୁଥିବାରୁ ସେଥିରେ ଅଧିକ ଅର୍ଥ ଉଠାଯାଇପାରିବ ବୋଲି ସରକାର ଧରିନେଇଛନ୍ତି। ବିଶେଷକରି ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କୁ ଅନ୍ୟସବୁ ଜାଳେଣିଠାରୁ ଦୂରେଇ ନେଇ କେବଳ ଗ୍ୟାସ୍ ଉପରେ ନିର୍ଭରଶୀଳ କରାଇଦେବା ପରେ ଏଭଳି କୁଠାରାଘାତ ସାଧାରଣ ଲୋକଙ୍କ ପାଇଁ ଅସହ୍ୟ ହୋଇପଡ଼ିଲାଣି। ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ହେବା ପରେ ଭାରତୀୟ ଅର୍ଥନୀତି ନିମ୍ନଗାମୀ ହୋଇଥିଲା। ସେଥିରୁ ରକ୍ଷା ମିଳି ନ ଥିବା ବେଳେ କୋଭିଡ୍-୧୯ ଦେଶବାସୀଙ୍କ ସ୍ୱାସ୍ଥ୍ୟ ଓ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଲା। ସରକାର ଅର୍ଥନୀତିକୁ ପୁନରୁଦ୍ଧାର କରିବେ କ'ଣ ଅନେକ ଅବାସ୍ତବ ରାଜନୈତିକ, ପ୍ରଶାସନିକ ଓ ଧାର୍ମିକ ନିଷ୍ପତ୍ତି ନେଇ ଜନସାଧାରଣଙ୍କୁ ଦୀର୍ଘ ସମୟ ଦ୍ୱନ୍ଦ୍ୱ ଭିତରେ ବୁଡ଼ାଇ ରଖିଛନ୍ତି। ଏଯାଏ ଅର୍ଥନୀତିକୁ ଭଲ ପବନ ଆସୁନାହିଁ। ତେଣୁ ଖୁଚୁରା ମୁଦ୍ରାସ୍ଫୀତି ୦.୦୩ ପ୍ରତିଶତ ହ୍ରାସକୁ ବଡ଼ ଆକାରରେ ଦେଖାଯାଇ ବାହାବା ନିଆଯାଉଛି। ଏହି ସଂଖ୍ୟାର ପ୍ରଭାବ ଖାଉଟି ଉପରେ ପଡୁଛି କି ନାହିଁ, ସବୁ ପାଠକ ନିଜେ ନିଷ୍ପତ୍ତି ନେଇପାରିବେ। ଜନସାଧାରଣଙ୍କ ହାତକୁ ଆବଶ୍ୟକ ଅର୍ଥ ଆସୁ ନ ଥିବାରୁ ସହରୀ ଏବଂ ଗ୍ରାମୀଣ ଉପଭୋକ୍ତା ବଜାରରୁ ବେଶି କିଛି କିଣିବାକୁ ସମର୍ଥ ହେଉନାହାନ୍ତି। ଯେହେତୁ ବିଭିନ୍ନ ପ୍ରକାର ସାମଗ୍ରୀର ଦର ଆକାଶଛୁଆଁ ହୋଇଯାଇଛି, ଲୋକେ ଅତି କଷ୍ଟ ହେଉ ପଛେ ଅଳ୍ପରେ ଚଳିବାକୁ ଚାହୁଁଛନ୍ତି। ଜନସାଧାରଣ ଅର୍ଥନୀତିର କ୍ଲିଷ୍ଟ ଶବ୍ଦ ବୁଝିବା ଚାହାନ୍ତି ନାହିଁ, ବ୍ୟୟ କରିବା ଭଳି ଦକ୍ଷତା ସେମାନଙ୍କ ପାଖରେ ରହିଲେ ବଞ୍ଚିବା ସୁଗମ ହୋଇଥାଏ। ସରକାର ଏହି ସୂକ୍ଷ୍ମ ଦିଗକୁ ଦେଖି ନୀତି କରିବା ଆବଶ୍ୟକ ହୋଇପଡ଼ିଲାଣି। କିନ୍ତୁ ତାହା ପରିବର୍ତ୍ତେ ସରକାରଙ୍କ ନିୟନ୍ତ୍ରଣାଧୀନ ସାମଗ୍ରୀଗୁଡ଼ିକର ଦର ପ୍ରାୟ ପ୍ରତ୍ୟେକ ଦିନ ବୃଦ୍ଧି ପାଉଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଆକାଶଛୁଆଁ ଦରବୃଦ୍ଧି ଯୋଗୁ ଯେଉଁ ପରିସ୍ଥିତି ସୃଷ୍ଟି ହେଉଛି, ସେଥିରେ ଅନ୍ୟସବୁ ସାମଗ୍ରୀର ଦାମ୍ ମଧ୍ୟ ବଢ଼ିଯାଉଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ଶ୍ରୀଲଙ୍କାରେ ମଧ୍ୟ ଏହିଭଳି ଅର୍ଥନୈତିକ ସ୍ଥିତି କିଛିମାସ ପୂର୍ବେ ଉପୁଜିଥିଲା। ତାହା ଏକ ସ୍ତରକୁ ସମଗ୍ର ଦେଶକୁ ଠେଲି ନେଲା, ଯାହାଫଳରେ ଆଜି ସେହି ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଛାଡ଼ି ପଳାତକ ହୋଇଯାଇଛନ୍ତି। ଏହି ନେତାମାନେ ବିଦା ହେବା ସତ୍ତ୍ୱେ ଶ୍ରୀଲଙ୍କା ପରିସ୍ଥିତିରେ ସୁଧାର ଦେଖାଦେଇ ନାହିଁ। ସେଥିରୁ ବୁଝିବାକୁ ହେବ ଯେ, ନେତାମାନେ ସୃଷ୍ଟି କରିଦେଉଥିବା ଅଡୁଆରୁ ବଞ୍ଚିବା କଷ୍ଟକର। ନେତାଙ୍କୁ ବିଦା କରିଦେଲେ ମଧ୍ୟ ତାହାର କୁପ୍ରଭାବ ଦୀର୍ଘମିଆଦୀ ରହିଯାଉଛି।

**ପେଟ୍ରୋଲ ଓ ଡିଜେଲ ଦରକୁ ସାମାନ୍ୟ ହ୍ରାସ କରାଯିବା ପରେ ସରକାର ତାହାର ପ୍ରଚାର ବହୁ ଦିନ ଧରି କଲେ। ଏବେ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି କରି ଜନସାଧାରଣଙ୍କ ତଳିପେଟକୁ ଗୋଇଠା ମାରୁଛନ୍ତି।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 9 | | | | | |
| 2 | | | 5 | 1 | | | 4 | |
| | 6 | 4 | | | 3 | | 8 | |
| | 4 | | | 5 | | | 2 | |
| | | | 8 | | | | 7 | 5 |
| 5 | | | 6 | | | | | |
| | | | | | 7 | | 9 | |
| | 3 | | 2 | | | | | 1 |
| 7 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 3 | 7 | 9 | 8 | 4 | 2 |
| 4 | 8 | 9 | 5 | 2 | 1 | 7 | 3 | 6 |
| 7 | 3 | 2 | 4 | 8 | 6 | 5 | 9 | 1 |
| 3 | 1 | 8 | 2 | 4 | 7 | 6 | 5 | 9 |
| 2 | 9 | 5 | 8 | 6 | 3 | 1 | 7 | 4 |
| 6 | 7 | 4 | 9 | 1 | 5 | 3 | 2 | 8 |
| 8 | 2 | 6 | 7 | 5 | 4 | 9 | 1 | 3 |
| 1 | 5 | 3 | 6 | 9 | 2 | 4 | 8 | 7 |
| 9 | 4 | 7 | 1 | 3 | 8 | 2 | 6 | 5 |

ଗତକାଲିର ଉତ୍ତର

# ଆଗ୍ନେୟ ଆହ୍ୱାନ



ଉପେନ୍ଦ୍ର ବିଶ୍ୱାଳ

ଗାନ୍ଧିଜୀଙ୍କୁ ଥରେ ପଚରାଯାଇଥିଲା- ଆପଣଙ୍କ ଦୃଷ୍ଟିରେ ଭାରତର ଆଶା ଓ ନିରାଶାର ଉତ୍ସ କ'ଣ? ତାଙ୍କର ମତ ଏମିତି ଥିଲା- ''ନାନାଦି ଶାସନ, ଶୋଷଣ, ଷଡ଼ଯନ୍ତ୍ର ସତ୍ତ୍ୱେ ଆଜି ବି ଆଧ୍ୟାତ୍ମିକତା ଆମ ସମାଜରେ ଅକ୍ଷୁଣ୍ଣ ରହିଛି, ଯାହାକି ଆଶା ଓ ଆଶ୍ୱାସନାର ବିଷୟ। ମାତ୍ର ଦିନକୁ ଦିନ ଭାରତୀୟ ଯୁବସମାଜ ବିପଥଗାମୀ ହୋଇ ଭୁଲିଚାଲିଛି ତା'ର ସ୍ୱାଭିମାନ ଓ ଆତ୍ମପ୍ରତ୍ୟୟକୁ। ଯୁବସମାଜର ଅଧୋଗତି ହିଁ ନିରାଶାର ପ୍ରମୁଖ କାରଣ।'' ଯେକୌଣସି ଦେଶର ଉତ୍ଥାନ-ପତନର ସୂତ୍ରଧର ହେଉଛନ୍ତି ଯୁବସମାଜ। ଏମାନେ ହେଉଛନ୍ତି ଦେଶର ଭାଗ୍ୟ ଓ ଭବିଷ୍ୟତ ଗଠନର ମୂଳାଧାର। ଯେଉଁ ଦେଶର ଯୁବସମାଜ ଯେତେ ଶୃଙ୍ଖଳିତ ଓ ମାର୍ଜିତ, ସେଦେଶ ସେତିକି ସମୃଦ୍ଧ ଓ ମହିମାନ୍ୱିତ। ଏହି ପରିପ୍ରେକ୍ଷୀରେ ଆସନ୍ତୁ ଟିକେ ନିରୀକ୍ଷଣ କରିବା ଆମ ଭାରତୀୟ ଯୁବ ମାନସକୁ, ଯେଉଁମାନଙ୍କ ଉପରେ ନିର୍ଭର କରୁଛି ଏ ଭୂମିର ଭବିଷ୍ୟତ। ତଥ୍ୟ କୁହେ, ଭାରତରେ ମାଦକଦ୍ରବ୍ୟ ସେବନକାରୀଙ୍କ ସଂଖ୍ୟା ଶତକଡ଼ା ପ୍ରାୟ ୮୦ଭାଗ। ୧୮ରୁ ୨୫ବର୍ଷ ବୟସର ପ୍ରାୟ ୨୫ଭାଗ ଯୁବା ଆଜି ଡ୍ରଗ୍ସ ପଞ୍ଝାରେ। ଏପରି କି ସ୍କୁଲ ପିଲାମାନେ ଏଥିରୁ ବାଦ୍ ପଡ଼ିନାହାନ୍ତି। ମେସ୍, ହଷ୍ଟେଲରେ ରହି ପାର୍ସଲରେ ଡ୍ରଗ୍ସ ମଗେଇ ସେବନ କରିବା କଲେଜ ପିଲାଙ୍କ ପାଇଁ ଆଜି ସହଜପନ୍ଥା ପାଲଟିଛି। ପୋଲିସର ଅଚାନକ ଚଢ଼ାଉବେଳେ ୨୦୧୯ରେ ୬୦ଟି ପାର୍ସଲ ଜବତ ହୋଇଥିଲା ବେଳେ ୨୦୨୧ରେ ୩୦୦ଟି। ଗତବର୍ଷ ୩୨୦୦ କୋଟି ଟଙ୍କାର କେବଳ କୋକେନ୍ ଜବତ ହୋଇଥିଲାବେଳେ ଗତ ମେ' ମାସରେ କୋକେନ୍ ଜବତ ହୋଇଛି ୫୦୦ କୋଟି ଟଙ୍କାର। ୨୦୨୨ର କେଇମାସ ଭିତରେ ଦେଶର ବିଭିନ୍ନ ସ୍ଥାନରୁ ପୋଲିସ ଜବତ କରିଛି ୪୧୭୨ କୋଟି ଟଙ୍କାର ଡ୍ରଗ୍ସ। ଗତ କେଇବର୍ଷ ଭିତରେ ଦେଶର ଯୁବାବର୍ଗଙ୍କ ମଧ୍ୟରେ କେମିତି ବଢ଼ିଚାଲିଛି ନିଶାସେବନ ଓ ଡ୍ରଗ୍ସ କାରବାର, ଆସନ୍ତୁ ଟିକେ ଜାଣିବା ନିମ୍ନୋକ୍ତ ତଥ୍ୟରୁ। ଦେଶର ଭିନ୍ନ ଭିନ୍ନ ତଦନ୍ତକାରୀ ସଂସ୍ଥା ଦ୍ୱାରା ୨୦୧୭ରେ ୨୧୪୬ କିଲୋ ହେରୋଇନ ଜବତ ହୋଇଥିଲାବେଳେ ୨୦୨୧ରେ ଜବତ ହୋଇଥିଲା ୬୪୦୦ କିଲୋ। ୨୦୧୭ରେ ୨୫୫୧ କିଲୋ ଅଫିମ ଜବତ ହୋଇଥିଲାବେଳେ ୨୦୨୧ରେ ୪୩୮୬ କିଲୋ। ୨୦୧୭ରେ ୩୫୨୫୩୯ କିଲୋ ଗଞ୍ଜେଇ/ଭାଙ୍ଗ ଜବତ ହୋଇଥିଲାବେଳେ ୨୦୨୧ରେ ୬୭୫୬୩୧ କିଲୋ। ପ୍ରଶ୍ନ ଉଠେ, ଏପରି ବିପୁଳ ପରିମାଣର ଜବତ ହେଉଥିବା ଡ୍ରଗ୍ସସବୁ ଆସୁଛି କେଉଁଠୁ? ଚାଇନା, ପାକିସ୍ତାନ, ତୁର୍କୀ ଆଦି ଦେଶଗୁଡ଼ିକରୁ ଚୋରାରେ ଡ୍ରଗ୍ସ ଆସି କେମିତି ପହଞ୍ଚୁଛି, ତାହା ତ ବେଶ୍ ଜଣାପଡ଼େ ନିମ୍ନୋକ୍ତ ଦୃଷ୍ଟାନ୍ତରୁ।



୨୦, ସେପ୍ଟେମ୍ବର ୨୦୨୦ ପ୍ରତ୍ୟୁଷରେ ଜମ୍ମୁ ଅନ୍ତର୍ଗତ ଆନ୍ତର୍ଜାତିକ ସୀମାରେ ସୀମା ସୁରକ୍ଷା ବଳର ଯବାନମାନେ ଜବତ କଲେ ୬୨ କିଲୋ ହେରୋଇନ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଓ କିଛି ଚାଇନା ପତ୍ରିକା। ଶତ୍ରୁଦେଶଗୁଡ଼ିକ ସୀମା ଦେଇ ଏମିତି ବ୍ୟାପକ ମାଦକ ଦ୍ରବ୍ୟ ସହିତ ବିଭିନ୍ନ ଅସ୍ତ୍ରଶସ୍ତ୍ର ଚାଲାଣ କରୁଥିବାର ଜଣାପଡ଼େ ବିଭିନ୍ନ ଘଟଣାରୁ। ସେମିତି ବି ୨୦୨୧ ସେପ୍ଟେମ୍ବରର ଏକ ଘଟଣା। ଗୁଜରାଟର ମୁନ୍ଦ୍ରା ଉପକୂଳରୁ ଅତି ଉଚ୍ଚମାନର ଡ୍ରଗ୍ସ ଭର୍ତ୍ତି ବଡ଼ ବୋଟ୍‌କୁ ଜବତ କରିବା ସହିତ ପୋଲିସ ଗିରଫ କରିଥିଲା ସେଥିରେ ଥିବା ୭ଜଣ ଇରାନୀ ନାଗରିକଙ୍କୁ। ଆଇଏସ୍ଆଇର ନିର୍ଦ୍ଦେଶରେ କାନ୍ଦାହାରରୁ ଆସିଥିଲା ଦୁଇଟି କଣ୍ଟେନରରେ ପ୍ରାୟ ୩୦୦୦ କିଲୋ ଡ୍ରଗ୍ସ, ଯାହାର ମୂଲ୍ୟ ଥିଲା ୨୧ ହଜାର କୋଟି ଟଙ୍କାରୁ ଅଧିକ। ମୁମ୍ବାଇର ଲାମିଙ୍ଗଟନ ରୋଡ଼ରେ ଥିବା ୬୦ ମହଲା ବିଶିଷ୍ଟ 'ନାଥାନି ହାଇଟ୍ସ'ର ଆପାର୍ଟମେଣ୍ଟର ୨୫ତମ ମହଲାରେ ମାସିକ ୭୦ହଜାର ଟଙ୍କା ଘରଭଡ଼ା ଦେଇ ରହୁଥିଲେ ଟ୍ୟାକ୍ସି ଚାଳକ ନବା ଶେଖ। ଅଣ୍ଡରୱାର୍ଲଡ ସହିତ ସମ୍ପର୍କ ଏବଂ ଚୋରା ଡ୍ରଗ୍ସ କାରବାର ଅଭିଯୋଗରେ ୩୦, ନଭେମ୍ବର ୨୦୨୦ରେ ପୋଲିସ ଚଢ଼ାଉ କରି ତାଙ୍କଠୁ ଜବତ କରେ କୋଟି କୋଟି ଟଙ୍କାର ଡ୍ରଗ୍ସ। ଏହିଭଳି ଟନ୍ ଟନ୍ ପରିମାଣରେ ଯେଉଁ ନିଶାସାମଗ୍ରୀ ଏଠାରେ ଆସି ପହଞ୍ଚୁଛି, ତାହା କ'ଣ ଭାରତର ସମୃଦ୍ଧ ଭବିଷ୍ୟତ ପାଇଁ ନା ଭାରତୀୟ ଯୁବ ସମାଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ?

ଏ ପ୍ରସଙ୍ଗରେ ଏଇଠି ମନେପଡ଼େ ଗୌତମ ବୁଦ୍ଧଙ୍କ ବାଣୀଟିଏ-''ତୁମେ ବରଂ ଶକ୍ତିଶାଳୀ ସିଂହ ବା ତୀକ୍ଷ୍ଣ ଖଡ୍ଗକୁ ଭୟ ନକର, କିନ୍ତୁ ନିଶାଠାରୁ ନିହାତି ସହସ୍ର ଯୋଜନ ଦୂରରେ ରୁହ। କାରଣ ସିଂହ ବା ଶସ୍ତ୍ର ଦ୍ୱାରା କିଛି କ୍ଷତି ହେଉ ବା ନହେଉ, କିନ୍ତୁ ନିଶା ଦ୍ୱାରା ତୁମର ସର୍ବନାଶ ହେବ ହିଁ ହେବ। ବରଂ ସିଂହ ବା ଖଡ୍ଗ ତୁମ ବୀରତ୍ୱ ବା ବଳିଦାନର ପରୀକ୍ଷା ନେଇଥାଏ; ମାତ୍ର ଭ୍ରଷ୍ଟାଚାରର ଜନନୀ, ପତନର କାରଣ ହେଉଛି ମାଦକ ଦ୍ରବ୍ୟ।'' ସେଇଥିପାଇଁ କୁହାଯାଇଥାଏ, ''ଯଦି କୌଣସି ଜାତିକୁ ଧ୍ୱଂସ କରିବାକୁ ଚାହଁ, ତେବେ ନିଶା ହେଉଛି ଶ୍ରେଷ୍ଠ ଶସ୍ତ୍ର।'' ଯେଉଁଥିପାଇଁ କି ଉପରୋକ୍ତ ଭାରତ-ବିରୋଧୀ ଶକ୍ତିଗୁଡ଼ିକ ବିଭିନ୍ନ ଉପାୟରେ ଭାରତ ଭିତରକୁ ବିପୁଳ ପରିମାଣର ମାଦକଦ୍ରବ୍ୟ ଠେସି ଦେଉଛନ୍ତି ଭାରତର ବିଶାଳ ଯୁବାବର୍ଗଙ୍କୁ ଟାର୍ଗେଟ କରି।

ନିଶା ସେବନକୁ ଦୃଢ଼ଭାବେ ବିରୋଧ କରୁଥିଲେ ମହାତ୍ମା ଗାନ୍ଧୀ। ମାତ୍ର ଆଜି ଯେଉଁଭଳି ଭାବେ ନିଶା କାରବାର କାୟାବିସ୍ତାର କରିସାରିଲାଣି, ସେଥିରୁ ଏ ଭୂମିକୁ ବଞ୍ଚେଇବା ଏକପ୍ରକାର ଅସମ୍ଭବ ବୋଲି ମନେହୁଏ। ସେମିତି ବି ଯେଉଁଭଳି ଢଙ୍ଗରେ ନିଶାର ଆଁରେ ଯୁବ ସମାଜ ଆଜି କବଳିତ, ସେଥିରୁ ତାଙ୍କୁ ମୁକୁଳାଇବା ମଧ୍ୟ ଏକ ଦୁରୂହ ବ୍ୟାପାର। ବାରାକ୍ ଓବାମାଙ୍କ ଭାଷାରେ, ''କୌଣସି ରାଷ୍ଟ୍ର ଯଦି ତା'ର ଶକ୍ତିର ଉତ୍ସ/ଯୁବ ସମାଜକୁ ଆଜି ନିୟନ୍ତ୍ରଣ ନ କରୁଛି, କାଲି ସେ ତା'ର ଭୂମିକୁ ମଧ୍ୟ ନିୟନ୍ତ୍ରଣ କରିପାରିବ ନାହିଁ।'' ଅତଏବ ଦେଶକୁ ବଞ୍ଚାଇବାକୁ ହେଲେ ଯୁବସମାଜକୁ ଆଗେ ବଞ୍ଚାଇବାକୁ ହେବ, ଯାହାକି ଏକ ଆଗ୍ନେୟ ଆହ୍ୱାନ। ସେଥିପାଇଁ ଆଜି ଲୋଡ଼ା ଅତ୍ୟନ୍ତ ଦୃଢ଼ ଓ ଦୂରଦର୍ଶୀ ପଦକ୍ଷେପ। ଏକ ଦୃଢ଼ ଓ ଦୂରଦର୍ଶୀ ନେତୃତ୍ୱ କ୍ଷମତା ନିଶାରେ ୫ ବର୍ଷକୁ ଆଖିଆଗରେ ରଖି କିଛି ନିଷ୍ପତ୍ତି ବା ପଦକ୍ଷେପ ନିଏନି। ଅତିକମ୍‌ରେ ସେ ୫ ପିଢ଼ି ପାଇଁ ଚିନ୍ତାକରି ପଦକ୍ଷେପ ନିଏ, ପାଞ୍ଚବର୍ଷ ପରେ କ୍ଷମତା ରହୁ ବା ନ ରହୁ। କୌଣସି ସଂସ୍କାରଧର୍ମୀ ପରିବର୍ତ୍ତନ ବା ସାହସିକ ପଦକ୍ଷେପ ପାଇଁ କାହାରିକୁ ହାତଯୋଡ଼ି ସେ ସମର୍ଥନ ମାଗେନି କି କାହାରି ନିନ୍ଦା ପ୍ରଶଂସାକୁ ଖାତିର କରେନି। ରାଷ୍ଟ୍ରୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅତି ଦୃଢ଼ତା ଓ ସାମର୍ଥ୍ୟର ସହିତ ନିର୍ଣ୍ଣୟ ନିଏ ସେ। 'ଅଗ୍ନିପଥ' ସେହିଭଳି ଏକ ସୁଦୂରପ୍ରସାରି, ସୁଚିନ୍ତିତ ପଦକ୍ଷେପ ବୋଲି ପ୍ରତୀୟମାନ ହୁଏ, ଯୁବାବର୍ଗଙ୍କୁ ବଞ୍ଚେଇବା ସହିତ ଦେଶକୁ ବଞ୍ଚେଇବା ଲକ୍ଷ୍ୟରେ। ଜୀବନର ଅତି ଗୁରୁତ୍ୱପୂର୍ଣ୍ଣ ସମୟ ହେଉଛି ୧୫ରୁ ୨୫ବର୍ଷ ବୟସ। ଏହି ସମୟ ହେଉଛି ଅତ୍ୟନ୍ତ ସମ୍ବେଦନଶୀଳ, ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ ଉଭୟ ବ୍ୟକ୍ତିପାଇଁ ଓ ଦେଶପାଇଁ। ଏହି ସମୟର ଜୀବନଚର୍ଯ୍ୟା ହିଁ ନିର୍ଦ୍ଧାରିତ କରିଥାଏ ବ୍ୟକ୍ତିର ଭବିଷ୍ୟତ ମାର୍ଗକୁ। ବ୍ୟକ୍ତିକୁ ବାଟ କଢ଼େଇ ନେଇଥାଏ ଉଜ୍ଜ୍ୱଳ ଭବିଷ୍ୟତକୁ ଅବା ଠେଲି ଦେଇଥାଏ ସଂକଟର ଗହ୍ୱରକୁ। ଏହି ସମୟରେ ଶୃଙ୍ଖଳା ଓ ଅନୁଶାସନ ଏକାନ୍ତ ଉପଯୋଗୀ। ଅଗ୍ନିପଥ ଯୋଜନାରେ କେତେ ପଇସା ମିଳିବ ତାହା ବଡ଼କଥା ନୁହଁ, ବଡ଼କଥା ହେଉଛି ଭବିଷ୍ୟତ ଭାରତ ବର୍ତ୍ତିଯିବ ଭୟଙ୍କର ବିପର୍ଯ୍ୟୟରୁ।

**ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

# କୃଷି ଶିକ୍ଷା ଘରୋଇକରଣର ପ୍ରଭାବ



ପ୍ରଫେସର ଚିନ୍ତାମଣି ପଣ୍ଡା

କୃଷି ଶିକ୍ଷାର ପ୍ରସାର ନିମିତ୍ତ ଯୁକ୍ତରାଷ୍ଟ୍ର ଆମେରିକା ଓ ଚାଇନା ପରେ ଭାରତ ବିଶ୍ୱର ତୃତୀୟ ଦେଶ, ଯହିଁରେ ତିନୋଟି କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ଚାରୋଟି ମାନ୍ୟତାପ୍ରାପ୍ତ କୃଷି ବିଶ୍ୱବିଦ୍ୟାଳୟ ଓ ୬୩ଟି ରାଜ୍ୟସ୍ତରୀୟ କୃଷି ବିଶ୍ୱବିଦ୍ୟାଳୟ ଅହରହ ଶିକ୍ଷାଦାନରେ ବ୍ରତୀ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତନ୍ମଧ୍ୟରୁ ଅନ୍ୟତମ, ଯାହାର ପ୍ରତିଷ୍ଠା ୧୯୯୨ ମସିହାରୁ ଉତ୍କଳ କୃଷି ମହାବିଦ୍ୟାଳୟ ନାମରେ ହୋଇଅଛି। ରାଜ୍ୟର ଚାହିଦା ମୁତାବକ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଚିପିଲିମା ଓ ଭବାନୀପାଟଣାରେ ଆଉ ଦୁଇଟି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇ କୃଷି ସ୍ନାତକମାନଙ୍କୁ ବିବିଧ କ୍ଷେତ୍ରରେ କର୍ମନିଯୁକ୍ତି ପାଇଁ ପ୍ରସ୍ତୁତ କରାଯାଉଛି।

ଏପରିସ୍ଥଳେ ଆବଶ୍ୟକତାର ଆଳ ଦେଖାଇ କୃଷି ଶିକ୍ଷା ପାଇଁ ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କୁ ଓଡ଼ିଶା ସରକାର ଅନୁମତି ପ୍ରଦାନ କରିବା ପରେ ଅନ୍ୟ ବୈଷୟିକ ଶିକ୍ଷା ପାଇଁ ଯଥେଷ୍ଟ ଛାତ୍ରୀଛାତ୍ର ନ ପାଇ ସେମାନେ କୃଷି ମହାବିଦ୍ୟାଳୟ ଖୋଲିବାରେ ଲାଗିପଡ଼ିଲେ। ରାଜ୍ୟରେ ଛତୁ ଫୁଟିବା ପରି ଘରୋଇ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନଗୁଡ଼ିକ ଆବଶ୍ୟକ ମୁତାବକ କର୍ମନିଯୁକ୍ତି ଯୋଗାଇ ନ ପାରିବାରୁ ଏ କ୍ଷେତ୍ରରେ ଘୋର ମାନ୍ଦାବସ୍ଥା ମଧ୍ୟରେ ଗତି କରୁଥିଲେ। ବିରାଡ଼ି କପାଳକୁ ଶିକା ଛିଡ଼ିଲା ପରି ଏ ସୁଯୋଗର ହାତଛଡ଼ା କରନ୍ତେ ବା କିପରି? ଫଳତଃ କୃଷିକୁ ଶିଳ୍ପର ମାନ୍ୟତା ପଛେ ନ ମିଳୁ, କୃଷି ଶିକ୍ଷା ଏକ ଶିଳ୍ପରେ ପରିଣତ ହୋଇଗଲା। ତେଣିକି ଶିକ୍ଷାର ମାନ ଯାହା ଥାଉନା କାହିଁକି, ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ କୃଷିସ୍ନାତକ ଉତ୍ପନ୍ନ ହୋଇ କର୍ମସଂସ୍ଥାନ ଅନ୍ୱେଷଣରେ ବାହାରିପଡ଼ିଲେ। ଅଧୁନା ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବା ପାଇଁ ସରକାରଙ୍କ କୌଣସି ସ୍ପଷ୍ଟ ଯୋଜନା ନାହିଁ। ବ୍ୟାଙ୍କଗୁଡ଼ିକ ସମ୍ମିଶ୍ରଣ ଫଳରେ ନିଯୁକ୍ତି ସୁଯୋଗ ପୁନଃ ସଙ୍କୁଚିତ ହୋଇଗଲା। ସୀମିତ ସଂଖ୍ୟାରେ ସରକାରୀ ନିଯୁକ୍ତି ବାହାରିଲା ସତ, କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ପରି। ବାଧ୍ୟ ହୋଇ କୃଷି ସ୍ନାତକମାନେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମକୁମାତ୍ର ଦାଖଲ ହୋଇ ସାଧାରଣ ସ୍ନାତକଙ୍କ ପରି ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଲେ। ଏଣୁ ଧୀରେ ଧୀରେ କୃଷି ଶିକ୍ଷା ବୈଷୟିକ ଶିକ୍ଷାର ମାନ୍ୟତା ହରାଇ ବସିଲା କେବଳ ସରକାରଙ୍କ ଏ ପ୍ରକାର ଦୂରଦୃଷ୍ଟିହୀନ ପଦକ୍ଷେପ ପାଇଁ। ଅନ୍ୟପକ୍ଷରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ବ୍ୟବସାୟିକ ଭିତ୍ତିରେ ବର୍ଷକୁ ବର୍ଷ ଅଧିକରୁ ଅଧିକ ଛାତ୍ରୀଛାତ୍ର ଗ୍ରହଣ କରୁଛନ୍ତି। ଏବେ ସରକାର କୃଷି ସ୍ନାତକମାନଙ୍କୁ ସ୍ୱରୋଜଗାର କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ଉପଦେଶ ଦେଉଛନ୍ତି। ପୂର୍ବତନ କୃଷିମନ୍ତ୍ରୀ ମଧ୍ୟ ଲଘୁ ପରିହାସ ଛଳରେ ଛାତ୍ରମାନଙ୍କୁ ଚାକିରି ପଛରେ ନ ଧାଇଁ ଚାଷ କରିବାକୁ କହିଥିଲେ। କୃଷି ଉଦ୍ୟୋଗରେ ସର୍ବାଧିକ ନିଯୁକ୍ତି ସୁଯୋଗ ବିଗତ ଦିନଗୁଡ଼ିକରେ ସୃଷ୍ଟି ହୋଇଥିବା କହି ଆମେ ଡିଣ୍ଡିମ ପିଟୁଥିବା ବେଳେ ଶିକ୍ଷାନବିସଙ୍କୁ ଜମି ଚଷିବାକୁ କହିବା ସମୀଚୀନ କି? ପୁଣି ଆଜିର ଯୁଗରେ ବ୍ୟୟବହୁଳ ବୈଷୟିକ କୃଷି ଶିକ୍ଷା ସମାପ୍ତି ପରେ କୌଣସି ଛାତ୍ର ବା ଅଭିଭାବକ କୃଷି କାର୍ଯ୍ୟ ପାଇଁ ଆଗଭର ହୋଇ ଆସିବେ କି? କୃଷିକୁ ଅମର୍ଯ୍ୟାଦାଜନକ କହି ସରକାର ଏହି ବିଭାଗର ଦାୟିତ୍ୱ ନେବାକୁ ଅନିଚ୍ଛୁକ ଥିବା ବେଳେ କୃଷି ସ୍ନାତକଙ୍କୁ ଧନ୍ଦାମୂଳକ କାର୍ଯ୍ୟ ପାଇଁ ପ୍ରେରିତ କରିବା କେତେଦୂର ଯୁକ୍ତିଯୁକ୍ତ। ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ କେତେଜଣ କୃଷିସ୍ନାତକ କୃଷି ଉଦ୍ୟୋଗପତି ହୋଇପାରିଛନ୍ତି? ଅତଏବ, ଏ ପ୍ରକାର ସ୍ଥିତିକୁ ଆକଳନ ନ କରି କୃଷି ଶିକ୍ଷାକୁ ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କ ହାତରେ ସମର୍ପିଦେବା ଏକ ଅଦୂରଦର୍ଶୀ ପଦକ୍ଷେପ ନୁହେଁ କି?



ଚାରିଆଡ଼େ ଖାଲି କୃଷି ମହାବିଦ୍ୟାଳୟ ଖୋଲିଦେଲେ ଆମେ କୃଷି ଶିକ୍ଷାର ପ୍ରସାର କରିପାରିବା ସିନା, କିନ୍ତୁ ବେକାରି ସମସ୍ୟାକୁ ଅଧିକରୁ ଅଧିକତର ଉତ୍କଟ କରାଇବାରେ ସାହାଯ୍ୟ କରିବାନିକି? ଉପଯୁକ୍ତ ଭିତ୍ତିଭୂମି ନ ଥାଇ ଶିକ୍ଷକ ମରୁଡ଼ି ପ୍ରବଣ ଶିକ୍ଷାୟତନରେ ଲାଭଖୋର ମନୋବୃତ୍ତି ରଖି ଯଦି ଶିକ୍ଷାଦାନ ଚାଲେ, ତା'ହେଲେ ଯେଉଁ ଶୈକ୍ଷିକ ବିକଳାଙ୍ଗ ଛାତ୍ରଗୁଡ଼ିଏ ସୃଷ୍ଟି ହେବେ, ଏମାନେ ନା ଘରକୁ ହେବେ ନା ଘାଟକୁ। ଏହାକୁ ଆମେ ଯଦି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ବୋଲି କହିବା, ତେବେ ଆଗାମୀ ସଙ୍କଟ ପାଇଁ ରାଜ୍ୟବାସୀଙ୍କ ସମ୍ମୁଖରେ ଦାୟବଦ୍ଧ ରହିପାରିବା ତ? ଏବେଠାରୁ ଆଖିଦୃଷ୍ଟିଆ ପଦକ୍ଷେପ ନ ନେଲେ ବିଧାନସଭା ସମ୍ମୁଖରେ ଇଞ୍ଜିନିୟରିଂ ଛାତ୍ରଙ୍କ ସହିତ ମିଶି ଭବିଷ୍ୟତରେ କୃଷି ଛାତ୍ରମାନେ ମଧ୍ୟ ଚାକିରି ଦାବିରେ ଜୋତା ପଲିସି କରିବା ଭଳି ପଦକ୍ଷେପ ନେଇପାରନ୍ତି। ଅତଏବ, ଏ ଦିଗରେ ଚିନ୍ତାନାୟକମାନେ ସରକାରଙ୍କୁ ବିଧିବଦ୍ଧ ଭାବେ ପରାମର୍ଶ ଦେବା ଉଚିତ ହେବ।

**ପୂର୍ବତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା**

## ଏଇ ଭାରତରେ

ମହିଳା ସଶକ୍ତୀକରଣର ଜଣେ ସମର୍ଥ ସାଧିକା ସୁରଭି ଯାଦବ। ସୁରଭି ଆଇଆଇଟି ଦିଲ୍ଲୀରୁ ବାୟୋକେମିକାଲ ଇଞ୍ଜିନିୟରିଂ ଓ ବାୟୋଟେକ୍‌ନୋଲୋଜିରେ ଏମ୍.ଟେକ୍ ଏବଂ ୟୁନିଭର୍ସିଟି ଅଫ୍ କାଲିଫର୍ନିଆରୁ ଡେଭଲପ୍‌ମେଣ୍ଟ ପ୍ରାକ୍ଟିସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତେବେ ଉଚ୍ଚ ବେତନର ଚାକିରିକୁ ପଛ କରି 'ସାଝେ ସପ୍‌ନା' ନାମକ ଏକ ସୋସିଆଲ ଏଣ୍ଟରପ୍ରାଇସ ମାଧ୍ୟମରେ ସେ ଗ୍ରାମୀଣ ମହିଳାଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ସେମାନଙ୍କୁ ଆଧୁନିକ କର୍ମଶକ୍ତି ଭାବେ ଗଢ଼ି ତୋଳୁଛନ୍ତି। ୨୦୨୦ରେ କୋଭିଡ୍-୧୯ ମହାମାରୀ ସମୟରେ ସେ ବିହାରର ଫୁଲା ଗ୍ରାମର ୪ ଜଣ ଝିଅଙ୍କୁ ଅନ୍‌ଲାଇନରେ ପଢ଼ାଇବା ପରେ ସେମାନଙ୍କୁ ବୃତ୍ତିଗତ କୌଶଳ, ଇମେଲିଂ, ନେଟୱର୍କିଂ ସମ୍ପର୍କରେ ଶିକ୍ଷା ଦେଇଥିଲେ। ପରେ ସେ ସାଝେ ସପ୍‌ନା ଆରମ୍ଭ କରି ହିମାଚଳପ୍ରଦେଶର ଖଣ୍ଡବାରି ଗାଁରେ ପ୍ରଥମ ଆବାସିକ କ୍ୟାମ୍ପସ ଖୋଲି ଝିଅମାନଙ୍କୁ ଶିକ୍ଷା ଓ କର୍ମ କୌଶଳ ଉପରେ ଗୁରୁତ୍ୱ ଦେଉଛନ୍ତି। ସୁରଭି ଓ ତାଙ୍କ ଟିମ୍ ଡୋନେସନ୍‌ରେ ଏହି କାର୍ଯ୍ୟ କରୁଛନ୍ତି। ସେ ବିଭିନ୍ନ ରାଜ୍ୟର ଏଭଳି କ୍ୟାମ୍ପସ ଖୋଲିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଜୁଲାଇ ୧୯୯୭**

- ୩୯ ଜଣ ଯାତ୍ରୀ ଏବଂ ୫ ଜଣ ବିମାନ କର୍ମଚାରୀଙ୍କୁ ନେଇ ଯାଉଥିବା କ୍ୟୁବାର ଏକ ଏ.ଏନ୍. ୨୪ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୪୪ ଯାତ୍ରୀ ମୃତ।
- ଉତ୍ତର ଶ୍ରୀଲଙ୍କା ଉପକୂଳରୁ ତାମିଲ ଗେରିଲାମାନେ ଉପହରଣ କରିନେଇଥିବା ୩୭ ଜଣ ଉତ୍ତର କୋରୀୟ ନାଗରିକଙ୍କୁ ମୁକ୍ତ କରିଦେଇଛି।
- ରାଜ୍ୟଗୋଷ୍ଠୀ, ଏସିଆ କ୍ରୀଡ଼ା ଓ ଅଲିମ୍ପିକ କ୍ରୀଡ଼ା ଇତ୍ୟାଦିରେ ଭାଗନେବା ପାଇଁ ମନୋନୀତ ହେଉଥିବା ଆଥଲେଟ୍‌ଙ୍କ ଗସ୍ତ ଖର୍ଚ୍ଚ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ବହନ କରିବାକୁ ନିଷ୍ପତ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦିଅନ୍ତୁ

ମହାଶୟ,

କେବଳ ରଥଯାତ୍ରା ନୁହେଁ ବର୍ଷର ବିଭିନ୍ନ ସମୟରେ ପୁରୀକୁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଆସିଥାନ୍ତି। ସେମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ମହୋଦଧିରେ ସ୍ନାନ କରି ନିଜକୁ ପବିତ୍ର ମନେକରନ୍ତି। କିନ୍ତୁ ପର୍ଯ୍ୟଟକମାନେ ପୁରୀର ମହୋଦଧିରେ ସ୍ନାନ କରିବା ସମୟରେ ଭାସିଯାଇ ମୃତ୍ୟୁମୁଖରେ ପଡୁଥିବାର ଖବର ବହୁ ସମୟରେ ପ୍ରକାଶ ପାଉଛି। ଏଣୁ ପୁରୀ ପ୍ରଶାସନ ଏଥପ୍ରତି ଧ୍ୟାନ ଦେଇ ଲୋକଙ୍କ ଜୀବନ ରକ୍ଷା କରିବା ଉଚିତ। ସେଠାକାର କ୍ଲବଗୁଡିକର ସଦସ୍ୟ, ଏନ୍‌ସିସି ପିଲା, ଅଗ୍ନିଶମ ବିଭାଗର କର୍ମଚାରୀ, ପୋଲିସ ବିଭାଗର କର୍ମଚାରୀ ତଥା ଉଦ୍ଧାରକାରୀ ସନ୍ତରଣକାରୀମାନଙ୍କୁ ସମୁଦ୍ର କୂଳରେ ନିୟୋଜିତ କରାଯିବା ଦରକାର। ପର୍ଯ୍ୟଟକମାନଙ୍କୁ ସଚେତନ କରାଇବା ସହିତ ସ୍ନାନ ସମୟରେ ଯେପରି ଦୁର୍ଘଟଣା ନ ଘଟେ, ସେଥିପ୍ରତି ତୀକ୍ଷ୍ଣ ନଜର ରଖିବା ଦରକାର।

**-ଚକ୍ରଧର ରାଉତ, ପଡୁଆଁପଦା, ବାଲେଶ୍ୱର**

## ସାମାଜିକ ବନୀକରଣ ଯୋଜନା ଆରମ୍ଭ ହେଉ

୧୯୮୦ରେ ଓଡ଼ିଶାରେ ବ୍ୟାପକ ଜଙ୍ଗଲ ସୃଷ୍ଟି ଲାଗି ତତ୍‌କାଳୀନ ସରକାର ସାମାଜିକ ବନୀକରଣ ପ୍ରକଳ୍ପ ଯୋଜନା ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଗ୍ରାମାଞ୍ଚଳର ଖେଳପଡିଆ ପାର୍ଶ୍ୱରେ ୟୁକାଲିପଟାସ ଚାରା ରୋପଣ କରାଉଥିଲେ। ସେଗୁଡ଼ିକର ସୁରକ୍ଷା ପାଇଁ ଜଣେ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହି ବ୍ୟକ୍ତିଙ୍କୁ ପାରିଶ୍ରମିକ ମଧ୍ୟ ଦିଆ ଯାଉଥିଲା। ଫଳରେ ହଜାର ହଜାର ଗଛ ସୃଷ୍ଟି ହୋଇପାରିଥିଲା। ଛାଇ ହେବା ସହ ସବୁଜ ପରିବେଶ ସୃଷ୍ଟି ହୋଇଥିଲା। ଏଣୁ ସେହି ବନୀକରଣ ପ୍ରକଳ୍ପ ପୁନର୍ବାର ଆରମ୍ଭ କରାଗଲେ ରାଜ୍ୟ ସହଜରେ ସବୁଜିମାମୟ ହୋଇପାରନ୍ତା।

**-କହ୍ନେଇ ଚରଣ ନନ୍ଦୀ, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଜଲ ଗୀତ ସମ ଗତିର ଚମକ
ବାଜଇ ତାଳେ ତାଳେ ଯତିର ଜମକ
ମରଣ ଚିତା ଉଠେ ମରମେ ଜଳି ଗୋ
ଦାରୁଣ ବ୍ୟଥା ବାଜେ ଜୀବନ ଦଳି ଗୋ
ଚାହିଁଲେ ଚାରୁ ତବ ପେଲେଲେବ ପଲକ
ଗଜଲ ଗୀତ ସମ ଗତିର ଝଲକ।
-(ସୁଦୂର ଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଯୁବତୀଙ୍କୁ ରାସ୍ତାରେ ଅସଦାଚରଣ: ଅଭିଯୁକ୍ତ ଗିରଫ**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅଞ୍ଚଳର ଏକ ବସ୍ତି ରାସ୍ତାରେ ମଙ୍ଗଳବାର ଜଣେ ଯୁବତୀଙ୍କୁ ଅସଦାଚରଣ ଓ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ.୨୧୮/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ବସ୍ତିର ମିଥୁନ ବାରିକ (୩୧)। ପୂର୍ବାହ୍ନରେ ଅଭିଯୁକ୍ତ ମିଥୁନ ସର୍ବସମ୍ମୁଖରେ ସମ୍ପୃକ୍ତା ଯୁବତୀଙ୍କୁ ଆଲିଙ୍ଗନ କରିଥିଲେ। ଏହାକୁ ଯୁବତୀ ବିରୋଧ କରିବାରୁ ମିଥୁନ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି।



## ସଂକ୍ଷେପରେ

### ହାଇୱା ଧକ୍କାରେ ମହିଳା ମୃତ

ଜଗତ୍‌ସିଂହପୁର ଅଫିସ୍, ୧୨।୭: ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ଛକ ନିକଟରେ ଏକ ହାଇୱା ଧକ୍କାରେ ମଙ୍ଗଳବାର ଅପରାହ୍ନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ତରିକୁନ୍ଦ ଗ୍ରାମର କୁମା ଭୋଇ (୫୫)। ତାଙ୍କ ପୁଅ ବୁଲୁଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ କରାଯାଇ ହାଇୱା ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ବୁଲୁ ସାକେଲ ପଛରେ ମା'ଙ୍କୁ ବସାଇ ଧନୀପୁର ଛକରୁ ମଣ୍ଡାସାହି ଅଭିମୁଖେ ଯାଉଥବାବେଳେ ସ୍ଥାନୀୟ ପୋଲଗଡ଼ା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ବୁଲୁ ବାମପଟକୁ ଛିଟିକି ପଡି ବର୍ତ୍ତିଯାଇଥିବାବେଳେ ହାଇୱାଟି ମା'ଙ୍କ ଉପରେ ଚଢ଼ି ଯାଇଥିଲା। ଖବରପାଇ ପୋଲିସ ଗୁରୁତର ଅବସ୍ଥାରେ କୁମାଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ପରିବେଶବିତ୍ ସାଗର ପ୍ରଧାନ




ଭୁବନେଶ୍ୱର,୧୨।୭(ବ୍ୟୁରୋ): ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ଲେଖକ ତଥା ପରିବେଶବିଦ୍ ଡ. ସାଗର ପ୍ରଧାନ। ପରିବେଶ ସଫେଇ ଅଭିଯାନ ପାଇଁ ତାଙ୍କ ବ୍ୟକ୍ତିଗତ ଉଦ୍ୟମ ତାଙ୍କୁ ଏହି ସଫଳତା ଆଣି ଦେଇଛି। ଡ. ପ୍ରଧାନ ହେଉଛନ୍ତି କେନ୍ଦ୍ରାପଡା ଜିଲା ଅଢ଼ଙ୍ଗା ମଲ୍ଲିକେଶ୍ୱରପୁରର ବାସିନ୍ଦା। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଅନୁଯାୟୀ, ଚାରା ରୋପଣ, ବେଳାଭୂମି ସଫେଇ, ପୋଖରୀର ପୁନରୁଦ୍ଧାର, ମୃତ୍ତିକା କ୍ଷୟ ରୋକିବା ଆଦି କାମ ପାଇଁ ସେ ତାଙ୍କ ପୁସ୍ତକର ସମସ୍ତ ରୟାଲଟି ଅର୍ଥ ଦାନ କରିଛନ୍ତି। ଏହା ଛଡା ଇଲେକ୍ଟ୍ରୋନିକ୍ ଓ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା, ପ୍ଲାଷ୍ଟିକ ସମସ୍ୟା, କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବା ଆଦି ଦିଗରେ ଅନେକ ପରିବେଶ ସଚେତନତା ପ୍ରବନ୍ଧ ମଧ ରଚନା କରିଛନ୍ତି। ପୂର୍ବରୁ ମିଳିତ ଜାତିସଂଘ ସାଗରଙ୍କୁ 'ବିଶ୍ୱ ପରିବେଶ ଦିବସ ହିରୋ -୨୦୨୦' ଭାବେ ସ୍ୱୀକୃତି ଦେଇସାରିଛି। ସେ ମଧ କୋଲ୍ଡ ଟେକ୍ନୋଲୋଜି ଲଣ୍ଡନର ମୁଖ୍ୟ କେରି ଗିଲ୍ଟର୍ ଏବଂ ପ୍ରସିଦ୍ଧ ପୋଲାର ଏକ୍ସପ୍ଲୋରର ରବର୍ଟ ସ୍ୱାନଙ୍କ 'କ୍ଲାଇମେଟ୍ ଫୋର୍ସ ୨୦୪୧ ସଷ୍ଟେନେବିଲିଟି ଚାମ୍ପିଅନ୍' ତାଲିକାର ଶ୍ରେଷ୍ଠ ୩ତମ ସ୍ଥାନ ପାଇଥିଲେ।

### ପଙ୍କଜ ସଭାପତି ନିର୍ବାଚିତ
#### ସନ୍ତରା ସେବା ସମବାୟ ସମିତି



କୁଜଙ୍ଗ,୧୨।୭(ଡି.ଏନ୍.ଏ.): ସନ୍ତରା ସେବା ସମବାୟ ସମିତି ହସିଣାର ସଭାପତି ଭାବେ ପଙ୍କଜ ତରାଇ (ଦୀପୁ) ମଙ୍ଗଳବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୫ଟି ଜୋନ୍‌କୁ ନେଇ ଗଠିତ ଏହି ସମବାୟ ସମିତିରେ ପଙ୍କଜ ଏକ ମାତ୍ର ସଭାପତି ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧରେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ସୁଧାଂଶୁ ଶେଖର ଜେନା ଓ ସମ୍ପାଦକ କୁଳମଣି ମହାପାତ୍ର ତାଙ୍କୁ ସଭାପତି ରୂପେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ,ପଙ୍କଜ ଅଞ୍ଚଳରେ ଦେବଦୂତ ଭାବେ ପରିଚିତ। କଟକ - ପାରାଦୀପ ରାସ୍ତାର ପଙ୍ଗପାଳରୁ ପାରାଦୀପ ଦୋଛକି ମଧରେ ସଡକ ଦୁର୍ଘଟଣା ଘଟିଲେ ସେ ଆହତମାନଙ୍କୁ ଉଦ୍ଧାର କରି ତତ୍‌କ୍ଷଣାତ୍ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଉଦ୍ୟମ କରିଥାନ୍ତି। ଏନେଇ ସେ ଏକ ଦେବଦୂତ ଗ୍ରୁପ୍ ଗଠନ କରି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଉଦ୍ଧାର କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି କାର୍ଯ୍ୟ ପାଇଁ ପୋଲିସ ବିଭାଗ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



ରୁପା ଅଳଙ୍କାରରେ ସଜ୍ଜିତ ଶ୍ରୀବଳଦେବ ଜୀଉ ଓ ଶ୍ରୀଜଗନ୍ନାଥ ଜୀଉଙ୍କ ରଘୁନାଥ ବେଶ ।



ବ୍ରହ୍ମ ତାଳଧ୍ୱଜ ସମ୍ମୁଖରେ କଳାକାରମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ ।

# ପ୍ରଥମଥର ଲାଗି ହେଲା ରୁପା ଅଳଙ୍କାର

- ଶ୍ରୀଜୀଉଙ୍କ ରଘୁନାଥ ବେଶ
- ମନ୍ଦିରକୁ ବିଜେ ଚତୁର୍ଦ୍ଧା ମୂର୍ତ୍ତି

କେନ୍ଦ୍ରାପଡ଼ା ଅଫିସ, ୧୨।୭

ତୁଳସୀକ୍ଷେତ୍ରାଧିପତିଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଶ୍ରୀଜୀଉଙ୍କ ଚତୁର୍ଦ୍ଧା ମୂର୍ତ୍ତି ଇଚ୍ଛାପୁରସ୍ଥ ମନ୍ଦିରକୁ ବିଜେ କରିଛନ୍ତି। ଏହା ପୂର୍ବରୁ ଶ୍ରୀଜୀଉଙ୍କ ରଘୁନାଥ ବେଶ ରଥ ଉପରେ ସମ୍ପନ୍ନ ହୋଇଛି। ପ୍ରଥମଥର ପାଇଁ ପ୍ରଜ୍ଞାନ ମିଶନ ପକ୍ଷରୁ ପ୍ରଦାନ କରାଯାଇଥିବା ରୁପା ଅଳଙ୍କାରକୁ ଏହି ବେଶରେ ଲାଗି ହୋଇଥିଲା। ଏହି ବେଶ ଓ ମନ୍ଦିର ବିଜେ ଉପଲକ୍ଷେ ପାରମ୍ପରିକ ଭାବେ ପ୍ରତ୍ୟୁଷରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ଓ ନୀତିସ୍ନାନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଶ୍ରୀଜୀଉଙ୍କ ରଘୁନାଥ ବେଶ ଆରମ୍ଭ ହୋଇ ଅପରାହ୍ନ ପ୍ରାୟ ୧ଟାରେ ଶେଷ ହୋଇଥିଲା। ରଥାରୂଢ଼ ଶ୍ରୀଜଗନ୍ନାଥ ଶ୍ରୀରାମ ବେଶ ହୋଇଥିବା ବେଳେ ବଡଭାଇ ଶ୍ରୀବଳଦେବଜୀଉଙ୍କୁ ଲକ୍ଷ୍ମଣ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ଶ୍ରୀଜୀଉଙ୍କ ଉଭୟପାର୍ଶ୍ୱରେ ହନୁମାନ, ଅଙ୍ଗଦ, ନଳ, ନୀଳ, ସୁଶେଣ, ଜାମ୍ବବାନ ଆଦି କାଠ ନିର୍ମିତ ମୂର୍ତ୍ତି ଶୋଭା ପାଇଥିଲେ। ଶ୍ରୀଜୀଉଙ୍କ ଶ୍ରୀଚରଣ ଓ ଶ୍ରୀଭୁଜ ଲାଗି କରାଯାଇ ପଦ୍ମ ଫୁଲ ଆସନରେ ଉପବେଶନ କରାଯାଇଥିଲା। ଶ୍ରୀବଳଦେବଜୀଉ ଓ ଶ୍ରୀଜଗନ୍ନାଥ ବାମ ହସ୍ତରେ ଧନୁ ଧରିଥିବା ବେଳେ ଦକ୍ଷିଣ ହସ୍ତରେ ତୀର ଧରିଥିଲେ। ଅପରାହ୍ନରେ ବ୍ରହ୍ମ ତାଳଧ୍ୱଜ ରଥରୁ ଘୋଡ଼ା ଅପସାରଣ କରାଯାଇ ଚାରମାଳ ବନ୍ଧା ଯାଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଶ୍ରୀରଘୁନାଥ ବେଶ ଲାଗି ପରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥିଲା। ଏହି ପଣା ନୈବେଦ୍ୟ ପରେ ମାଟି ପାତ୍ରକୁ ଭଙ୍ଗା ଯାଇଥିଲା। ପରେ ଶ୍ରୀଜୀଉଙ୍କୁ କାଠି ମୁକୁଟ ଲାଗି ହୋଇଥିଲା। ଚାରମାଳ ଉପରେ କାଠି ମୁକୁଟ ବଦଳାଇ ଟାହିଆ ଲାଗି କରାଯାଇଥିଲା। ଏହି ଅବସରରେ ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ଆତସବାଜି ପ୍ରଦର୍ଶନ ସହ ସଂକୀର୍ତ୍ତନ, ଘଣ୍ଟୁଆ ନାଚ, ଗୋଟିପୁଅ ନାଚ, ଓଡ଼ିଶୀ, ବନାଟି ଖେଳ ଆଦି ପ୍ରଦର୍ଶିତ ହୋଇଥିଲା। ମନ୍ଦିରକୁ ବିଭିନ୍ନ ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଶ୍ରୀଜୀଉମାନେ ବାଟଦେଉଳ ଦେଇ ମନ୍ଦିର ପରିସରକୁ ପହଣ୍ଡି ବିଜେ କରିଥିଲେ। ପରେ ଦେବୋତ୍ତର ବିଭାଗ ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପଂକ୍ତି ଭୋଗ ଅର୍ପଣ କରାଯାଇଥିଲା। ଜଗମୋହନ ଗୁମୁଟ ଦେଇ ବଡଭାଇ ଶ୍ରୀବଳଦେବଜୀଉ ଓ ଭଉଣୀ ସୁଭଦ୍ରା ମନ୍ଦିର ପ୍ରବେଶ ପରେ ମା' ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ପାଇଁ ଦ୍ୱାର ବନ୍ଦ କରିଥିଲେ। ଉଭୟପକ୍ଷର ସେବାୟତମାନେ ବଚନିକା ପ୍ରୟୋଗ ପରେ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ସ୍ୱର୍ଣ୍ଣ ଅଳଙ୍କାର ଓ ପାଟବସ୍ତ୍ର ମା' ଲକ୍ଷ୍ମୀଙ୍କ ପାଇଁ ପ୍ରଦାନ ପରେ ଗୁମୁଟ ଦ୍ୱାର ଖୋଲାଯାଇଥିଲା। ଏହି ଅଧ୍ୟାତ୍ମ୍ୟ ଦୃଶ୍ୟ ଦେଖିବା ପାଇଁ ସକାଳରୁ ବିଳମ୍ବିତ ରାତ୍ରି ଯାଏ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।

## ଶାରଳା ସମବାୟ ସୂତାକଳ ବନ୍ଦ ପ୍ରତିବାଦରେ ବିକ୍ଷୋଭ



ଉପକୂଳ ଓଡିଶା ବିକାଶ ପରିଷଦ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

- ଶିଳ୍ପ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ନିଷ୍ପତ୍ତି
- ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ତିର୍ତ୍ତୋଲ, ୧୨।୭ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ନାଉସିରାଠାରେ ଥିବା ଶାରଳା ସମବାୟ ସୂତାକଳକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଶାଖା ପକ୍ଷରୁ ସିଲ୍ କରି ଦିଆଯାଇଛି। ଏହାକୁ ବିରୋଧ କରି ତିର୍ତ୍ତୋଲ ସରଣୀ ଛକ ନିକଟ ଆନନ୍ଦ ମଣ୍ଡପ ପରିସରରେ ଉପକୂଳ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ସରୋଜ କୁମାର ନାୟକ ଏଥିରେ ସଭାପତିତ୍ୱ କରି ଏହି ସୂତାକଳକୁ ବିନା କାରଣରେ ବନ୍ଦ ସହ ବ୍ୟାଙ୍କ ପକ୍ଷରୁ କୋରକ ଘୋଷଣା କରାଯିବା ନିଷ୍ପତ୍ତିକୁ ବିରୋଧ କରିଥିଲେ। ଶିଳ୍ପ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ଏହି ସୂତାକଳ ସହ ରାହାମାସ୍ଥିତ ପାର୍ବତୀ ଲୁଗାକଳ ବନ୍ଦ ହୋଇଯାଇଛି ବୋଲି ସେ କହିଥିଲେ। ଏହାର ପୁନରୁଦ୍ଧାର ପାଇଁ ଶିଳ୍ପ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ଗଠନ କରି ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପରିଷଦର ସଦସ୍ୟମାନେ ଏକ ବାଇକ ରାଲିରେ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ସୁଜାତା ପାତ୍ରଙ୍କୁ ପ୍ରଦାନ କରିଥିଲେ। ଶିଳ୍ପର ପୁନରୁଦ୍ଧାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟି ପକ୍ଷରୁ ଘୋଷଣା କରାଯିବା ସହ ଆବଶ୍ୟକସ୍ଥଳେ ଆମରଣ ଅନଶନ କରିବାକୁ ଚେତାବନୀ ଦିଆଯାଇଛି। ଏଥିରେ ଆବାହକ ସରୋଜ କୁମାର ନାୟକ, ଜୀବ ଉଦ୍ଧାର ସମିତି ଓ ଗଣ ସଂଗ୍ରାମ ପରିଷଦ ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ଡ.ଧ୍ରୁତିଧର ଦାସ, ଓଡ଼ିଶା ଜର୍ନାଲିଷ୍ଟ ଆସୋସିଏଶନ ରାଜ୍ୟ କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ବାରିକ, ତିର୍ତ୍ତୋଲ ସାମ୍ବାଦିକ ସଂଘ ସଭାପତି ରମାକାନ୍ତ ରାଉଳ, ହ୍ୟୁମାନ ରାଇଟ ପରିଷଦ ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ଚୌଦ୍ୱାର ଜେଲ ଗଲେ ମୁଖ୍ୟ ଅଭିଯୁକ୍ତ
### ୨ ଭାଇଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା ଘଟଣା

ତିଗିରିଆ, ୧୨।୭ (ଡି.ଏନ୍.ଏ.)

କଟକ ଜିଲା ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଗ୍ରାମରେ ପୂର୍ବଶତ୍ରୁତାରୁ ଦୁଇ ଭାଇଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଟେଲ ମାଲିକ ଜୀବନାନନ୍ଦ ମଲ୍ଲିକ ଓରଫ ଶୁକୁଟାଙ୍କୁ ପୋଲିସ ସୋମବାର ଗିରଫ କରିଥିବାବେଳେ ମଙ୍ଗଳବାର ତିଗିରିଆ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାରା ଜେଲକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି। ଗତ ଗୁରୁବାର ଅପରାହ୍ନରେ ଭିରୁଡ଼ା ଗରପଡ଼ାସାହିର ଦୁଇ ଭାଇ ଶରତ ଦେହୁରୀ ଏବଂ ଲକ୍ଷ୍ମଣ ଦେହୁରୀଙ୍କୁ ଗ୍ରାମ ନିକଟ ଏଟିଏମ୍ ଛକଠାରେ ଯୋଜନାବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଉଭୟ ରାସ୍ତାରେ ମୁମୂର୍ଷୁ ଅବସ୍ଥାରେ ପଡ଼ିବା ପରେ ସେମାନଙ୍କ ଉପରେ ଟ୍ରକ ଚଢ଼ାଇ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜେନା କହିଛନ୍ତି। ଏନେଇ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।

## 'ପ୍ରାଣୀମାନଙ୍କୁ ସୁରକ୍ଷା ଦେବା ପ୍ରତ୍ୟେକଙ୍କ ନୈତିକ କର୍ତ୍ତବ୍ୟ'



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଏରସମା,୧୨।୭(ସ୍ୱ.ପ୍ର.)

ଆକ୍ସନ ଫର୍ ପ୍ରୋଟେକ୍ସନ ଅଫ୍ ୱାଇଲ୍ଡ ଆନିମଲ୍ସ (ଆପୋୱା) ପକ୍ଷରୁ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିସ୍ଥିତ ଓଟିଡିସି ସଭାଗୃହରେ ୨ ଦିନ ଧରି ଚାଲିଥିବା କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆପୋୱାର ନିର୍ଦ୍ଦେଶକ ବିଜୟ କୁମାର କବି ଏଥିରେ ଅଧକ୍ଷତା କରି ପ୍ରାଣୀମାନଙ୍କୁ ସୁରକ୍ଷା ଦେବା ପ୍ରତ୍ୟେକଙ୍କ ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ। ବିଶେଷ କରି ବିପର୍ଯ୍ୟୟ ସମୟରେ ଆତ୍ମରକ୍ଷା ସହ ପ୍ରଣୀମାନଙ୍କ ଜୀବନ ବଞ୍ଚାଇବା ପ୍ରତି କିପରି ଯତ୍ନବାନ ହେବାକୁ ପଡ଼ିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ବିଭୁରଞ୍ଜନ ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବନ୍ୟା ଓ ବାତ୍ୟା ସମୟରେ ଗୃହପାଳିତ ପ୍ରାଣୀମାନଙ୍କର ଯତ୍ନ ନେବା ପାଇଁ ଆବଶ୍ୟକ କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ବିଶ୍ୱଜିତ ପଣ୍ଡା ଉପସ୍ଥିତ ରହି ବିଭିନ୍ନ ଋତୁରେ ରୋଗ ପ୍ରଭାବରୁ ପ୍ରାଣୀମାନଙ୍କୁ ରକ୍ଷା କରିବା ପାଇଁ ଥିବା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ହ୍ୟୁମାନି ସୋସାଇଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ପ୍ରବୀଣ ସୁରେଶ, ଆପୋୱାର ରାଜ୍ୟ ପ୍ରକଳ୍ପ ସଂଯୋଜକ ବୀରେନ କୁମାର ଦାସ, ସ୍ଥାନୀୟ ସରପଞ୍ଚ ପ୍ରତିଭାରାଣୀ ପାତ୍ର ଓ ଆପୋୱାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ କବି ଉପସ୍ଥିତ ରହି ପ୍ରାଣୀଧନ ସୁରକ୍ଷା ଉପରେ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ପଦ୍ମପୁର କୃଷି ସେବା ସମବାୟ ସମିତି ସଭାପତି ଅରୁଣ କୁମାର ବେହେରା, ଅଶ୍ୱିନୀ ବେରା, ଅଞ୍ଜନା ସାହୁ, ପଦ୍ମିନୀ ସାହୁ, ବୃନ୍ଦାବନ ମଣ୍ଡଳ ପ୍ରମୁଖ ୫୦ ଜଣ ଶିବିରାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ଶିଆଳି ଗ୍ରାମସ୍ଥିତ ଦୋଳଗୋବିନ୍ଦ ଯୁବକ ସଂଘର ସଭାପତି ରବୀନ୍ଦ୍ର ପାତ୍ର, ସମ୍ପାଦକ ସୁକାନ୍ତ କୁମାର ସାମନ୍ତଙ୍କ ସହ ସଙ୍ଗଠନ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ମେରୁଦଣ୍ଡ

**ବକ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଲୋଚନାଚକ୍ର**

ଜଗତ୍‌ସିଂହପୁର ଅଫିସ୍, ୧୨।୭

ସରକାରଙ୍କ ଦ୍ୱାରା ପ୍ରଚଳିତ 'ମୋ ସ୍କୁଲ ଯୋଜନା' ବିଦ୍ୟାଳୟଗୁଡିକର ଉନ୍ନତିରେ ସହାୟକ ହେଉଛି। ତେଣୁ ଅଧିକ ସଂଖ୍ୟକ ପୁରାତନ ଛାତ୍ରୀଛାତ୍ର ଏଥିରେ ସାମିଲ ହେବା ଉଚିତ୍। ସେମାନଙ୍କ ସମର୍ପଣ ମନୋଭାବ ଶିକ୍ଷାର ଉନ୍ନତି ଓ ପରିବର୍ତ୍ତନରେ ନିଶ୍ଚିତ ସହାୟକ ହେବ। ପୁରାତନ ଛାତ୍ରୀଛାତ୍ର ସମ୍ପ୍ରତି ସମସ୍ତ ବିଦ୍ୟାଳୟର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ। ବାଲିକୁଦା ବ୍ଲକ ତଣ୍ଡିକୂଳସ୍ଥିତ ବକ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ 'ମୋ ସ୍କୁଲ ଅଭିଯାନ'ରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଆଲୋକ ବିଶ୍ୱାଳ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ବିଶ୍ୱନାଥ ବିଶ୍ୱାଳ ଏଥିରେ ପୌରୋହିତ୍ୟ କରି ମୋ ସ୍କୁଲ ଯୋଜନାର ନୀତି ନିୟମ ବିଷୟରେ ଆଲୋଚନା କରିବା ସହ ସହଯୋଗର ହାତ ବଢାଇବାକୁ ଅନୁରୋଧ କରିଥିଲେ। ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିଚାଳନାରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ଭାଗୀଦାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବୀରବର ନାୟକ, ବିଶ୍ୱଧର ବିଶ୍ୱାଳ ଓ ପ୍ରତାପ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ୧୯୮୭ ବ୍ୟାଚର ଛାତ୍ରୀଛାତ୍ର ସସ୍ମିନା ଦାସ, ବସନ୍ତ କାନୁନ୍‌ଗୋ, ଶ୍ରୀକାନ୍ତ ଖଟୁଆ, କଲ୍ୟାଣୀ ଦାସ, ଲିଲିମା ବିଶ୍ୱାଳ ଓ ଟୁକୁନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ। ପୁରାତନ ଛାତ୍ର ଅରୁଣ ରାଉତ ସ୍ୱାଗତ ଭାଷଣ ଓ ଗୌରାଙ୍ଗ ବେହେରା ଧନ୍ୟବାଦ ଦେଇଥିଲେ ।

## ଗାଁକୁ ଆସୁନାହାନ୍ତି ଗ୍ରାମ୍ୟ କୃଷି କର୍ମଚାରୀ

- ବଢ଼ୁଛି ଚାଷୀ ଅସନ୍ତୋଷ
- ୧୯ ପଞ୍ଚାୟତ ପାଇଁ ୪ ଭିଏଡବ୍ଲ୍ୟୁ

ରଘୁନାଥପୁର,୧୨।୭(ଡି.ଏନ୍.ଏ.)




ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏପରିକି ତୃଣମୂଳସ୍ତରରେ ଥିବା ଚାଷୀଙ୍କ କୃଷି ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତେବେ ଏହା କେତେମାତ୍ରାରେ କାର୍ଯ୍ୟକାରୀ ହେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚାଷୀଙ୍କ ଉନ୍ନତି ପାଇଁ ସରକାରୀ ତହବିଲରୁ ବହୁ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ କୃଷକଙ୍କ ସମସ୍ୟାର କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ରଘୁନାଥପୁର ବ୍ଲକରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠାରେ କୃଷି କାର୍ଯ୍ୟାଳୟ ତଥା କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ପଞ୍ଚାୟତସ୍ତରରେ ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ସୂଚନା ପ୍ରଦାନ ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ)ଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ବହୁ ସମୟରେ ସେମାନଙ୍କ ଦେଖା ମିଳୁ ନ ଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ସମ୍ବନ୍ଧୀୟ କୌଣସି ତଥ୍ୟ କିମ୍ବା ପରାମର୍ଶ ଜାଣିବାକୁ ଚାହିଁଲେ ସେମାନଙ୍କୁ ପାଇବା କଷ୍ଟକର ବ୍ୟାପାର ବୋଲି ଅନେକ ଚାଷୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି କୃଷି କାର୍ଯ୍ୟାଳୟରେ ୧୯ ପଞ୍ଚାୟତ ପାଇଁ ମାତ୍ର ୪ ଜଣ ଭିଏଡବ୍ଲ୍ୟୁ ଅଛନ୍ତି। ଜଣେ ଭିଏଡବ୍ଲ୍ୟୁ ଅଧୀନରେ ୪ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଦାୟିତ୍ୱ ରହିଛି। ସମ୍ପୃକ୍ତ କର୍ମଚାରୀମାନଙ୍କୁ ଫୋନ କଲେ ଉଠାଉ ନାହାନ୍ତି। ଯଦି କେହି ଫୋନ ଧରିଲେ ତାହେଲେ ଫିଲଡ଼ରେ ଥିବା କହି କାଟିଦେଉଛନ୍ତି। ଏଭଳି ପରିସ୍ଥିତିରେ ଚାଷୀ ନିଜ ସମସ୍ୟାର ସମାଧାନ ପାଇଁ ଉଦ୍‌ବେଳିତ ହେଉଛନ୍ତି। ଏହି କାର୍ଯ୍ୟରେ ଖିଲାପ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର ଦଳେଇ କୁହନ୍ତି, ଆବଶ୍ୟକ ମୁତାବକ କର୍ମଚାରୀଙ୍କ ଅଭାବ ତଥା ଜଣେ ଭିଏଡବ୍ଲ୍ୟୁଙ୍କ ଅଧୀନରେ ଅଧିକ ପଞ୍ଚାୟତ ରହୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି।ଏଥିରେ ସୁଧାର ଆଣିବା ପାଇଁ ଚେଷ୍ଟା କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୩ ଜୁଲାଇ, ୨୦୨୨



# ସର୍ବୋଚ୍ଚ ଜୁଆର ଚିହ୍ନଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

- ଆଶଙ୍କାରେ ସୁନାମି ପ୍ରବଣ ଚିହ୍ନଟ ଗାଁ
- ଲୁଣାବନ୍ଧ ଟପି ଗାଁରେ ପଶୁଛି ଜୁଆର ପାଣି
- ଜିଓ ଟ୍ୟୁବ୍ ୱାଲର ବୈଷୟିକ ତଦନ୍ତ ହେଉ

**କେନ୍ଦ୍ରାପଡ଼ା ଅଫିସ, ୧୨।୭**

ବିଶ୍ୱତାପନର ସମୁଦ୍ର ଉପରେ ପ୍ରଭାବ ପଡୁଛି। ଏହାର ପ୍ରଭାବରେ ଉତ୍ତାଳ ହୋଇ ଜୁଆର ପାଣି ଗ୍ରାମ ମଧ୍ୟକୁ ପଶୁଛି। ଲୁଣା ବନ୍ଧ ଟପି ଚାଷ ବାସକୁ କ୍ଷତି ପହଞ୍ଚାଉଛି। ପ୍ରତିବର୍ଷ ସାମୁଦ୍ରିକ ଝଡ଼ବର୍ଷା ପରି ପ୍ରାକୃତିକ ବିପତ୍ତି କେନ୍ଦ୍ରାପଡ଼ା ଜିଲାକୁ ରହିଛି। ଅପରପକ୍ଷରେ ସମୁଦ୍ର ଓ ନଦୀ ତଟାଞ୍ଚଳରେ ଚିଙ୍ଗୁଡି ଘେରି ସ୍ଥାନୀୟ ଅଞ୍ଚଳ ପାଇଁ ବିପଦ ସାଜିଛି। ସମୁଦ୍ର ଜୁଆରିଆ ସମୟରେ ତଟବର୍ତ୍ତୀ ସ୍ଥାନ ଓ ନଦୀତଟର ସର୍ବୋଚ୍ଚ ସୀମା ଚିହ୍ନଟ ପାଇଁ ଗତ ୪ ତାରିଖରେ ହାଇକୋର୍ଟଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କରେ ଏକ ପିଆଇଏଲ ମାମଲାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଆର. କେ. ପଟ୍ଟନାୟକଙ୍କ ଡିଭିଜନ ବେଞ୍ଚ ଶୁଣାଣି କରିଥିଲେ। ଏଥିରେ ସମୁଦ୍ର ତଟକ୍ଷୟ ଓ ସୁରକ୍ଷା ସମ୍ପର୍କରେ ଆମିକସକ୍ୟୁରୀ ମୋହିତ ଅଗ୍ରୱାଲ ଦର୍ଶାଇଥିଲେ, ବିଭିନ୍ନ କାରଣ ସହ ଚିଙ୍ଗୁଡି ଘେରି ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏହି ଘେରି ଯୋଗୁ ତଟାଞ୍ଚଳ ନଷ୍ଟ ହେଉଛି। ଡିଭିଜନ ବେଞ୍ଚର ଶୁଣାଣି ସମୟରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଦର୍ଶାଇଛନ୍ତି, ରାଜକନିକା ବ୍ଲକ ଅଞ୍ଚଳର ଚିହ୍ନଟ ୫୯ ଘେରି ମଧ୍ୟରୁ ୨୬ଟିର ଉଚ୍ଛେଦ ହୋଇଛି। ଅନ୍ୟ ଅଞ୍ଚଳରେ ଘେରି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ସମୁଦ୍ରର ତଟକ୍ଷୟକୁ ରୋକିବାକୁ ଏହା ଯଥେଷ୍ଟ ନୁହେଁ ବୋଲି ମତ ମିଳିଛି। ଜିଲାର ୬୪ ସୁନାମି ପ୍ରବଣ ଗାଁ ଚିହ୍ନଟ ହୋଇଛି। ଜିଲାରେ ଥିବା ୭ ନଦୀକୁ ସଂଯୋଗୀକରଣ ସହ ୪୮ କିଲୋମିଟର ତଟାଞ୍ଚଳରେ ଘଞ୍ଚ ହେନ୍ତାଳବଣ ସୃଷ୍ଟି ପାଇଁ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପେଣ୍ଠର ପ୍ରସନ୍ନ କୁମାର ଦାସ କହିଛନ୍ତି, ବର୍ଷାଋତୁ ଆରମ୍ଭ ହୋଇଛି। ପ୍ରତିବର୍ଷ ପରି ସାମୁଦ୍ରିକ ଝଡ଼ ପ୍ରଭାବ ତଟାଞ୍ଚଳ ଉପରେ ପଡ଼ିବ। ସମୁଦ୍ର ଜୁଆରିଆ ହେଲେ ସ୍ଥାନୀୟ ନଦୀ ନାଳ ଉଚ୍ଛୁଳି ପଡୁଛି। ଅଧିକ ଜୁଆରିଆରେ ଲୁଣା ବନ୍ଧ ଟପି ଚାଷ ବାସ ନଷ୍ଟ କରୁଛି। ପେଣ୍ଠଠାରେ ପ୍ରତିବର୍ଷ ସମୁଦ୍ର ୧୨ ମିଟର ଗ୍ରାମ ଆଡ଼କୁ ମାଡ଼ି ଆସୁଥିଲା। ଏହାକୁ ଦୃଷ୍ଟିରେ ରଖାଯାଇ ୫୦୫ ମିଟର ଜିଓ ସିନ୍ଥେଟିକ ଟ୍ୟୁବ ୱାଲ ନିର୍ମାଣ ହୋଇଥିଲା। ତେବେ ପଥରର ଧାର ଗାବିଅନ ବକ୍ସର ଲୁହା ରଶିକୁ ନଷ୍ଟ କରୁଛି। ଫଳରେ ପଥରଗୁଡ଼ିକ ସମୁଦ୍ର ଗର୍ଭକୁ ଚାଲିଯାଉଛି। ସେହିପରି ଏହି ୱାଲ ନିର୍ମାଣରେ ଥିବା ବୈଷୟିକ ତ୍ରୁଟିକୁ ସଂଶୋଧନ କରାଯାଉନାହିଁ। ବର୍ଷାଋତୁ ଆସିଲେ ସ୍ଥାନୀୟ ସୁନାମି ପ୍ରବଣ ଚିହ୍ନଟ ୬୪ଟି ଗ୍ରାମର ଅଧିବାସୀଙ୍କ ଜୀବନଜୀବିକା ଉପରେ ଆଶଙ୍କା ବଢୁଛି। ସାତଭାୟାର ନିରାକାର ସ୍ୱାଇଁ କହିଛନ୍ତି, ଚିଙ୍ଗୁଡି ଘେରି ତଟକ୍ଷୟ ରୋକିବାକୁ ବାଧକ ହୋଇଛି। ଏହି ଘେରି ପ୍ରଭାବରେ ହଜାର ହଜାର ହେକ୍ଟର ଚାଷ ଜମି ଲୁଣା ମାଡ଼ିବା ସହ ଗଛ ନଷ୍ଟ କରୁଛି। ହାଇକୋର୍ଟଙ୍କ ପକ୍ଷରୁ ବାରମ୍ବାର ସତର୍କ କରାଗଲେ ମଧ୍ୟ ଜିଲା ପ୍ରଶାସନ ଉପରେ ଏହାର ପ୍ରଭାବ ପଡୁନାହିଁ। ନାମକୁମାତ୍ର ବନ୍ଧ ଭାଙ୍ଗି ଚିଙ୍ଗୁଡି ଘେରି ଉଚ୍ଛେଦ ହେଲା ବୋଲି ଜିଲା ପ୍ରଶାସନ ଦର୍ଶାଉଛି। ଅଧିକ ଜୁଆରିଆ ସମୟରେ କେତେଦୂର ପର୍ଯ୍ୟନ୍ତ ପାଣି ଯାଉଛି, ତାହା ଚିହ୍ନଟ ପରେ ୧ କିଲୋମିଟର ପରିଧିରେ ଚିଙ୍ଗୁଡି ଘେରିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ। ସାମାଜିକ କର୍ମୀ ମନ୍ମଥ ନାଥ ରାଉତ କହିଛନ୍ତି, ଉପକୂଳ କେନାଲର ଆବଶ୍ୟକତା ଅଛି। ସମୁଦ୍ର ତଟଠାରୁ ୧୦ କିଲୋମିଟର ଦୂରରେ ଏହାକୁ ନିର୍ମାଣ କରାଯାଇ ଜିଲାର ୭ ନଦୀକୁ ଏଥିରେ ସଂଯୋଗ କରାଯାଉ। ଫଳରେ ବନ୍ୟା ନିୟନ୍ତ୍ରଣ, ଚାଷ କାର୍ଯ୍ୟ ହେବା ସହ ତଟାଞ୍ଚଳରେ ହେନ୍ତାଳବଣ ସୃଷ୍ଟି ହୋଇପାରିବ। ସେହିପରି ଚିଙ୍ଗୁଡି ଘେରି ଉଚ୍ଛେଦ ସହ ସାମଗ୍ରୀ ଜବତ କରି ଚାଷୀଙ୍କ ନାମରେ ମାମଲା ରୁଜୁ କରାଯାଉ ବୋଲି ସେ ଦାବି କରିଛନ୍ତି।


ଜିଓ ସିନ୍ଥେଟିକ୍ ଟ୍ୟୁବ୍ ୱାଲର ତାରଜାଲି କଟିଯିବାରୁ ପଥର ସମୁଦ୍ରକୁ ଚାଲିଯାଉଛି।

## ସଂକ୍ଷେପରେ

### ଭିନ୍ନକ୍ଷମ ପରିବାରକୁ ମିଳିଲା ରାଶନ କାର୍ଡ



**କେନ୍ଦ୍ରାପଡ଼ା ଅଫିସ, ୧୨।୭:** କେନ୍ଦ୍ରାପଡ଼ା ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ପରତା ପାଇଁ ଗରଦପୁର ବ୍ଲକ କଳାବୋଦାର ଜଣେ ଭିନ୍ନକ୍ଷମ ପୁଅକୁ ପ୍ରମାଣପତ୍ର ମିଳିବା ସହ ମା'ଙ୍କୁ ରାଶନ କାର୍ଡ ମିଳିଛି। ସେ ହେଉଛନ୍ତି ସନ୍ତୋଷ କୁମାର ନାୟକ, ମୋନାଲିସା ମହାପାତ୍ର ଓ ଭିନ୍ନକ୍ଷମ ପୁଅ ହିମାଂଶୁ। ରାଶନ କାର୍ଡ ପାଇଁ ବାରମ୍ବାର ଲୋକ ପ୍ରତିନିଧିଙ୍କ ପାଖକୁ ସନ୍ତୋଷ ଓ ମୋନାଲିସା ଦୌଡ଼ିଥିଲେ। ହେଲେ ମିଳୁ ନ ଥିଲା। ଶେଷରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ରାଶନ କାର୍ଡ ପ୍ରଦାନ କରାଯାଇଛି। ମୋନାଲିସାଙ୍କୁ ରାଶନ କାର୍ଡ ମିଳିବା ପରେ ପ୍ରଶାସନକୁ ସେ ସାଧୁବାଦ ଜଣାଇଛନ୍ତି। ଏ ସମ୍ପର୍କରେ ମୋନାଲିସା କହିଛନ୍ତି, ୨୦୧୩ ମସିହାରେ ବିବାହ ହୋଇଥିଲା। ୨୦୧୪ରେ ପୁଅ ହିମାଂଶୁ ଜନ୍ମ ନେଇଥିଲା। ଜନ୍ମରୁ କିଛି ଜଣାପଡୁ ନ ଥିବା ବେଳେ ପ୍ରାୟ ୨ବର୍ଷ ପରେ ଗୋଡ ହାତ ଚଳିଲା ନାହିଁ। ଏହି ଭିନ୍ନକ୍ଷମ ପୁଅର ଚିକିତ୍ସା ବାବଦ ମାସିକ ୩ରୁ ୫ ହଜାର ଟଙ୍କା ହୋଇଥିବା ବେଳେ ଆର୍ଥିକ ସ୍ଥିତି ଖରାପ ହେଲା। ଏଥିପାଇଁ ସନ୍ତୋଷ ଜିଲା ବାହାରକୁ ଯାଇ ରାଜମିସ୍ତ୍ରି କାମ କଲେ। ସେହିପରି ମୋନାଲିସା ପର ଘରେ କାମ କରି ଗୁଜୁରାଣ ମେଣ୍ଟାନ୍ତି। ଭିନ୍ନକ୍ଷମ ଭତ୍ତା ଅଥବା ରାଶନ କାର୍ଡ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ବାରମ୍ବାର ଜିଲା ଓ ବ୍ଲକ ପ୍ରଶାସନ ନିକଟକୁ ଯାଇ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ମାର୍ଚ୍ଚ ୧୦ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଯୋଗଦେବା ପରେ କୌଣସି ସୁଫଳ ମିଳି ନ ଥିଲା। ଜୁନ ୨୪ରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ପରତା ଫଳରେ ୩୦ ତାରିଖରେ ଭିନ୍ନକ୍ଷମ ପ୍ରମାଣପତ୍ର ମଞ୍ଜୁରୀ ମିଳିଛି। ରାଶନ କାର୍ଡ ପାଇଁ ଗତ ୨୮ରେ ଆବେଦନ କରିଥିଲେ। ଅପରାହ୍ନରେ ମୋନାଲିସାଙ୍କୁ ଏଡିଏମ୍ ପୀତାମ୍ବର ସାମଲ ରାଶନ କାର୍ଡ ଦେଇଥିଲେ। ଏହି ସମୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ ଉପସ୍ଥିତ ଥିଲେ।

### ସାମନ୍ତରାପୁର ସମବାୟ ସମିତିରେ ସୂର୍ଯ୍ୟନାରାୟଣ ସଭାପତି

**ତିର୍ତ୍ତୋଲ, ୧୨।୭ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ସାମନ୍ତରାପୁରଠାରେ ସେବା ସମବାୟ ସମିତି ସଭାପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକମାତ୍ର ସଭାପତି ପ୍ରାର୍ଥୀ ଭାବରେ ସୂର୍ଯ୍ୟନାରାୟଣ ବେହେରା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଅନ୍ୟ କେହି ନାମାଙ୍କନପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ତାଙ୍କୁ ବିଜୟୀ ଘୋଷିତ କରିଥିଲେ। ଏହାପରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ସମିତିର ବୋର୍ଡ ସଭ୍ୟ ଅରୁଣ କୁମାର ସ୍ୱାଇଁ, ଗଗନ ବିହାରୀ ମହାନ୍ତି, ମିନତୀ ସୂତାର, ଖଗେଶ୍ୱର ଭୂୟାଁ, ଗଗନ ବିହାରୀ ତ୍ରିପାଠୀ, ନୃସିଂହ ଚରଣ ପ୍ରଧାନ, ଜଟାଧାରୀ ଦାସ, ନିର୍ମଳ ଚନ୍ଦ୍ର ନାୟକ, କେଦାର ଚନ୍ଦ୍ର ସ୍ୱାଇଁ, ରାଜେଶ ମହାନ୍ତି ଓ କ୍ଷୀରୋଦ କୁମାର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ନଦୀରେ ଜାଲ ସହ ନାଗମଣିଙ୍କୁ ଟାଣିନେଲା କୁମ୍ଭୀର

**ମହାକାଳପଡ଼ା, ୧୨।୭ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସ୍ଥାନୀୟ କିୟାରବାଙ୍କ ଗାଁରେ ଏକ ଅଭାବନୀୟ ଘଟଣା ମଙ୍ଗଳବାର ଘଟିଯାଇଛି। ମିଳିଥିବା ସୂଚନା ଅନୁସାରେ, ନାଗମଣୀ ମଳିକ (୬୮), ଯଶବନ୍ତ ମଳିକ ଓ ଟହଲି ମଳିକ ସନ୍ଧ୍ୟାରେ ଗ୍ରାମ ସଂଲଗ୍ନ କଣୀବାଙ୍କ ଗୋବରୀ ନଦୀ କୂଳରେ ପଶି ଭଉଁରୀ ଜାଲ ପକାଉ ଥିଲେ। ଏହି ସମୟରେ କୂଳ ନିକଟରେ ଥିବା କୁମ୍ଭୀର ଭଉଁରୀ ଜାଲ ସହ ନାଗମଣୀଙ୍କୁ ହଠାତ ନଦୀ ମଧ୍ୟକୁ ଟାଣି ନେଇଥିଲା। ନାଗମଣିଙ୍କ ସହ ଜାଲ ପକାଇବାକୁ ଯାଇଥିବା ଯଶୋବନ୍ତ ଓ ଟହଲିଙ୍କ ପାଟି ଶୁଣି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଖବରପାଇ ଗାଁ ଓ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ରାତି ହେବା ଯୋଗୁ ନାଗମଣୀଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନାହିଁ। ତେବେ ମାଛ ଧରାଳୀ ନାଗମଣିଙ୍କ କୌଣସି ପତ୍ତା ମିଳି ନ ଥିବା ଗାଁ ଲୋକ କହିଛନ୍ତି। ନଦୀରେ ନିଖୋଜ ଥିବା ନାଗମଣିଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଲୋକମାନେ ପ୍ରଶାସନ ସହଯୋଗ ଲୋଡିଛନ୍ତି। ଏହି ଘଟଣା ପରେ ନଦୀ କୂଳିଆ ଗ୍ରାମ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ବଡ଼ାମ୍ବିଳା ଗ୍ରାମରେ ହନୁମାନ ବିଗ୍ରହ ପ୍ରତିଷ୍ଠା

**ଆଳି, ୧୨।୭ (ଡି.ଏନ.ଏ.)**

ଆଳି ବ୍ଲକ ଅନ୍ତର୍ଗତ ନାମୌଜାର ବଡ଼ାମ୍ବିଳା ଗ୍ରାମରେ ମହାବୀର ହନୁମାନଙ୍କ ଏକ ବିଗ୍ରହ ପ୍ରତିଷ୍ଠା ହୋଇଯାଇଛି। କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ନବକିଶୋର ମହାନ୍ତି ସପତ୍ନୀକ କୋଲକାତାରୁ ଆଣିଥିବା କଳା ମୁଗୁନି ପଥରର ହନୁମାନ ମୂର୍ତ୍ତିକୁ ନବନିର୍ମିତ ମନ୍ଦିରରେ ସ୍ଥାପନ କରାଯାଇଥିଲା। ମନ୍ଦିର ପରିସର ଶଙ୍ଖ, ହୁଳହୁଳିରେ ପ୍ରକମ୍ପିତ ହୋଇଥିବା ବେଳେ ସୁଚାରୁରୂପେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ବୀଣାପାଣି କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।



# ତୃଣମୂଳ ସ୍ତରରୁ ସଙ୍ଗଠନ ସୁଦୃଢ଼କୁ ଗୁରୁତ୍ୱାରୋପ

## ଭାଜପା ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ଡେରାବିଶ, ୧୨।୭ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳ କଲେଜ ଛକ ନିକଟରେ ଭାଜପାର କେନ୍ଦ୍ରାପଡ଼ା ଜିଲାସ୍ତରୀୟ ୪ର୍ଥ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ରାଜ୍ୟ ଭାଜପା ମୁଖପାତ୍ର ତଥା କେନ୍ଦ୍ରାପଡ଼ା ଜିଲା ପ୍ରଭାରୀ ଡ. ଯତିନ୍ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଓ ଅଲେଖ ଚନ୍ଦ୍ର ଜେନା, ବିଷ୍ଣୁ ଦାସ, ମାନସ କୁମାର ମହାନ୍ତି, ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇଥିଲେ। ସେମାନେ ଦଳର ସାଙ୍ଗଠନିକ ବିସ୍ତାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରୁ କିପରି ସଙ୍ଗଠନକୁ ସୁଦୃଢ଼ କରାଯିବ, ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ।



ବୈଠକରେ ଯୋଗଦେଇଥିବା ଭାଜପାର ନେତାମାନେ।

ଦଳ ପକ୍ଷରୁ ରାଜନୈତିକ ଚିଠା ପ୍ରସ୍ତାବରେ ବିଜେଡି ସରକାର ସବୁକ୍ଷେତ୍ରରେ ଜିଲାକୁ ଅଣଦେଖା କରିଆସୁଛି। ହେଲେ କେନ୍ଦ୍ରାପଡ଼ା ଜିଲା ବିକାଶ କ୍ଷେତ୍ରରେ ୨୮ ନମ୍ବର ସ୍ଥାନ ରହିଛି। ନିର୍ବାଚିତ ଏମ୍‌ପି, ୫ ଜଣ ବିଧାୟକ ବିଜେଡିର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲାର ବିକାଶ ଦାୟିତ୍ୱ ନେଇଛନ୍ତି। ହେଲେ ଜିଲାର ବିକାଶ କାହିଁକି ହୋଇପାରିନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ପାଲଟିଛି ବୋଲି ସଦସ୍ୟମାନେ ମତ ରଖିଥିଲେ। ଜିଲାର ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥା, ପିସି କାରବାର, ଧ୍ୱଂସାଭିମୁଖୀ ଶିକ୍ଷା ବ୍ୟବସ୍ଥା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି, ବିଦ୍ୟୁତ୍ ଦର ବୃଦ୍ଧି, ପାନୀୟ ଜଳ ସମସ୍ୟା, ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଦଳୀୟ ରାଜନୀତିକରଣ ବିରୋଧରେ ଦଳ ଆଗାମୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ମତପ୍ରକାଶ ପାଇଥିଲା। ଏହାକୁ ଜିଲା ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଚ୍ଛାୟତ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ଶଶାଙ୍କ ସେଠୀ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଉପସଭାପତି ଉପିନ ରାଉତ ଆଗାମୀ କାର୍ଯ୍ୟପନ୍ଥା, ଜିଲା ସମ୍ପାଦକ ଅମିତାଭ ସୁଆର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ଦୁର୍ଗା ପ୍ରସନ୍ନ ନାୟକ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ସଲିମ୍ ଖାଁ, ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ, ଜିଲା ସମ୍ପାଦକ ପ୍ରଜେଶ ନାୟକ, ଜିଲା କୋଷାଧ୍ୟକ୍ଷ ପ୍ରତିମା ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ବିକ୍ରମ କେଶରୀ ରାଉତରାୟ, କୃଷକ ମୋର୍ଚ୍ଚା ସଭାପତି ରଞ୍ଜିତ ଆଚାର୍ଯ୍ୟ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଳିକ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ବୁରହନ ଅଲ୍ଲି, ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ଦାଶ, ମଣ୍ଡଳ ସଭାପତି ସୁରେନ୍ଦ୍ର ମଳିକ, ଅଶୋକ ସାହୁ, ପ୍ରଶାନ୍ତ ସେଠୀ, ପ୍ରକାଶ ଦାସ, ବିଶ୍ୱକାନ୍ତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଉକ୍ତ ବୈଠକକୁ ମାନସ ରଞ୍ଜନ ଦାସ, ବିଭୁଦେନ୍ଦୁ ପଣ୍ଡା, ଶୋଭନ ଆଚାର୍ଯ୍ୟ, ନମିତା ବଳ, ବନ୍ଦନାରାଣୀ ରାଉତରାୟ, ଲିଜାରାଣୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବଳରାମ ଯୋଜନାରେ ଆଳି କେନ୍ଦ୍ରୀୟ ସମବାୟ ଶାଖା ପୁରସ୍କୃତ

**ଆଳି, ୧୨।୭ (ଡି.ଏନ.ଏ.)**



ନାବାର୍ଡର ୪୧ତମ ପ୍ରତିଷ୍ଠା ଦିବସରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଆଳି ଶାଖାକୁ ପୁରସ୍କୃତ କରାଯାଇଛି। ରାଜ୍ୟ ସରକାରଙ୍କ ବଳରାମ ଯୋଜନାରେ ଗରିବ ଭୂମିହୀନ ଚାଷୀଙ୍କୁ ଉତ୍ତମ ସେବା ଯୋଗାଇ ସାରା ରାଜ୍ୟରେ ଆଳି ଶାଖା ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛି। ଏହି ଯୋଜନାରେ ୭୩୨ ଜେଏଲଜି ଗୋଷ୍ଠୀକୁ ୭ କୋଟି ୧୯ ଲକ୍ଷ ଟଙ୍କା ପ୍ରଦାନ କରି ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛି। ସେଥିପାଇଁ ଭୁବନେଶ୍ୱର ମେ ଫେୟାର ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ମୁଖ୍ୟବକ୍ତା ଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବ୍ୟାଙ୍କ ଶାଖା ପରିଚାଳକ ଜଗନ୍ନାଥ ତ୍ରିପାଠୀଙ୍କୁ ମାନପତ୍ର ଓ ନାବାର୍ଡ ଲୋଗୋ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକଙ୍କ ସମେତ ଆରବିଆଇ, ଏସ୍‌ବିଆଇ, ଇକୋ ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କର ରାଜ୍ୟ ମୁଖ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଖବର ମିଳିବା ପରେ ବିଭିନ୍ନ ମହଲରୁ ତ୍ରିପାଠୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଯଦୁପୁର ସମବାୟ ସମିତି ସଭାପତି ହେଲେ ଶ୍ରୀକାନ୍ତ


ଯଦୁପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଶ୍ରୀକାନ୍ତ ଓ ସମର୍ଥକ।

**ମହାକାଳପଡ଼ା, ୧୨।୭ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଯଦୁପୁର ପଞ୍ଚାୟତସ୍ଥିତ ଯଦୁପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଭାବେ ଶ୍ରୀକାନ୍ତ ବେଉରା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏହି ସମିତିରେ ମୋଟ ୧୫ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୧ଜଣ ସମର୍ଥନ କରିଥିଲେ। ତେବେ ସୋମବାର ସଭାପତି ପଦବୀ ପାଇଁ ଦୁଇଜଣ ପ୍ରାର୍ଥୀ ଶ୍ରୀକାନ୍ତ ବେଉରା ଏବଂ ଶିବ ପ୍ରସାଦ ନାଥ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ କୌଣସି କାରଣ ବଶତଃ ଶିବ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଥିଲେ। ଶେଷରେ ଏକମାତ୍ର ପ୍ରାର୍ଥୀ ଶ୍ରୀକାନ୍ତଙ୍କ ନାମାଙ୍କନ ପତ୍ର କାଏମ ରହିଥିଲା। ପରେ ସମବାୟ ନିର୍ବାଚନ ଅଧିକାରୀ ଶୁଭେନ୍ଦୁ କୁମାର ବେହେରା ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଭାପତି ଭାବେ ଶ୍ରୀକାନ୍ତଙ୍କ ନାମ ଘୋଷଣା କରିଥିଲେ। ନବ ନିର୍ବାଚିତ ସଭାପତି ହେଲା ପରେ ଶ୍ରୀକାନ୍ତଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଶ୍ରୀକାନ୍ତଙ୍କୁ ନିଜ ସମର୍ଥିତ ବୋର୍ଡ ସଦସ୍ୟ ଓ ସମର୍ଥକମାନେ ସମ୍ବର୍ଦ୍ଧିତ କରିଥିଲେ। ଯଦୁପୁର ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ଜେନା ନବନିର୍ବାଚିତ ସଭାପତି ଶ୍ରୀକାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବାଇଚଢ଼େଇ ବଂଶ ବିସ୍ତାର ପାଇଁ ସଚେତନତା ଜରୁରୀ

**ମହାକାଳପଡ଼ା, ୧୨।୭ (ଡି.ଏନ୍.ଏ.)**

ଓଡ଼ିଶାର ଗାଁ ଗଣ୍ଡାରେ ଦେଖାଯାଉଥିବା ବାଇ ଚଢ଼େଇ ଏକ କ୍ଷୁଦ୍ରତମ ପକ୍ଷୀ। ଏହି ସୁନ୍ଦରତମ ସୃଷ୍ଟିକୁ ନେଇ ଲେଖାଯାଇଛି ଅନେକ କଥା ଓ କାହାଣୀ। ଏହି ଚଢ଼େଇ ଜନଗହଳିଠୁ ଟିକେ ନିଛାଟିଆ ସ୍ଥାନରେ ଉଚ୍ଚ ଗଛଡାଳରେ ବସା ବାନ୍ଧିବା ପାଇଁ ଖୁବ୍ ପସନ୍ଦ କରିଥା'ନ୍ତି। ଏମାନଙ୍କ ଖାତିର ନ ଥାଏ ଝଡ଼ ବର୍ଷାକୁ। ଓଡ଼ିଶାର ସଂସ୍କୃତି ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ 'ବାଇ ଚଢ଼େଇ' ବା ବାୟା ଚଢ଼େଇ ବଂଶ। ପୂର୍ବରୁ ଅଝଟ ପିଲାକୁ ବାୟା ଚଢ଼େଇ ଗୀତ ବୋଲି ମା' ଶୁଆଇ ଦେଉଥିଲା। ବାଇ ଚଢ଼େଇ ଗାଁ ଗଣ୍ଡାରେ ଆଉ ଆଗଭଳି ଦେଖିବାକୁ ମିଳୁନାହନ୍ତି। କାରଣ ଅସନ୍ତୁଳିତ ପରିବେଶ, ଜଳବାୟୁ ପରିବର୍ତ୍ତନ ଏହି ବିରଳ ପକ୍ଷୀକୁ ବାଧ୍ୟ କରିଛି ଗାଁଠୁ ଦୂରେଇ ଯିବାକୁ। ଗାଁ ସିନା ଚାହୁଁନି ହେଲେ ମା' ଏବେବି କୁନି ପିଲାଙ୍କୁ କାନ୍ଧରେ ପକାଇ ନାନାବାୟା ଗୀତ ଶୁଣାଉଛି। ଗାଁ ଚାଷଜମିରେ ବିପୁଳ ପରିମାଣରେ ରାସାୟନିକ ସାରର ପ୍ରୟୋଗ, କଂକ୍ରିଟ ଗୃହ, ପ୍ରାକୃତିକ ଦୁର୍ବିପାକ, ବିସ୍ତୀର୍ଣ୍ଣ ଜଙ୍ଗଲ ନଷ୍ଟ, ତାଳ, ଖଜୁରି ଗଛ ନଷ୍ଟ ହେବା ଆଦି ଅନେକ କାରଣ ବଂଶବୃଦ୍ଧି ପାଇଁ ବାଧକ ସାଜିଛି। ତେଣୁ ବଂଶ ବିସ୍ତାର ପାଇଁ ଏବେ ଲୋକମାନଙ୍କ ମଧ୍ୟରେ ସଚେତନତା ଜରୁରୀ ହୋଇ ପଡିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ୧୯୯୯ ମହାବାତ୍ୟା ପରଠାରୁ ଆଉ ବାଇ ଚଢ଼େଇ ଆଗଭଳି ଦେଖିବାକୁ ମିଳୁନାହାନ୍ତି। ବିଶେଷକରି ବ୍ଲକର ଉପକୂଳବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ହେନ୍ତାଳ ବଣ ବା (ରୁଅ) ଜାତୀୟ ଗଛରେ ଏମାନେ ପିଞ୍ଚା ପତ୍ରର ଅଗ୍ରଭାଗ, ନାଳିଆ, ଘାସ, ତାଳପତ୍ର ଉପର ଭାଗର ଅଂଶକୁ ସରୁ ସରୁ ସୂତା ଭଳି ଚିରି ଖୁବ୍ ଯତ୍ନ ସହକାରେ ଥଣ୍ଟ ସାହାଯ୍ୟରେ ସୁନ୍ଦର ବସା ଗଛ ଅଗ୍ରଭାଗ ଡାଳରେ ତିଆରି କରିଥାନ୍ତି। ବସାଟି ଏପରି ଭାବେ ତିଆରି ହୋଇଥାଏ ଯେପରିକି ଝଡ଼ ତୋଫାନ, ବର୍ଷାରେ କିଛି କ୍ଷତି ହୋଇ ନ ଥାଏ। ଗଛ ଭାଙ୍ଗିଯାଏ କିନ୍ତୁ ବସା ସୁରକ୍ଷିତ ଥାଏ। କେହି କେହି ଲୋକ ଏହି ବାଇ ଚଢ଼େଇ ବସାକୁ ଘର ଅଗଣାରେ ଟଙ୍ଗାଇ ଥା'ନ୍ତି। ବିଶ୍ୱାସ ଥାଏ, ଏହି ବସା ଟଙ୍ଗାଇବା ଦ୍ୱାରା ଶୁଭଫଳ ମିଳିବା ସହ ମା' ଲକ୍ଷ୍ମୀଙ୍କ ଆଗମନ ହୋଇଥାଏ। ଏହି ବାଇ ଚଢ଼େଇମାନେ ଛୋଟ ଛୋଟ କୀଟ ପତଙ୍ଗ, ଧାନ ଆଦି ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ମାଈ ଚଢ଼େଇ ବର୍ଷକୁ ଦୁଇଟି ଡିମ୍ବ ଦେଇଥାଏ। ଡିମ୍ବରୁ ଶାବକ ଜନ୍ମ ହେବା ପର୍ଯ୍ୟନ୍ତ ତାହାକୁ ଉଷୁମ ଦେଇଥାଏ। ଏହି ସମୟରେ ପୁରୁଷ ପକ୍ଷୀ ଖାଦ୍ୟ ସଂଗ୍ରହ କରି ମାଈ ପକ୍ଷୀକୁ ଦେଇଥାଏ। ଡିମ୍ବ ଫୁଟିବା ପରେ ଶାବକ ଟିକେ ବଡ଼ ହେବା ପର୍ଯ୍ୟନ୍ତ ଶତ୍ରୁ ଆକ୍ରମଣରୁ ରକ୍ଷା ପାଇଁ ଚାରିପାଖରେ ପୁରୁଷ ପକ୍ଷୀ ଜଗି ରହିଥାଏ। ପରେ ଶାବକ ନୂଆ ପର ହେବା ପରେ ମା' ସାଙ୍ଗରେ ଖଣ୍ଡିଉଡ଼ା ଦେବା ସହ ଖାଦ୍ୟ ଖାଇବା ଶୈଳୀ ଅନୁକରଣ କରିଥାଏ। ଏମାନଙ୍କ ବଂଶ ପୂର୍ବ ଅପେକ୍ଷା ଢେର୍ କମିଛି। ବ୍ଲକର ଗୋବରୀ ନଦୀ ସଂଲଗ୍ନ କିଛି ତାଳ, ଚାକୁଣ୍ଡା ଆଦି ଗଛରେ ଏବେ ବାଇ ଚଢ଼େଇ ବସା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପକ୍ଷୀପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କୁହନ୍ତି, ୮୦ ଦଶକରେ ଏହି ବାଇ ଚଢ଼େଇ ଶହ ଶହ ସଂଖ୍ୟାରେ ନଡ଼ିଆ, ତାଳ ଓ ନଦୀ ପଠାଗୁଡ଼ିକର ଉଚ୍ଚ ଗଛ ଓ ହେନ୍ତାଳ ବଣରେ ସଂଘ ବଦ୍ଧ ହୋଇ ବସା ବାନ୍ଧି ରହୁଥିଲେ। ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ଦୁର୍ବିପାକ ଓ ପଡ଼ୋଶୀ ଜିଲାର କଳକାରଖାନାର ବିଷାକ୍ତ ଧୂଆଁ, ଗ୍ୟାସ୍ ପ୍ରଭାବରେ ଏମାନଙ୍କ ବଂଶ ବିଲୁପ୍ତ ହେବାକୁ ବସିଲାଣି। ସମୟ ଆସିଛି ଅଞ୍ଚଳର ତାଳ, ଖଜୁରି, ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଗଲେ ଏମାନଙ୍କ ବସବାସ ପାଇଁ ଉପଯୁକ୍ତ ସ୍ଥାନ ମିଳିବ। ସଚେତନତାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି, ଯେପରି ପକ୍ଷୀମାନେ ନିର୍ଭୟରେ ବୁଲାବୁଲି କରିପାରିବେ। ଯଦି ଏମାନଙ୍କୁ ସୁରକ୍ଷା ଦିଆ ନ ଯାଏ, ଆଗାମୀ ପିଢ଼ିମାନେ ବାଇ ଚଢ଼େଇକୁ ଚିତ୍ରରେ ଦେଖିବା ସାର ହେବ।


ଗୋବରୀ ନଦୀ ସଂଲଗ୍ନ ଚାକୁଣ୍ଡା ଗଛରେ ବାଇ ଚଢ଼େଇ ବସା।

# ଦ୍ରୌପଦୀଙ୍କୁ ଶିବସେନାର ସମର୍ଥନ

## ରାଷ୍ଟ୍ରପତି ନିର୍ବାଚନ


ଉଦ୍ଧବ ଠାକ୍‌ରେ

ମୁମ୍ବାଇ, ୧୨।୭

ଭାଜପାର ପୂର୍ବତନ ସହଯୋଗୀ ଶିବସେନା ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବ। ଏ ନେଇ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି।

ଆସନ୍ତା ୧୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ଉଭୟ ଶାସକ ମେଣ୍ଟ ଓ ବିରୋଧୀ ପକ୍ଷର ରାଷ୍ଟ୍ରପତି ପ୍ରାର୍ଥୀ ବିଭିନ୍ନ ରାଜ୍ୟ ଗସ୍ତ କରି ସମର୍ଥନ ଯୋଗାଡ଼ କରୁଛନ୍ତି। ଏନ୍‌ଡିଏର ଦ୍ରୌପଦୀ ମୁର୍ମୁଙ୍କ ପଲା ଭାରିଥିବା କୁହାଯାଉଥିବାବେଳେ ବିରୋଧୀ ଦଳଗୁଡ଼ିକର ପ୍ରାର୍ଥୀ ଯଶୱନ୍ତ ସିହ୍ନା ମଧ୍ୟ ନେତାମାନଙ୍କୁ ଭେଟି ସମର୍ଥନ ଲୋଡୁଛନ୍ତି। ନିକଟରେ ଭାଜପା ଶିବସେନାରେ ବିଦ୍ରୋହ ଘଟାଇ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ମହାରାଷ୍ଟ୍ରରେ ନୂଆ ସରକାର ଗଢ଼ିବାରେ ସକ୍ଷମ ହୋଇଛି। ଏହାକୁ ନେଇ ଭାଜପା-ଶିବସେନା ମଧ୍ୟରେ ତିକ୍ତତା ଆହୁରି ବଢ଼ିଛି। ତେଣୁ ଉଦ୍ଧବ ଯଶୱନ୍ତଙ୍କୁ ସମର୍ଥନ କରିପାରନ୍ତି ବୋଲି ପୂର୍ବରୁ ଅନେକେ ମନେକରୁଥିଲେ। ତେବେ ସୋମବାର ଉଦ୍ଧବ ଦଳୀୟ ଏମ୍‌ପିମାନଙ୍କୁ ନେଇ ଏକ ବୈଠକ କରିଥିଲେ, ଯହିଁରେ ଦ୍ରୌପଦୀଙ୍କୁ ସମର୍ଥନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଶିବସେନାର ଲୋକ ସଭାରେ ୧୮ ଓ ରାଜ୍ୟ ସଭାରେ ୩ ଏମ୍‌ପି ଅଛନ୍ତି। ଉଦ୍ଧବଙ୍କ ବୈଠକକୁ ସେମାନଙ୍କ ମଧ୍ୟରୁ ୭ ଜଣ ଆସି ନ ଥିଲେ। ଉପସ୍ଥିତ ଏମ୍‌ପିମାନଙ୍କ ମଧ୍ୟରୁ ୧୬ ଜଣ ଦ୍ରୌପଦୀଙ୍କୁ ସମର୍ଥନ ପାଇଁ ଉଦ୍ଧବଙ୍କୁ ପ୍ରସ୍ତାବ ଦେଇଥିଲେ। ସଂସଦୀୟ ଦଳରେ ଶିବସେନାର ବିଭାଜନ ଏଡ଼ାଇବା ପାଇଁ ଉଦ୍ଧବ ଦ୍ରୌପଦୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଥିବା କୁହାଯାଉଛି। ତେବେ ଉଦ୍ଧବ ଏହାକୁ ଖଣ୍ଡନ କରି କହିଛନ୍ତି, ବୈଠକରେ ତାଙ୍କ ଉପରେ କେହି ଚାପ ପକାଇ ନାହାନ୍ତି। ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ଦୌଡ଼ରେ ସାମିଲ ହୋଇଥିବାରୁ ରାଜନୈତିକ ସଂକୀର୍ଣ୍ଣତା ତ୍ୟାଗ କରି ତାଙ୍କୁ ସମର୍ଥନ କରିବା ଆବଶ୍ୟକ ବୋଲି ଉଦ୍ଧବ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଗୋଷ୍ଠୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି।


ମୁମ୍ବାଇରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସହ ବୈଠକ ସାରି ଏନ୍‌ସିପି ନେତା ଜିତେନ୍ଦ୍ର ଆହ୍ୱାଦ ଫେରୁଛନ୍ତି।

## ଗୋଆରେ ଅପରେଶନ ଲୋଟସ୍ ଫେଲ୍: କଂଗ୍ରେସ

ପଣଜୀ, ୧୨।୭: ଗୋଆରେ କଂଗ୍ରେସ ପକ୍ଷରୁ ଭାଜପାକୁ ଟାର୍ଗେଟ କରାଯାଇଛି। ଭାଜପାର ଅପରେଶନ ଲୋଟସ ଫେଲ୍ ହୋଇଥିବା କଂଗ୍ରେସ କହିଛି। ବିଧାୟକଙ୍କ ବିଦ୍ରୋହର ଖବର ମଧ୍ୟରେ କଂଗ୍ରେସ ବରିଷ୍ଠ ନେତା ମୁକୁଲ ୱାସନିକଙ୍କୁ ଏଠାକୁ ପଠାଇଥିଲା। ସୋମବାର ରାତିରେ ଅନୁଷ୍ଠିତ ବୈଠକରେ ଗୋଆ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଅଂଶଗ୍ରହଣ କରିଥିଲେ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗମ୍ବର କାମାତଙ୍କ ବ୍ୟତୀତ ମାଇକେଲ ଲୋବୋଙ୍କ ସମେତ ଅନ୍ୟ ସମସ୍ତ ବିଧାୟକ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଉପସ୍ଥିତ ଥିଲେ। ଏହା ବ୍ୟତୀତ ଗୋଆ ବ୍ୟାପାରର ଦାୟିତ୍ୱରେ ଥିବା କଂଗ୍ରେସର ଦାୟିତ୍ୱ ଦୀନେଶ ଗୁଣ୍ଡୁ ରାଓ ଏବଂ ଦଳର ରାଜ୍ୟ ସଭାପତି ଅମିତ ପାଟକର ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ, ମୁକୁଲ ୱାସନିକ କହିଛନ୍ତି ଯେ ମନ୍ଦ ଉଦ୍ଦେଶ୍ୟ ନେଇ କିଛି ଲୋକ ଗୋଆ କଂଗ୍ରେସରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ଅପରପକ୍ଷରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି ଯେ ରାଜ୍ୟ କଂଗ୍ରେସ ବିଧାୟକଙ୍କ ବିଦ୍ରୋହ ସହ ଭାଜପାର କୌଣସି ସମ୍ପର୍କ ନାହିଁ। ଭାଜପା ବିରୋଧରେ ମିଛରେ ଅଭିଯୋଗ କରାଯାଉଛି ବୋଲି ସାୱନ୍ତ କହିଛନ୍ତି।

## ମାଗଣା ବିଦ୍ୟୁତ୍ ପ୍ରତିଶ୍ରୁତିରେ ଶର୍ଟ ସର୍କିଟ ନିଶ୍ଚିତ: ମୋଦି

ରାଞ୍ଚି, ୧୨।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଝାଡଖଣ୍ଡକୁ ବିମାନବନ୍ଦର, ଏମ୍ସ ସମେତ ବିଭିନ୍ନ ଯୋଜନାର ଉପହାର ପ୍ରଦାନ କରିଛନ୍ତି। ବାବା ବୈଦ୍ୟନାଥଙ୍କୁ ପ୍ରାର୍ଥନା କରିବା ପରେ ସାଧାରଣ ସଭାରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶର୍ଟକଟ ରାଜନୀତି କରୁଥିବା ନେତାଙ୍କ ପ୍ରତି ସତର୍କ ରହିବାକୁ ଚେତାବନୀ ଦେଇଛନ୍ତି। ମାଗଣା ବିଦ୍ୟୁତ ଏବଂ ମାଗଣା ବସ ଯାତ୍ରା ଭଳି ପ୍ରତିଶ୍ରୁତି ନେଇ ଲୋକଙ୍କୁ ସଚେତନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏଭଳି ପ୍ରତିଶ୍ରୁତି କେବଳ ଦିନେ ଜନସାଧାରଣଙ୍କୁ ଉତ୍ସାହିତ କରିବ। ଏଭଳି ପ୍ରତିଶ୍ରୁତିରେ ଶର୍ଟ ସର୍କିଟ ହେବା ନିଶ୍ଚିତ। ଶର୍ଟକଟ ରାଜନୀତିକୁ ଦେଶ ପାଇଁ ଏକ ଆହ୍ୱାନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଗୃହରେ ଉଠିବ ରୁଚିକାଙ୍କ ମା'ଙ୍କୁ ପୋଲିସ ଉଠାଇନେବା ପ୍ରସଙ୍ଗ

## ଆଜିଠୁ ମୌସୁମୀ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ



ଭୁବନେଶ୍ୱର, ୧୨।୭(ବ୍ୟୁରୋ)

ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ମୌସୁମୀ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବ। ଏହି ଅଧିବେଶନରେ ମୋଟ ୨୪ଟି କାର୍ଯ୍ୟଦିବସ ରହିଛି। ତେବେ ପ୍ରଥମ ପର୍ଯ୍ୟାୟରେ ୨ରୁ ଆରମ୍ଭ ହୋଇ ୬ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିଥିଲା। ତେବେ ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭରୁ କଂଗ୍ରେସ ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ମା'ଙ୍କ ପ୍ରତି ପୋଲିସ୍ କରିଥିବା ବ୍ୟବହାରକୁ ବିରୋଧରେ କରି ଶାସକ ଦଳକୁ ଘେରିବାକୁ ଯୋଜନା କରିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ସବୁ ମହଲରେ ନିନ୍ଦା କରାଯାଉଥିବା ବେଳେ ଉଭୟ କଂଗ୍ରେସ ଏବଂ ଭାଜପା ଏହି କଥା ବିଧାନସଭାରେ ଉଠାଇବାକୁ ଯୋଜନା କରିଛନ୍ତି।

କଂଗ୍ରେସର ବରିଷ୍ଠ ତଥା ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ରୁଚିକାଙ୍କ ମା'ଙ୍କୁ ପୋଲିସର ଅମାନୁଷିକ ବ୍ୟବହାରରେ ସେ ମର୍ମାହତ। ପୋଲିସ ତାଙ୍କୁ ବୁଝାଇ ପାରିଥାଆନ୍ତା। ଅତି ବେଶିରେ ନୋଟିସ କରିପାରିଥାଆନ୍ତା। ତାଙ୍କ ମା'ଙ୍କୁ ଏଭଳି ଉଠାଇନେବାର ଆବଶ୍ୟକତା କ'ଣ ଥିଲା ବୋଲି ସେ ପ୍ରଶ୍ନ କରିବା ସହ ବିଧାନସଭାରେ ଏକଥା ଉଠାଇବେ ବୋଲି କହିଛନ୍ତି।

ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଯେତେବେଳେ ଗୋଟିଏ କିଛି ଘଟଣା ଘଟୁଛି ପୋଲିସ ଅନେକ ସମୟରେ ସେହି କଥାକୁ ହାଲୁକା କରିଦେବା ଲାଗି ବିଭିନ୍ନ ପ୍ରକାର ଚେଷ୍ଟା କରୁଛି। ପୋଲିସ କେତେବେଳେ କାହାକୁ ସୁରକ୍ଷା ଦେବା ଲାଗି ହେଉ କିମ୍ବା ନିଜ ଦୁର୍ବଳତା ଲୁଚାଇବା ପାଇଁ ହେଉ ବିଭିନ୍ନ କଥାକୁ ଚାପିବା ପାଇଁ ବାହାନା ପ୍ରସ୍ତୁତ କରୁଛି। ବେଳେବେଳେ ନିଜ ଭୁଲ୍ ଲୁଚାଇବାକୁ ଅଯଥାରେ ମିଥ୍ୟା କଥା ପ୍ରଚାର କରୁଛି। ଯେଉଁଭଳି ଭାବେ ରୁଚିକାଙ୍କ ମା'ଙ୍କୁ ପୋଲିସ ଉଠାଇନେଲା ଏହା କୌଣସି ହିଟ୍‌ଲରି ଶାସନଠାରୁ କମ୍ ନୁହେଁ। ଏକଥା ବିଧାନସଭାରେ ନିଶ୍ଚୟ ଉଠିବ ବୋଲି ଜୟନାରାୟଣ କହିଛନ୍ତି।

ସୂଚନାଯୋଗ୍ୟ, ବିଜେବି କଲେଜ ଛାତ୍ରୀ ରୁଚିକାଙ୍କ ଆତ୍ମହତ୍ୟା ୧୦ରୁ ଅଧିକ ଦିନ ବିତିଯାଇଥିଲେ ସୁଦ୍ଧା ଦୋଷୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ରୁଚିକା ତାଙ୍କ ସୁଇସାଇଡ୍ ନୋଟ୍‌ରେ ୩ ଜଣ ସିନିୟରଙ୍କ ରାଗିଂ ସହ୍ୟ କରି ନ ପାରି ଆତ୍ମହତ୍ୟା କରିଥିବା ଦର୍ଶାଇଥିଲେ, ହେଲେ ପୋଲିସ କିନ୍ତୁ ମଙ୍ଗଳବାର ଏନେଇ କୌଣସି ପ୍ରମାଣ ମିଳୁ ନ ଥିବା, ଛାତ୍ରୀମାନେ ଏପରି କିଛି ହଷ୍ଟେଲରେ ହେଉ ନ ଥିବା କହିଥିଲେ। ହେଲେ ଦୋଷୀ ଧରି ନ ପଡିବା ପର୍ଯ୍ୟନ୍ତ କଲେଜ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ରୁଚିକାଙ୍କ ମା' ଚେତାବନୀ ଦେଇ ବସି ରହିଥିଲେ। ଶେଷରେ ସୋମବାର ପୋଲିସ ବଳପୂର୍ବକ ରୁଚିକାଙ୍କ ମା' ଏବଂ ତାଙ୍କ ସହ ଥିବା ସାମାଜିକ କର୍ମୀଙ୍କୁ କଲେଜ ସମ୍ମୁଖରୁ ଘୋଷାରି ନେଇ ଚାଲିଯାଇଥିଲା। ଏହାକୁ ସବୁସ୍ତରରେ ନିନ୍ଦା କରାଯାଇଛି।

# ପହଞ୍ଚିଲା ନିର୍ବାଚନ ସାମଗ୍ରୀ

## ବିଧାନସଭା ୫୪ ନମ୍ବର ରୁମ୍‌ରେ ରାଷ୍ଟ୍ରପତି ଭୋଟ

- ୧୮ ତାରିଖ ସକାଳ ୧୦ରୁ ୫ଟା ପର୍ଯ୍ୟନ୍ତ ଭୋଟ
- ରାଜ୍ୟ ବିଧାନସଭା ସଦସ୍ୟଙ୍କ ସମେତ ଏମ୍‌ପି, ଅନ୍ୟ ରାଜ୍ୟ ବିଧାୟକ ଚାହିଁଲେ ଦେଇପାରିବେ ଭୋଟ



ଭୁବନେଶ୍ୱରରେ ପହଞ୍ଚିଥିବା ଆବଶ୍ୟକ ଭୋଟ ସାମଗ୍ରୀ।

ଭୁବନେଶ୍ୱର, ୧୨।୭(ବ୍ୟୁରୋ)

ଦେଶରେ ନୂଆ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ ହେବ। ଏନେଇ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଉକ୍ତ ଦିନ ସକାଳ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ବିଧାନସଭା ପ୍ରଥମ ମହଲାର ରୁମ୍ ନମ୍ବର ୫୪ରେ ଭୋଟ ଗ୍ରହଣ କରିବା ପାଇଁ ସ୍ଥିର ହୋଇସାରିଛି। ସମସ୍ତ ବିଧାନସଭା ସଦସ୍ୟ ସେଠାରେ ନିଜର ମତ ସାବ୍ୟସ୍ତ କରିବେ। ଏଥିସହ ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟଙ୍କ ସମେତ ଯେକୌଣସି ରାଜ୍ୟର ବିଧାନସଭା ସଦସ୍ୟମାନେ ଚାହିଁଲେ ଏଠାରେ ଭୋଟ ଦେଇପାରିବେ। ଭାରତର ନିର୍ବାଚନ କମିଶନ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ଓଡ଼ିଶା ବିଧାନସଭା ପକ୍ଷରୁ ମଙ୍ଗଳବାର ଏକ ଚିଠି ଜାରି କରାଯାଇଥିବା ବେଳେ ରାଷ୍ଟ୍ରପତି ନିର୍ବାଚନ ଲାଗି ଚୟନ ହୋଇଥିବା ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ରଙ୍ଗାଧର ମଲିକ ଏଥିପାଇଁ ଉକ୍ତ ଚିଠିରେ ଦସ୍ତଖତ କରିଛନ୍ତି। ଅନ୍ୟପକ୍ଷରେ ୧୬ତମ ରାଷ୍ଟ୍ରପତି ନିର୍ବାଚନ ଲାଗି ଆବଶ୍ୟକ ବିଭିନ୍ନ ସାମଗ୍ରୀ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରଠାରେ ବିଳମ୍ବିତ ସନ୍ଧ୍ୟାରେ ଆସି ପହଞ୍ଚିଛି।

## ରାଜ୍ୟ ଖବର

# କୋଟିପତି ସହକାରୀ ଯନ୍ତ୍ରୀଙ୍କ ୨୮ ପ୍ଲଟ୍

## ୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

- ୩. ୫୪ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠାବ
- ରେନଲ୍ଟ ଗାଡ଼ି, ନଗଦ ୧.୬୨ ଲକ୍ଷ ମିଳିଲା




ଦୁଷ୍ମନ୍ତ କୁମାର ଦେହୁରୀ। ଚନ୍ଦ୍ରଶେଖରପୁର ଭିଆଇଏମ୍-୪୪୨ସ୍ଥିତ ତିନିମହଲା କୋଠା।

କଟକ ଅଫିସ/ନିମାପଡ଼ା, ୧୨।୭ (ଡି.ଏନ୍.ଏ.)

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ଦେହୁରୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦେହୁରୀଙ୍କ କାର୍ଯ୍ୟାଳୟ ଓ ପୈତୃକ ଗୃହ ସମେତ ୭ଟି ସ୍ଥାନରେ ମଙ୍ଗଳବାର କଟକ ଡିଭିଜନ୍ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ତାଙ୍କର ୩. ୫୪ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏଥିମଧ୍ୟରେ ୨୮ଟି ପ୍ଲଟ୍, ନଗଦ ୧.୬୨ ଲକ୍ଷ ଟଙ୍କା, ଏକ ତିନି ମହଲା କୋଠା, ୪୭ ଲକ୍ଷ ୬୫ ହଜାର ଟଙ୍କାର ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ଡିପୋଜିଟ୍, ଏକ ଚାରିଚକିଆ ଗାଡ଼ି, ସୁନାଗହଣା, ୨ଟି ବାଇକ୍ ପ୍ରଭୃତି ରହିଛି। ସେହିପରି ତାଙ୍କ ବାସଭବନ ଓ କାର୍ଯ୍ୟାଳୟରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। ଏ ନେଇ ଦେହୁରୀଙ୍କୁ ପଚରାଉଚରା ସହ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗର ୫ ଡିଏସ୍‌ପିଙ୍କ ନେତୃତ୍ୱରେ ୧୨ ଇନ୍ସପେକ୍ଟର ଏବଂ ସହଯୋଗୀ କର୍ମଚାରୀଙ୍କୁ ନେଇ ଗଠିତ ୭ଜଣିଆ ଟିମ୍ ସକାଳୁ ଏକକାଳୀନ ପୁରୀ, ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲାର ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। କେବଳ ଢେଙ୍କାନାଳରେ ୨୧ ଓ ଭୁବନେଶ୍ୱରରେ ୭ଟି ପ୍ଲଟ ଠାବ କରାଯାଇଛି। ସେଲ୍ ଡିଡ୍ ଅନୁଯାୟୀ ଏସବୁର ଆନୁମାନିକ ମୂଲ୍ୟ ୧.୪୫ କୋଟି ଆକଳନ ହୋଇଛି। ତେବେ ପ୍ଲଟ୍‌ଗୁଡ଼ିକ ଅଣ୍ଡର ଭାଲ୍ୟୁଏଶନରେ ରେଜିଷ୍ଟ୍ରେଶନ କରାଯାଇଥିବାରୁ ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଭିଆଇଏମ୍-୪୪୨ସ୍ଥିତ ପ୍ଲଟ ନଂ. ୦୪/୬୩୦୭ରେ ଥିବା ତିନିମହଲା କୋଠାର ମୂଲ୍ୟ ପ୍ରାୟ ୯୨ ଲକ୍ଷ, କଳାରାହାଙ୍ଗ ଓ ଆଇଗିଣିଆରେ ୧୨.୩୪ ଲକ୍ଷର ଦୁଇଟି ଘର, ଢେଙ୍କାନାଳ ସହରର ପ୍ଲଟ ନଂ. ୧୯୭୦/୩୯୫ ଏବଂ ୩୪୯୬/୧୧୦୩୧ରେ ଥିବା ଦୁଇଟି ଏକମହଲା କୋଠାର ମୂଲ୍ୟ ପ୍ରାୟ ୨୦.୭୭ ଲକ୍ଷ ଟଙ୍କା, ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ଗୁଣଦେଇରେ ଥିବା ୧୨ ଲକ୍ଷ ଟଙ୍କାର ଏକମହଲା କୋଠା, ୧୧ଲକ୍ଷ ଟଙ୍କାର ମହିନ୍ଦ୍ରା ରେନଲ୍ଟ ଲାଗୁନ୍ ଗାଡ଼ି ସମେତ ୧୨.୧୮ ଲକ୍ଷ ଟଙ୍କାର ସୁନା ଓ ଆସବାବପତ୍ର ଠାବ ହୋଇଛି। ଏହା ବ୍ୟତୀତ ଭୁବନେଶ୍ୱର ଶୈଳଶ୍ରୀ ବିହାର ଫ୍ଲାଟ୍ ନଂ. ଏ/୨୦୯ରେ ଭଡ଼ା ଲାଗିଥିବା ଆବାସିକ କୋଠା ଓ ଢେଙ୍କାନାଳ ସପ୍ତଶଯ୍ୟାସ୍ଥିତ ନିର୍ମାଣାଧୀନ କୋଠା ରହିଛି। ଏସବୁର ପ୍ରକୃତ ମୂଲ୍ୟ ଆକଳନ ପ୍ରକ୍ରିୟା ଓ ତଦନ୍ତ ଜାରି ରହିଛି। ନିମାପଡ଼ାସ୍ଥିତ ଦେହୁରୀଙ୍କ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସରେ ଭିଜିଲାନ୍ସ ଡିଏସ୍‌ପି ବିଜୟ କୁମାର ଓରାମ, ଇନ୍ସପେକ୍ଟର ହିରଣ୍ମୟୀ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିବା ଜଣାପଡ଼ିଛି। ପୁନର୍ବାର ଯାଞ୍ଚ ଜାରି ରହିଛି। ସମ୍ପୂର୍ଣ୍ଣ ମୂଲ୍ୟାୟନ ପରେ ସମ୍ପତ୍ତି ମୂଲ୍ୟ ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ୯୩୨ ଗ୍ରାମ୍ ସୁନା, ୧୪ ହଜାର ଟଙ୍କା ଜବତ



ଜବତ ସୁନା ଓ ଗିରଫ ଅଭିଯୁକ୍ତ।

## ସୁନା କାରଖାନାରୁ ଚୋରି ଘଟଣା

### କୋଲକାତାରୁ ଅଭିଯୁକ୍ତ ଗିରଫ

କଟକ ଅଫିସ, ୧୨।୭

ସୁନା କାରଖାନାରୁ ସୁନା ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ କୋଲକାତାରୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ଅଞ୍ଚଳର ସୁଶାନ୍ତ ରୁଇଦାସ(୨୦)। ତାଙ୍କଠାରୁ ୯୩୨ ଗ୍ରାମ ସୁନା, ୧୪ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ୍ ଜବତ କରାଯାଇଥିବା ମଙ୍ଗଳବାର ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର କହିଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, କଟକ ଫିରିଙ୍ଗିବଜାର ଅଞ୍ଚଳରେ ସୁରଜିତ୍ ଦତ୍ତଙ୍କ ସୁନା କାରଖାନା ରହିଛି। ସେଠାରେ ପ୍ରାୟ ୮ ମାସ ହେବ ସୁଶାନ୍ତ କାର୍ଯ୍ୟ କରୁଥିଲେ। ଗତ ୪ ତାରିଖରେ ସୁଶାନ୍ତ ଉକ୍ତ କାରଖାନାରୁ ୧.୨ କେଜି ଓଜନର ସୁନା ଓ ୮ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ସୁରଜିତ୍ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୦/୨୨) ରୁଜୁ କରିଥିଲା। ତଦନ୍ତ ପାଇଁ ପୁରୀଘାଟ ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ନେଇ ଦୁଇଟି ଟିମ୍ ଗଠନ ହୋଇଥିଲା। ଅଭିଯୁକ୍ତ ଜଣଙ୍କ କୋଲକାତାରେ ଥିବା ପୋଲିସ ବିଶେଷସୂତ୍ରରୁ ଖବର ପାଇଥିଲା। ପରେ ଏହି ଦୁଇଟି ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ କୋଲକାତା ଯାଇଥିଲା। ସୋମବାର କୋଲକାତାର ଏକ ସ୍ଥାନରେ ସୁଶାନ୍ତ କିଛି ସୁନା ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଜବତ ସୁନାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଡିସିପି କହିଛନ୍ତି।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଖାଲି ପଦବୀ ପୂରଣ କର

## ପଦବୀ ତାଲିକା ୭ ଦିନରେ ପ୍ରସ୍ତୁତ କରି ଦିଅ: ମନ୍ତ୍ରୀ

ଭୁବନେଶ୍ୱର, ୧୨।୭(ବ୍ୟୁରୋ)

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ ଖାଲିଥିବା ପଦବୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବ। ଏଥିପାଇଁ ପଦକ୍ଷେପ ନିଆଯାଇଥିବା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷି ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଖାଲି ପଦବୀ ପୂରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଲୋକାଭିମୁଖୀ କାର୍ଯ୍ୟକ୍ରମର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଖାଲିଥିବା ମୂଳ ପଦବୀଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ପୂରଣ ହେବ। ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ସଚିବ ଆର୍. ରଘୁପ୍ରସାଦ ଖାଲିଥିବା ବିଭିନ୍ନ ପଦବୀ ପୂରଣ ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ସୂଚନା ମୁତାବକ, ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୧୭୭ଟି ସହକାରୀ ମତ୍ସ୍ୟ ଅଧିକାରୀ ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ମତ୍ସ୍ୟ ନିର୍ଦ୍ଦେଶାଳୟ ଅଧୀନରେ ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଖାଲି ହେଉଥିବା ସହକାରୀ ମତ୍ସ୍ୟ ଅଧିକାରୀ ଓ ଜୁନିୟର ଫିସରିଜ୍ ଟେକ୍‌ନିକାଲ୍ ଆସିଷ୍ଟାଣ୍ଟ ପଦବୀ ତାଲିକା ଆସନ୍ତା ୭ ଦିନ ମଧ୍ୟରେ ପ୍ରସ୍ତୁତ କରି ଏହା ପୂରଣ ନିମନ୍ତେ କ୍ଷମତାସମ୍ପନ୍ନ କମିଟି ସମ୍ମୁଖରେ ପ୍ରସ୍ତାବ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ ସିଲେକ୍‌ସନ୍ କମିଶନ ଦ୍ୱାରା ମତ୍ସ୍ୟ ନିର୍ଦ୍ଦେଶାଳୟର ୧୯ଟି ଜୁନିୟର କ୍ଲର୍କ ପଦବୀ ପୂରଣ ନିମନ୍ତେ ସାର୍ଟିଫିକେଟ୍ ଯାଞ୍ଚ କାର୍ଯ୍ୟ କରାଯିବା ପରେ ତାଲିକା ଚୂଡ଼ାନ୍ତ କରାଯିବ। ସେହିପରି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଅଧୀନରେ ୩୫୧ଟି ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ/ଅତିରିକ୍ତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ମୌଖିକ ପରୀକ୍ଷା କରାଯାଇ ପ୍ରାର୍ଥୀ ତାଲିକା ସୁପାରିସ କରାଯିବ। ଏତଦ୍‌ବ୍ୟତୀତ ୪୫୪ଟି ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ/ଅତିରିକ୍ତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ପଦବୀ ପୂରଣ ନିମନ୍ତେ ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫୬୫ଟି ପ୍ରାଣୀସମ୍ପଦ ନିରୀକ୍ଷକ (ଏଲ୍‌ଆଇ) ପଦବୀରେ ନିଯୁକ୍ତି ନିମନ୍ତେ ଲିଖିତ ଓ ଶାରୀରିକ ପରୀକ୍ଷା ଶେଷ ହୋଇଛି। ୨ୟ ପର୍ଯ୍ୟାୟରେ ୭୧୯ଟି ଏଲ୍‌ଆଇ ପଦବୀ ପୂରଣ ନିମନ୍ତେ ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍‌ସନ୍‌କୁ ଅନୁରୋଧ କରାଯାଇଛି। ବୈଠକରେ ୭୧୯ଟି ଏଲ୍‌ଆଇ ପଦବୀ ପାଇଁ ବିଜ୍ଞାପନ ପ୍ରକାଶନ ନିମନ୍ତେ ଆୟୋଗର ସଚିବଙ୍କୁ ଅନୁରୋଧ କରାଯାଇଛି।

# ଗଜପତିରେ ଭୂସ୍ଖଳନ, ପୋତି ହେଲା ୫ ବାଇକ୍

ଆର.ଉଦୟଗିରି/ନୂଆଗଡ଼, ୧୨।୭(ଡି.ଏନ.ଏ.)


ଭୂସ୍ଖଳନ ହୋଇଥିବା ଅଞ୍ଚଳ

ଗଜପତି ଜିଲା ଆର.ଉଦୟଗିରି ଥାନା ନୂଆଗଡ଼ ବ୍ଲକ ପରିମଳ ପଞ୍ଚାୟତ ନୂଆପଲ୍ଲୀ ଗାଁରେ ମଙ୍ଗଳବାର ସକାଳ ୬ଟାରେ ଭୂସ୍ଖଳନ ହୋଇଛି। ଗତ କିଛିଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ପାହାଡ଼ ଉପରୁ ମାଟି ଅତଡ଼ା ଧସିଯାଇଛି। ଗ୍ରାମର ଚାରିପଟ, ଦାଣ୍ଡ ରାସ୍ତା ଏବଂ ମୁଖ୍ୟ ରାସ୍ତା ଉପରେ ୨/୩ ଫୁଟ ଉଚ୍ଚରେ ମାଟି, ପଥର, ବର୍ଷା ପାଣି ଓ ଗଛ ଡାଳ ଜମିଯାଇଛି। ଭୂସ୍ଖଳନରେ କୌଣସି ଜନଜୀବନ କ୍ଷତି ହୋଇ ନ ଥିବା ବେଳେ କେତୋଟି ଘର ନଷ୍ଟ ହେବା ସହ ୫ ବାଇକ ମାଟି ତଳେ ପୋତି ହୋଇଯାଇଛି। ବ୍ଲକର ନଦୀମୁଠା ଦୁର୍ଗମ ୬ଟି ପଞ୍ଚାୟତ ପରିମଳ, ଉଦୟପୁର, ସମ୍ବଲପୁର, କିରାମା, ଅନୁଗୁରୁ ଓ ସୁନ୍ଦରଡାଙ୍ଗ ପଞ୍ଚାୟତରେ ଯୋଗାଯୋଗ ବ୍ୟାହତ ହୋଇଛି। ପାହାଡ଼ରୁ ଖସି ଆସିଥିବା ବଡ଼ ବଡ଼ ପଥର ମଧ୍ୟ ଗମନାଗମନରେ ବାଧା ସୃଷ୍ଟି କରିଛି। ସ୍ଥାନୀୟ ବ୍ଲକ, ତହସିଲ ପ୍ରଶାସନ ଏବଂ ଅଗ୍ନିଶମ କର୍ମଚାରୀ ପୋଲିସ ବାହିନୀ ପହଞ୍ଚି ଡ୍ରୋଜର ସାହାଯ୍ୟରେ ରାସ୍ତା ସଫା କରିଥିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ଗ୍ରାମର ଦାଣ୍ଡ ରାସ୍ତାର ମାଟି ଅଥଡ଼ା ବାହାର କରି ଉଦ୍ଧାର କାର୍ଯ୍ୟ କରାଯାଉଛି। ବିଭିନ୍ନ ଘରର ଆସବାବପତ୍ର କ୍ଷୟକ୍ଷତି ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଗ୍ରାମରେ ୪୦ ପରିବାରର ୨୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ତାଙ୍କୁ ପରିମଳ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ୨ ଦିନ ପର୍ଯ୍ୟନ୍ତ ଖାଇବା ବନ୍ଦୋବସ୍ତ କରାଯାଇଥିବା ସ୍ଥାନୀୟ ସରପଞ୍ଚ ଉମାଶଙ୍କର କାର୍ଜି କହିଛନ୍ତି। ଆର.ଉଦୟଗିରି ପୋଲିସ ଏବଂ ନୂଆଗଡ଼ ତହସିଲଦାର ଲାବନେନ୍ଦୁ ମହାନ୍ତି ଏବଂ ବ୍ଲକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭୂସ୍ଖଳନର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ କର୍ମଚାରୀମାନେ ପର୍ବତ ଭୂସ୍ଖଳନ ହୋଇଥିବା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ଔଷଧ ଦିଆଯାଇଥିବା ଡା. ନିବେଦିତା ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗୋଦ୍‌ରେଜ୍ ଇନ୍‌ସୁଲି କୁଲ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୧୨।୭:** ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ମଙ୍ଗଳବାର ୨ଟି ବର୍ଗର ଉନ୍ନତ ଇନ୍‌ସୁଲିନ୍ କୁଲିଂ ସମାଧାନ 'ଗୋଦ୍‌ରେଜ୍ ଇନ୍‌ସୁଲିକୁଲ୍ ଓ ଗୋଦ୍‌ରେଜ୍ ଇନ୍‌ସୁଲିକୁଲ୍+'କୁ ଉନ୍ମୋଚନ କରାଯାଇଛି। ବିଶେଷକରି ଡାଇବେଟିସ୍ ରୋଗୀଙ୍କ ଇନ୍‌ସୁଲିନ୍‌କୁ ଆବଶ୍ୟକ ତାପମାତ୍ରାରେ ରଖିବା ଲାଗି ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଭାରତରେ ୭୪ ନିୟୁତ ଲୋକ ଡାଇବେଟିସ୍‌ରେ ପୀଡ଼ିତ। ବିଶ୍ୱର ଦ୍ୱିତୀୟ ସର୍ବାଧିକ ଡାଇବେଟିସ୍ ରୋଗୀ ଭାରତରେ ରହିଛନ୍ତି। ୨୦୩୦ ସୁଦ୍ଧା ସେମାନଙ୍କ ସଂଖ୍ୟା ୧୦% ବଢ଼ିବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆଣ୍ଡ୍ ବଏସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନାଇରିକା ହୋଲ୍‌କର କହିଛନ୍ତି, ଇନ୍‌ସୁଲିନ୍‌ର ଉପଯୁକ୍ତ ଶୀତଳତା ସମାନର ଅଭାବ ଯୋଗୁ ଆମ ଦେଶରେ ଡାଇବେଟିସ୍ କିଭଳି ପ୍ରଭାବିତ ହେଉଛି ତାହା ଏକ ସର୍ବେକ୍ଷଣରୁ ଆମେ ଜାଣିପାରିଛୁ। ଏହି ଉତ୍ପାଦ ସାରା ଦେଶରେ ସମସ୍ତ ଔଷଧ ଦୋକାନ, ଆମାଜନ ଓ ଅଗ୍ରଣୀ ଇ-ଷ୍ଟୋରଗୁଡ଼ିକରେ ଉପଲବ୍ଧ ହୋଇଛି ଓ ଏହାର ବଜାର ମୂଲ୍ୟ ୫,୯୯୯ ଟଙ୍କାରୁ ଆରମ୍ଭ ହୋଇଛି। ଆକ୍‌ସେସୋରି ମୂଲ୍ୟ ଅଲଗା ରହିଛି।

### ସାମ୍‌ସଙ୍ଗ ପକ୍ଷରୁ ଶିକ୍ଷା ଏବଂ ଇନୋଭେଶନ ରୋଡ୍ ଶୋ

**ନୂଆଦିଲ୍ଲୀ,୧୨।୭:** ସାମ୍‌ସଙ୍ଗ ଇଣ୍ଡିଆ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ଶିକ୍ଷା ଏବଂ ଇନୋଭେଶନ ରୋଡ୍ ଶୋ'ରେ ସହରର ପ୍ରମୁଖ ବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ରମାନେ ଆଗ୍ରହର ସହ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ରାଜ୍ୟ ତଥା ଦେଶର ଲୋକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଚିହ୍ନଟ କରିଛନ୍ତି ଏବଂ ତା'ର ସମାଧାନ ପାଇଁ ମଧ ସଂକଳ୍ପ ନେଇଛନ୍ତି। ସାମ୍‌ସଙ୍ଗର ସିଏସ୍ଆର୍ କାର୍ଯ୍ୟକ୍ରମ ସଲ୍‌ଭ ଫର୍ ଟୁମୋରୋ ବିଷୟରେ ଆଲୋଚନା କରିବା ପାଇଁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

## 'ଗ୍ରାମୀଣ ବିକାଶ କ୍ଷେତ୍ରରେ ନାବାର୍ଡର ସହଯୋଗ ଅତୁଳନୀୟ'

**ଭୁବନେଶ୍ୱର,୧୨।୭**



ନାବାର୍ଡର ୪୧ତମ ପ୍ରତିଷ୍ଠା ଦିବସ ଅବସରରେ ନିମନ୍ତ୍ରିତ ଅତିଥି, ବରିଷ୍ଠ ସରକାରୀ ଅଧିକାରୀ ଓ ନାବାର୍ଡ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟାଙ୍କର ପୁସ୍ତିକା ଉନ୍ମୋଚନ କରାଯାଉଛି ।

ଗ୍ରାମର ବିକାଶ ହେଲେ ଦେଶର ବିକାଶ ହୋଇପାରିବ। ଗ୍ରାମୀଣ ଅର୍ଥନୀତିର ବିକାଶ ହେବା ଜରୁରୀ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ନାବାର୍ଡର ୪୧ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ପ୍ରତିଷ୍ଠା ଦିବସ ପରିପ୍ରେକ୍ଷରେ ଅର୍ଥମନ୍ତ୍ରୀ କହିଥିଲେ, ଓଡ଼ିଶାର ଗ୍ରାମୀଣ ବିକାଶ କ୍ଷେତ୍ରରେ ନାବାର୍ଡର ଭୂମିକା ବେଶ୍ ଅତୁଳନୀୟ ଓ ପ୍ରଶାସଯୋଗ୍ୟ। ଜାତିର ବିକାଶ ପାଇଁ ବ୍ୟାଙ୍କ ତା'ର ସ୍ଥିରତା ସବୁ କ୍ଷେତ୍ରରେ ପ୍ରଦାନ କରିଆସୁଛି। ସେହିପରି ଗ୍ରାମୀଣ ବିକାଶକୁ ନାବାର୍ଡ ନିରନ୍ତର ସମର୍ଥନ ଯୋଗାଇଦେବା ପାଇଁ ପ୍ରୟାସ କରୁଥିବା ବେଳେ ସରକାର ମଧ୍ୟ ଆବଶ୍ୟକ ସାହାଯ୍ୟ, ସହଯୋଗ ଓ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଫଳରେ ଓଡ଼ିଶାର ଗ୍ରାମୀଣ କ୍ଷେତ୍ରର ବିକାଶରେ ନାବାର୍ଡର ସକ୍ରିୟ ଯୋଗଦାନ ବୃଦ୍ଧି ପାଇପାରିଛି।

ସଭାରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃଷିମନ୍ତ୍ରୀ ରାଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ନାବାର୍ଡ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ଏହାର ଅନେକ ଯୋଜନା ମଧ ଉଭୟ ରାଜ୍ୟର ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ଘଟାଇବାରେ ବେଶ୍ ସହାୟକ ହୋଇଛି। ସଭା ପ୍ରାରମ୍ଭରେ ନାବାର୍ଡ ସିଜିଏମ୍ ସି. ଉଦୟଭାସ୍କର ସ୍ୱାଗତ ଅଭିଭାଷଣ ସହ ଓଡ଼ିଶା କ୍ଷେତ୍ରରେ ନିକଟ ଅତୀତରେ ନାବାର୍ଡର ପ୍ରମୁଖ ସଫଳତାକୁ ସେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଦୀର୍ଘ ୪୦ବର୍ଷ ଧରି ରାଜ୍ୟ ସରକାରଙ୍କ ସହଯୋଗ ଏବଂ ସମର୍ଥନ ଯୋଗୁ ନାବାର୍ଡ ଆଜି ଅନେକ କିଛି କାର୍ଯ୍ୟ କରିପାରିଛି। ଫଳରେ ରାଜ୍ୟର ଅନେକ ହିତାଧିକାରୀ ଓ ସଂସ୍ଥା ମଧ ଉଭୟଙ୍କ ସହଯୋଗ ବଳରେ ଚମତ୍କାର ପ୍ରଦର୍ଶନ କରିଥିବା ଭାସ୍କର ମତବ୍ୟକ୍ତ କରିଛନ୍ତି। ଏପରିକି ଓଡ଼ିଶାରେ ନାବାର୍ଡ ରାଜ୍ୟ ସରକାର, ବିଭିନ୍ନ ବ୍ୟାଙ୍କ ଏବଂ କର୍ପୋରେଶନକୁ ୨୦୨୧-୨୨ରେ ପ୍ରାୟ ୩୧,୭୮୬ କୋଟି ଟଙ୍କାର ସମର୍ଥନ ଯୋଗାଇ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା, ପ୍ରମୁଖ ଶାସନ ସଚିବ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଏ.କେ.କେ. ମୀନା,ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍.ପଣ୍ଡା, ଏସ୍ଏଲ୍‌ବିସି ଗୌତମ ପାତ୍ର, ଏସ୍‌ବିଆଇ ସିଜିଏମ୍ ଚନ୍ଦ୍ରଶେଖର ଶର୍ମା, ବରିଷ୍ଠ ସରକାରୀ ଅଧିକାରୀଙ୍କ ସମେତ ଉଭୟ ନାବାର୍ଡ ଓ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ନିଜ ନିଜ ମତ ଉପସ୍ଥାପନ କରିଥିଲେ। ପରିଶେଷରେ ବିଭିନ୍ନ ବ୍ୟକ୍ତି ତଥା ଅନୁଷ୍ଠାନକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ କଫି ଟେବୁଲ୍ ପୁସ୍ତକ 'ପ୍ରତିଫଳନ ୨୦୨୧-୨୨' ର ଉନ୍ମୋଚନ କରାଯାଇଥିଲା।

## ଟିୟୁଭି ଏସ୍‌ୟୁଡି ସହ ବେଦାନ୍ତର ଏମ୍‌ଓୟୁ

**ଭୁବନେଶ୍ୱର,୧୨।୭**

ବେଦାନ୍ତ ଆଲୁମିନିୟମ ନିରାପତ୍ତା ଓ ସ୍ଥିରତା ସମାଧାନର ବିଶ୍ୱସ୍ତରୀୟ ନେତୃତ୍ୱଧାରୀ ଟିୟୁଭି ଏସୟୁଡି ସହ ସହଭାଗିତା ସ୍ଥାପନ କରି ଟର୍ନେଟ ୱାଟର ପଜିଟିଭ ପାଇଁ ଏକ ଉଚ୍ଚାଭିଳାଷ ପୋଷଣ ଗ୍ରହଣ କରିଛି। ଏହି ସହଭାଗିତା ଅନୁଯାୟୀ ବେଦାନ୍ତ ଆଲୁମିନିୟମ ଓ ଟିୟୁଭି ବେସଲାଇନ ଅଧ୍ୟୟନ କ୍ଷେତ୍ରରେ କାର୍ଯ୍ୟ କରି ଜଳର ବ୍ୟବହାର ଆକାଉଣ୍ଟି ପ୍ରକ୍ରିୟାକୁ ବଢାଇବା, ନିରନ୍ତର ଉନ୍ନତି ଓ ସଂରକ୍ଷଣ ପାଇଁ ଦକ୍ଷତା ବିକାଶ ଓ ଅଭିନବ ସମାଧାନ ଜରିଆରେ କାର୍ଯ୍ୟପନ୍ଥା ଗ୍ରହଣ କରିବ। ଜଳବାୟୁ କାର୍ଯ୍ୟକ୍ରମ ପାଇଁ ବେଦାନ୍ତ ଆଲୁମିନିୟମର ପରିବେଶ, ସାମାଜିକ ଓ ପ୍ରଶାସନର ଉତ୍କର୍ଷ ପାଇଁ ଜଳ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ। ଆସନ୍ତା ୨୦୩୦ ସୁଦ୍ଧା କମ୍ପାନୀ ନେଟ୍ ୱାଟର ପଜିଟିଭ ଲକ୍ଷ୍ୟ ରଖିଛି। ବେଦାନ୍ତ ଆଲୁମିନିୟମର ଜଳ ପରିଚାଳନା ପ୍ରୟାସଗୁଡ଼ିକ ସ୍ୱଚ୍ଛ ଜଳ ଓ ବର୍ଜ୍ୟ ଜଳର ଉପଯୁକ୍ତ ଉପଚାର ବ୍ୟବସ୍ଥାକୁ ନେଇ ଗଠିତ। ଏକ ଦୃଢ଼ ପରିଚାଳନା ନୀତି କମ୍ପାନୀର ପ୍ରୟାସକୁ ପରିବେଶର ସନ୍ତୁଳନ ରକ୍ଷା ଦିଗରେ ସହାୟକ ହେବ। ୱାର୍ଲଡ ରିସୋର୍ସ ଇନ୍‌ଷ୍ଟିଚ୍ୟୁଟ ଆକ୍ୟୁଡଟ ଟୁଲଟୋ ବ୍ୟବହାର କରି କମ୍ପାନୀର ପ୍ରତ୍ୟେକ ବ୍ୟବସାୟ ୟୁନିଟ ୱାଟର ସ୍କ୍ରିନିଂ ମୂଲ୍ୟାଙ୍କନ କରିଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ ରାହୁଲ ଶର୍ମା କହିଛନ୍ତି, ଟିୟୁଭି ଏସୟୁଡି ସହ ଆମର ସହଭାଗିତା ଆମକୁ ସ୍ଥାୟୀ ଜଳ ପରିଚାଳନା ଦିଗରେ ବିଶ୍ୱସ୍ତରୀୟ ଜ୍ଞାନ କୌଶଳ ସୁବିଧା ପ୍ରଦାନ କରିବ। ଜଳବାୟୁ ସଙ୍କଟ ଦ୍ୱାରା ବିଶ୍ୱ ଜଳ ପରିବେଶ ଉପରେ ପ୍ରବଳ ଚାପ ପଡ଼ିଛି। ଏହି ନିର୍ଣ୍ଣାୟକ ଦଶନ୍ଧିରେ ଆମେ ନେଟ ୱାଟର ପଜିଟିଭ ଅପରେଶନ ପ୍ରତି ଧ୍ୟାନ ଦେଇ ଆମର ପ୍ରତିବଦ୍ଧତାକୁ ପୂରଣ କରିବାକୁ ଇଚ୍ଛା କରୁଛୁ। ଉତ୍ତମ ଗୁଣବତ୍ତାର ଜଳ ସୁବିଧା ସୁନିଶ୍ଚିତ କରିବା ଆମର ମୂଳ ଉଦ୍ଦେଶ୍ୟ।

## ଅରୁନ୍ଧତୀରେ ଚେନ୍ ଓ ବେଙ୍ଗଲ ଫେଷ୍ଟିଭାଲ

**ଭୁବନେଶ୍ୱର,୧୨।୭**



ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜ୍ୱେଲର୍ସ ପରିସରରେ ଏକ ସ୍ୱତନ୍ତ୍ର 'ଚେନ୍ ଓ ବେଙ୍ଗଲ ଫେଷ୍ଟିଭାଲ'ର ଶୁଭାରମ୍ଭ କରାଯାଇଛି। ଉକ୍ତ ଫେଷ୍ଟିଭାଲରେ ଗ୍ରାହକମାନଙ୍କ ରୁଚିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର କାରିଗରି ଭରା ୧୦,୦୦୦ରୁ ଅଧିକ ଆକର୍ଷଣୀୟ ଡିଜାଇନର ଚେନ୍ ଓ ବେଙ୍ଗଲର ସମ୍ଭାର ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ରଖାଯାଇଛି। ବିଶେଷକରି ଗ୍ରାହକମାନଙ୍କୁ ଏଭଳି ଏକ ପ୍ରଦର୍ଶନୀ ବେଶ୍ ଆକୃଷ୍ଟ କରୁଛି। ଏହା ସହ ଫେଷ୍ଟିଭାଲକୁ ମନଭରି ଉପଭୋଗ କରିବା ପାଇଁ ଅରୁନ୍ଧତୀ ଜ୍ୱେଲର୍ସ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ମଧ ଦିଆଯାଉଛି, ଯେଉଁଥିରେ ସୁନାଗହଣାର ଗଢ଼ା ମଜୁରି ଉପରେ ୨୦୨୨ ଟଙ୍କାର ରିହାତି ସାଙ୍ଗକୁ ହୀରା ଗହଣା ମୂଲ୍ୟ ଉପରେ ୨୦,୦୨୨ ଟଙ୍କାର ରିହାତି ଏବଂ ରୁପା ଅଳଙ୍କାରର ଗଢାମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ଗ୍ରାହକମାନେ ପାଇପାରିବେ। ଏହି ଅଫରଟି ଅରୁନ୍ଧତୀ ଜ୍ୱେଲର୍ସର ସମସ୍ତ ୭ଟି ଶାଖାରେ ଉପଲବ୍ଧ ରହିଛି ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ହ୍ରାସ ପାଉଛି ଟଙ୍କା ମୂଲ୍ୟ

**ନୂଆଦିଲ୍ଲୀ,୧୨।୭**

ଗତ କିଛି ମାସ ହେବ କ୍ରମାଗତ ଭାବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଇଚାଲିଛି। ଫଳରେ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ନିମ୍ନଗାମୀ ହୋଇ ରହୁଛି। ମଙ୍ଗଳବାର ବଜାର କାରବାର ଶେଷ ସୁଦ୍ଧା ଟଙ୍କାର ମୂଲ୍ୟ ୧ ପଇସା ହ୍ରାସ ଘଟି ୭୯.୪୪ ଟଙ୍କାରେ ରହିଛି। ବିଶେଷ କରି ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଏହାର କାରବାର ୭୯.୬୧ଟଙ୍କାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର କାରବାର ଉପର ତଳ ଲାଗି ରହିଥିଲା। ସୋମବାର ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୭୯.୪୫ ଟଙ୍କାରେ ବନ୍ଦ ହୋଇଥିଲା।

## ସୌଭାଗ୍ୟନଗରରେ ଭି-ଗାର୍ଡର ଏକ୍ସକ୍ଲୁସିଭ ଷ୍ଟୋର



**ଭୁବନେଶ୍ୱର,୧୨।୭**

ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ସ୍ଥାନୀୟ ସୌଭାଗ୍ୟନଗରଠାରେ ଏକ ଏକ୍ସକ୍ଲୁସିଭ ପମ୍ପ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ବିଧାୟକ ଅନନ୍ତ ନାରାୟଣ ଜେନା, ଭି-ଗାର୍ଡର ଶାଖା ପ୍ରବନ୍ଧକ ସୁମନ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉକ୍ତ ଷ୍ଟୋରଟି ଏମ୍.ଜେ. ଏଣ୍ଟରପ୍ରାଇଜେସ ଆନୁକୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏଠାରେ କମ୍ପାନୀର ବିଭିନ୍ନ ବର୍ଗର ପମ୍ପସେଟ୍ ଉପଲବ୍ଧ ହେବ। କମ୍ପାନୀ ବର୍ତ୍ତମାନ ସାରା ରାଜ୍ୟରେ ନିଜର ଉପସ୍ଥିତି ଜାହିର ସହ ବିଭିନ୍ନ ପ୍ରାନ୍ତରେ ୧୮ଟି ସ୍ୱତନ୍ତ୍ର ଷ୍ଟୋର ରହିଥିବା ବେଳେ ଭୁବନେଶ୍ୱରରେ ଏଭଳି ୯ଟି ଷ୍ଟୋର ରହିଥିବା ପ୍ରଧାନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭି-ଗାର୍ଡ ପମ୍ପସେଟ ଷ୍ଟେଟ୍ ଇନ୍‌ଚାର୍ଜ ଶ୍ରୀକାନ୍ତ କୁମାର ସାହୁ, ସନ୍ଦୀପ ବାରିକ, ସତ୍ୟନାରାୟଣ ପାଲତା, ସମରେନ୍ଦ୍ର ରାଉତ ଏବଂ ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁର୍‌ସତ୍




## ବିଫଳତାରୁ ତିଆରି ହୁଏ ସଫଳତାର ଶିଢ଼ି

**ମୁମ୍ବାଇ:** ବାର ବର୍ଷଧରି ଚଳଚ୍ଚିତ୍ର ଜଗତରେ କାମ କରିଆସୁଛି। ଏ ଭିତରେ ୨୨ଟି ହିନ୍ଦୀ ଫିଲ୍ମ ସମେତ ସାତଟି ଟିଭି ଧାରାବାହିକରେ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବାର ଚେଷ୍ଟା କରିଛି। ମୋର କିଛି କାମ ଲୋକଙ୍କୁ ପସନ୍ଦ ଆସିଛି ତ ଆଉ କିଛି କାମରେ ବିଫଳ ମଧ ହୋଇଛି। କିନ୍ତୁ ବିଫଳତାରେ ହାର୍ ନ ମାନି ଆଗକୁ ବଢ଼ିଛି ବୋଲି ଆଜି ମୁଁ ଜଣେ ସଫଳ କଳାକାର ହୋଇଥିବା ଶ୍ୱରା ଭାସ୍କର କହିଛନ୍ତି। ବିଫଳତାରେ ବିବ୍ରତ ନ ହୋଇ ସାହସର ସହିତ କାର୍ଯ୍ୟ ଜାରି ରଖିଲେ ସଫଳତା ମିଳିବ ବୋଲି ଏକ ସାକ୍ଷାତ୍‌କାରରେ ସେ ନିଜ ଫ୍ୟାନ୍ସଙ୍କୁ ବାର୍ତ୍ତା ଦେଇଛନ୍ତି। ନିଜର ଅଭିନୟ ଦକ୍ଷତା ପାଇଁ ଛଅରୁ ଉର୍ଦ୍ଧ୍ୱଥର ଜାତୀୟସ୍ତରୀୟ ପୁରସ୍କାର ସହ ତିନି ଥର ଫିଲ୍ମଫେୟାର ସମ୍ମାନ ପାଇଁ ତାଙ୍କ ନାମ ସୁପାରିସ ହୋଇଛି। ରାଜଧାନୀ ଦିଲ୍ଲୀରେ ଶ୍ୱରାଙ୍କ ଜନ୍ମ। ଇଂଲିଶ୍‌ରେ ସ୍ନାତକ ଏବଂ ସାମାଜିକ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପ୍ରଶାସନିକ ସେବାରେ ଯୋଗ ଦିଅନ୍ତୁ ବୋଲି ଘରଲୋକ ଚାହୁଁଥିବା ବେଳେ ଶ୍ୱରା କିନ୍ତୁ ଗ୍ଲାମର ଜଗତ ଆଡ଼କୁ ଢଳିଥିଲେ। ଦିଲ୍ଲୀର ଏକ ଥିଏଟରରେ କାମ କରିବା ପରେ ୨୦୦୯ରେ ମୁମ୍ବାଇ ଚାଲିଯାଇଥିଲେ। ହିନ୍ଦୀ ସିନେମା 'ମାଧୋଲାଲ୍ କିପ୍ ୱାକିଂ' ଥିଲା ତାଙ୍କ ଡେବ୍ୟୁ ଫିଲ୍ମ। ତାଙ୍କ କାମକୁ ଦର୍ଶକଙ୍କ ଭଲ ପାଇବା ମିଳି ନ ଥିଲା କିନ୍ତୁ ସେ ଆଶା ଛାଡ଼ି ନ ଥିଲେ। ଏହାପରେ 'ଗୁଜାରିସ'ରେ କାମକରିବାର ସୁଯୋଗ ମିଳିଲା। ଏଥିରେ ମଧ ତାଙ୍କୁ ସଫଳତା ମିଳି ନ ଥିଲା। ଫିଲ୍ମ 'ତନୁ ୱେଡ୍ସ ମନୁ' ତାଙ୍କ ଫିଲ୍ମି କ୍ୟାରିୟରର ଦିଗ ବଦଳାଇଦେଇଥିଲା।

## ସମୁଦ୍ରକୁ ପ୍ଲାଷ୍ଟିକ୍ କଣିକାମୁକ୍ତ କରିବ 'ରୋବୋ ଫିସ୍'

**ବେଜିଂ:** ଜଳରେ ଥିବା କ୍ଷତିକାରକ ପ୍ଲାଷ୍ଟିକ୍ ପାର୍ଟିକଲ୍‌କୁ ଅଲଗା କରିବ ରୋବୋ ଫିସ୍। ଚାଇନାର ବୈଜ୍ଞାନିକ ଏହାକୁ ତିଆରି କରିଛନ୍ତି। ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍‌ର ବ୍ୟବହାର ବଢ଼ିବା କାରଣରୁ ଏହାର ପ୍ରଭାବ ଜୀବଜଗତ ଉପରେ ପଡ଼ିବାରେ ଲାଗିଛି। ଖାଲି ସ୍ଥଳଚର ପ୍ରାଣୀ ନୁହନ୍ତି ସମୁଦ୍ରରେ ବସବାସ କରୁଥିବା ଜୀବଙ୍କ ଉପରେ ମଧ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଏ ପ୍ରକାର ସମସ୍ୟାର ସମାଧାନ କରିବ ରୋବୋ ଫିସ୍। ତେବେ ଏହି ମାଛ ଦ୍ୱାରା ସମଗ୍ର ବିଶ୍ୱରେ ଥିବା ପ୍ରଦୂଷିତ ସମୁଦ୍ରରୁ ପ୍ଲାଷ୍ଟିକ୍ କଣିକାକୁ ଅଲଗା କରାଯାଇ ପାରିବ ବୋଲି ଚାଇନାର ସାଉଥୱେଷ୍ଟରେ ଥିବା ସିଚୁଆନ୍ ୟୁନିଭର୍ସିଟିର ବୈଜ୍ଞାନିକ କହିଛନ୍ତି। ରୋବୋ ଫିସ୍‌ର ତ୍ୱଚା ଅତି ନରମ ହୋଇଥିବାବେଳେ ଏହାର ଲମ୍ବ ୧.୩ ସେଣ୍ଟିମିଟର। ସମୁଦ୍ର ଜଳକୁ ପ୍ରଦୂଷଣରୁ ମୁକ୍ତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଗବେଷକ ୱାଙ୍ଗ୍ ୟୁୟାନ କହିଛନ୍ତି । ତେବେ ଏହି ରୋବୋ ଫିସ୍‌କୁ ବାୟୋମେଡିକାଲ ତଥା ଜଟିଳ ଅପରେଶନରେ ବ୍ୟବହାର କରାଯାଇ ପାରିବ ବୋଲି ବିଶେଷଜ୍ଞ ଦାବି କରିଛନ୍ତି। ସମୁଦ୍ର ଜଳରୁ ପ୍ଲାଷ୍ଟିକ୍ କଣିକାକୁ ଅଲଗା କରିବା ବ୍ୟତୀତ ମନୁଷ୍ୟ ଶରୀରର ରୋଗକୁ ମଧ ଏହି ଫିସ୍ ଦ୍ୱାରା ଦୂର କରାଯାଇପାରିବ। ଲାଇଟ୍ ଜରିଆରେ ରୋବୋ ଫିସ୍ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇଥାଏ। ଏହି ଲାଇଟ୍ ରୋବୋ ଫିସ୍‌କୁ ପଲଟିବା ଓ ଅବିକଳ ମାଛ ଭଳି ଚାଲିବାରେ ସାହାଯ୍ୟ କରେ। ରୋବୋ ଫିସ୍ ଯେମିତି କୌଣସି ସାମୁଦ୍ରିକ ଜୀବ କିମ୍ବା ଜାହାଜ ସହିତ ପିଟି ନ ହେବ ସେ ଅନୁସାରେ ବୈଜ୍ଞାନିକମାନେ ଏହି ଲାଇଟ୍‌କୁ ଅପରେଟ୍ କରିଥାନ୍ତି। ସମୁଦ୍ରରେ ରହୁଥିବା ଅନ୍ୟ ଜୀବ ଏହି ମାଛକୁ ସହଜରେ ଗିଳି ହଜମ କରିପାରିବେ। ଏହି ଫିସ୍ ପୋଲିୟୁରେଥିନ୍‌ରୁ ତିଆରି ହୋଇଥିବା କାରଣରୁ ଏହା ସମ୍ଭବ ବୋଲି ୱାଙ୍ଗ୍ କହିଛନ୍ତି।



## ଗୁଗଲରେ କନ୍ୟା ଖୋଜୁଛନ୍ତି ମନ୍ତ୍ରୀ

**କୋହିମା:** କିଛିଦିନ ହେବ ଖୁବ୍ ଚର୍ଚ୍ଚାରେ ନାଗାଲାଣ୍ଡ ଶିକ୍ଷାମନ୍ତ୍ରୀ ଟେମଜେନ ଇମନା ରହୁଥିବାର ଦେଖିବାକୁ ମିଳିଛି। ଟେମଜେନ ବାହାହେବା ପାଇଁ ଗୁଗଲରେ ଝିଅ ଖୋଜୁଥିବାବେଳେ ଏହାର ଏକ ସ୍କ୍ରିନ୍ ଶଟ୍ ସେ ମଙ୍ଗଳବାର ଟୁଇଟରରେ ଶେୟାର କରିଛନ୍ତି। ଟେମଜେନଙ୍କ ଏହି ଟୁଇଟ ର୍ତ୍ତମାନ ଶତାଧିକ ୟୁଜରଙ୍କ ଦୃଷ୍ଟି ଆକର୍ଷଣ ଛି। ବିବାହକୁ ନେଇ ସୋମବାର ମନ୍ତ୍ରୀ ଟୁଇଟ ଥିବାବେଳେ ସାଦି ଡଟ୍ କମ୍ ସଂସ୍ଥାପକ ଅନୁପମ ଲ ଇମନାଙ୍କୁ ସାହାଯ୍ୟ କରିବା ପାଇଁ ଟୁଇଟର ଆରେ ପରାମର୍ଶ ଦେଇଥିଲେ। ଏହାପରେ ମଜେନ ମିଓଲଙ୍କୁ ରିପ୍ଲାଏ ଦେଇ ଟୁଇଟ୍ ରିଥିଲେ ଯେ, ବଲିଉଡ୍ ସୁପରଷ୍ଟାର ସଲମାନ ପ୍ରଥମେ ବାହା ହୋଇଯାନ୍ତୁ। ବର୍ତ୍ତମାନ ସମୟରେ ମେ ବାହା ନ ହୋଇ ବିନ୍ଦାସ୍ ଥିବା ସେ ହିଛନ୍ତି। ଆଇନ ରାଷ୍ଟ୍ରମନ୍ତ୍ରୀ କିରେନ ରିଜିଜୁ ମଧ ନାଙ୍କ ଟୁଇଟର ଉତ୍ତର ଦେଇ ପୋଷ୍ଟ ଶେୟାର ରି ଲେଖିଛନ୍ତି, ଇମନା ବିବାହ ବିରୋଧୀ ନୁହେଁ ବରଂ ସେ ତାଙ୍କ ଗ୍ରୁପର ଜନସଂଖ୍ୟା ବୃଦ୍ଧି କରିବାକୁ ଚାହୁଁ ନ ଥିବା କହିଛନ୍ତି। ତେବେ ଏହାର ଉତ୍ତରରେ ଇମନା କହିଛନ୍ତି ଯେ, ବିବାହ ନ କରି ଯଦି ମୋ ଗ୍ରୁପ୍‌ରେ ଲୋକେ ସାମିଲ ହେଲେ, ମୋର କୌଣସି ଆପତ୍ତି ନାହିଁ। ୱାର୍ଲ୍ଡ ପପୁଲେଶନ୍ ଡେ'ରେ ଲୋକଙ୍କୁ ସଚେତନ କରିବା ନେଇ ଟୁଇଟରରେ ଏକ ମଜାଳିଆ ପୋଷ୍ଟ ଶେୟାର କରିଥିଲେ, ଯେଉଁଥିରେ ଇମନା ଲେଖିଥିଲେ, ମୋ ପରି ସିଙ୍ଗଲ୍ ରୁହ ଏବଂ ଆମେ ସାମିଲ ହୋଇ ଆମର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା, ଯାହା ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବର୍ତ୍ତମାନ ସମୟରେ ଇମନା ସୋସିଆଲ ମିଡିଆ ସେନ୍‌ସେଶନ୍ ପାଲଟିଛନ୍ତି।



## କୁମ୍ଭୀରକୁ ବାନ୍ଧିଲେ ଗ୍ରାମବାସୀ

**ଲକ୍ଷ୍ନୌ:** ମଧ୍ୟପ୍ରଦେଶରେ ଥିବା ଛମ୍ବଲ ନଦୀରେ ଗାଧୋଇବାକୁ ଯାଇଥିବା ଏକ ୧୦ ବର୍ଷର ବାଳକକୁ କୁମ୍ଭୀର ଗିଳିଦେଇଛି। ଏହାପରେ ନାବାଳକର ପରିବାର ଓ ଗ୍ରାମବାସୀ ମିଶି ବାଡ଼ି, ଜାଲ ସାହାଯ୍ୟରେ କୁମ୍ଭୀରଟିକୁ ନଦୀରୁ ବାହାରକୁ ଆଣି ବାନ୍ଧି ରଖିଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ ସୋମବାର ସକାଳେ ନାବାଳକଟି ଗାଧୋଇବା ପାଇଁ ନଦୀକୁ ଯାଇଥିଲା। ନଦୀ ଜଳରେ ଥିବା କୁମ୍ଭୀର ବାଳକଟିକୁ ପାଣି ଭିତରକୁ ଟାଣି ନେଇ ଗିଳି ଦେଇଥିଲା। ତେବେ ଘଟଣା ସମ୍ପର୍କରେ ସୂଚନା ପାଇ ଏଲିଗେଟର ଡିପାର୍ଟମେଣ୍ଟ କର୍ମଚାରୀ ସେଠାକୁ ଆସି କୁମ୍ଭୀରକୁ ଛାଡ଼ିଦେବା ପାଇଁ କହିଥିଲେ। କିନ୍ତୁ ଗ୍ରାମବାସୀ ଏବଂ ବାଳକର ପରିବାର ଲୋକେ ଏଥିରେ ଅରାଜି ହୋଇଥିଲେ। ଯେ ପର୍ଯ୍ୟନ୍ତ କୁମ୍ଭୀର ଗିଳିଥିବା ୧୦ ବର୍ଷର ବାଳକକୁ ପେଟରୁ ବାହାର ନ କରିଛି ସେ ପର୍ଯ୍ୟନ୍ତ ତାକୁ ଛଡ଼ାଯିବ ନାହିଁ ବୋଲି ବାଳକର ପରିବାର ଲୋକେ ଜିଦ୍‌ରେ କୁମ୍ଭୀରକୁ ବାନ୍ଧି ରଖିଥିଲେ, ହେଲେ ପରବର୍ତ୍ତୀ ସମୟରେ କୁମ୍ଭୀରଟିକୁ ଗ୍ରାମବାସୀ ଛାଡ଼ିଦେଇଛନ୍ତି।



## ବିଦେଶ ଗସ୍ତରେ ରାହୁଲ ଗାନ୍ଧୀ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ସକାଳେ ବିଦେଶ ଗସ୍ତରେ ଯାଇଛନ୍ତି। ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ଓ ମୌସୁମୀ ଅଧିବେଶନ ହେବାକୁ ଥିବାବେଳେ ରବିବାର ସେ ଫେରିଆସିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। କିନ୍ତୁ ରାହୁଲଙ୍କ ଗସ୍ତକୁ ବ୍ୟକ୍ତିଗତ ଦର୍ଶାଇ ସେ କେଉଁ ଦେଶକୁ ଯାଇଛନ୍ତି କଂଗ୍ରେସ ତାହା ପ୍ରକାଶ କରିନାହିଁ।

### ୨୦ରେ ରାଷ୍ଟ୍ରପତି ନିର୍ବାଚନ

## ଦୌଡ଼ରେ ପ୍ରଧାନମନ୍ତ୍ରୀ, ବିରୋଧୀ ନେତା





ସାଜିଥ୍ ପ୍ରେମାଦାସା   ରାନିଲ ୱିକ୍ରମସିଂଘେ

**କଲମ୍ବୋ,୧୨।୭:** ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ନିଜ ଇସ୍ତଫାପତ୍ରରେ ସ୍ୱାକ୍ଷର କରି ଏହାକୁ ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ସମ୍ପୃକ୍ତ ଅଧିକାରୀ ଉକ୍ତ ଇସ୍ତଫାପତ୍ରକୁ ବୁଧବାର ପାର୍ଲାମେଣ୍ଟ ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଧେନାଙ୍କୁ ପ୍ରଦାନ କରିବେ। ବାଚସ୍ପତି ରାଷ୍ଟ୍ରପତିଙ୍କ ଇସ୍ତଫା ସମ୍ପର୍କରେ ସାର୍ବଜନୀନ କରିବେ। ଏହା ପରେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ଜୁଲାଇ ୨୦ରେ ନୂଆ ରାଷ୍ଟ୍ରପତି ଚୟନ କରାଯିବା ପର୍ଯ୍ୟନ୍ତ ଅସ୍ଥାୟୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇବେ। ନୂଆ ରାଷ୍ଟ୍ରପତି ନିର୍ବାଚନ ପାଇଁ ୧୯ରେ ନାମାଙ୍କନପତ୍ର ଦାଖଲ କରାଯିବ। ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳ ନେତା ସାଜିଥ୍ ପ୍ରେମାଦାସା ରାଷ୍ଟ୍ରପତି ଦୌଡ଼ରେ ଥିବା ଜଣାପଡ଼ିଛି।

## ଆଇଏମ୍ଏଫ୍‌କୁ କଟାକ୍ଷ

**କଲମ୍ବୋ,୧୨।୭:** ଶ୍ରୀଲଙ୍କାର ରାଜନୈତିକ ସଙ୍କଟ କଲମ୍ବୋକୁ ଆର୍ଥିକ ଦୁର୍ଗତିରୁ ସହଜରେ ମୁକୁଳିବାକୁ ଦେଇ ନ ପାରେ। ଦେଶର ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ବେଲ୍ଆଉଟ୍ ପ୍ୟାକେଜ୍ ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ସହ ଆଲୋଚନା ଜାରି ରଖିଛନ୍ତି। ତେବେ ଏକ ବିଶ୍ୱସନୀୟ ସରକାର ଗଠନ ନ ହେବା ପର୍ଯ୍ୟନ୍ତ ଆଇଏମ୍ଏଫ୍ କିମ୍ବା ଭାରତ, ଚାଇନା ଓ ଜାପାନ ଭଳି ଦେଶ ଶ୍ରୀଲଙ୍କାକୁ ଅଧିକ ସାହାଯ୍ୟ କରିପାରିବେ ନାହିଁ। ୱିକ୍ରମସିଂଘେ ଦାତା ରାଷ୍ଟ୍ରଗୁଡ଼ିକଠାରୁ ସହାୟତା ପାଇଁ ଆସନ୍ତା ଅଗଷ୍ଟରେ ଏକ ସମ୍ମିଳନୀ ଆୟୋଜନ କରିଛନ୍ତି। ଏଭଳି ସମୟରେ ଧୈର୍ଯ୍ୟଚ୍ୟୁତ ବିକ୍ଷୋଭକାରୀଙ୍କ ବିଭ୍ରାଟ ସାମ୍ନାକୁ ଆସିଛି। ଆଇଏମ୍ଏଫ୍ ଶ୍ରୀଲଙ୍କା ସ୍ଥିତି ଉପରେ ନଜର ରଖି ସହାୟତା ପାଇଁ ବିଚାର କରୁଥିବାବେଳେ ରାଷ୍ଟ୍ରପତି ଭବନ ସମ୍ମିଳନୀ କକ୍ଷରେ ଜଣେ ଗୌରବର୍ଣ୍ଣ ଯୁବକ ମିଛରେ ଆଇଏମ୍ଏଫ୍ ଅଧିକାରୀ ସାଜି ପ୍ୟାକେଜ ଘୋଷଣାର ବ୍ୟଙ୍ଗ କରୁଥିବା ଦୃଶ୍ୟର ଭିଡିଓ ଇଣ୍ଟରନେଟ୍‌ରେ ବହୁଳ ଭାବେ ଘୂରିବୁଲୁଛି।

## ଆଇଏସ୍ ମୁଖ୍ୟ ମାହେର ଅଲ-ଅଗାଲ ମୃତ

**ୱାଶିଂଟନ,୧୨।୭:** ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ମୁଖ୍ୟ ମାହେର ଅଲ-ଅଗାଲ ଆମେରିକା ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଥିବା ପେଣ୍ଟାଗନ ପକ୍ଷରୁ କୁହାଯାଇଛି। ସିରିଆର ଜିନ୍ଦାଇରିସରେ ଏକ ବାଇକ୍‌ରେ ଯାଉଥିବାବେଳେ ଆକ୍ରମଣରେ ମାହେର ନିହତ ହୋଇଛନ୍ତି। ତାଙ୍କର ଜଣେ ଘନିଷ୍ଠ ସହଯୋଗୀ ଗୁରୁତର ଆହତ ହୋଇଥିବା ପେଣ୍ଟାଗନ ସେଣ୍ଟ୍ରାଲ କମାଣ୍ଡ ଲେଫ୍ଟନାଣ୍ଟ କୋଲୋନେଲ ଡେଭ୍ ଇଷ୍ଟବର୍ନ କହିଛନ୍ତି। ମାହେରଙ୍କ ମୃତ୍ୟୁ ନେଇ ସିରିଆ ହ୍ୟୁମାନ ରାଇଟ୍ସର ପର୍ଯ୍ୟବେକ୍ଷକ ମଧ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ପରିବାରର ୪ ମୃତ

**ହାଇଦ୍ରାବାଦ, ୧୨।୭:** ତେଲଙ୍ଗାନାର କାମାରେଡ୍ଡୀ ଜିଲାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଙ୍ଗଳବାର ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅହମ୍ମଦ(୩୫), ସ୍ତ୍ରୀ ପରବୀନ୍(୩୦) ଏବଂ ଦୁଇ ସନ୍ତାନ ମହିନ୍ (୬) ଓ ଆଦ୍‌ନାନ(୪)। ଲଗାଣ ବର୍ଷା ପବନ ଯୋଗୁ ଏକ ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡି ଅହମ୍ମଦଙ୍କ ଘର ଉପରେ ପଡ଼ିଯାଇଥିଲା। ଫଳରେ ସେମାନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



କଲମ୍ବୋସ୍ଥିତ ସୀମା ମଲକା ବୌଦ୍ଧ ମନ୍ଦିର।

# ଶ୍ରୀଲଙ୍କା ପରେ କାହା ପାଳି

କଲମ୍ବୋ/ନୂଆଦିଲ୍ଲୀ,୧୨।୭

ଶ୍ରୀଲଙ୍କାରେ ନେତୃତ୍ୱ ଅନିଶ୍ଚିତତା ଦୂର ହୋଇନାହିଁ। ମେ’ ୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେଙ୍କୁ ବିତାଡ଼ିତ କରିବାର ଠିକ୍ ୨ ମାସ ପରେ ଶ୍ରୀଲଙ୍କାବାସୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲା। ତତ୍କାଳ ପରିଣାମ ଚାହୁଁଥିବା ବିକ୍ଷୋଭକାରୀ ଜୁଲାଇ ୯ରୁ ଦୁଇ ଶତାବ୍ଦୀ ପୁରୁଣା ସୁରମ୍ୟ ରାଷ୍ଟ୍ରପତୀୟ ପ୍ରାସାଦ ଛାଡ଼ୁ ନାହାନ୍ତି। ବୁଧବାର ଇସ୍ତଫା ଦେବେ ବୋଲି ବାଚସ୍ପତିଙ୍କୁ କହିଥିବା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସ୍ଥାନରେ ଜୁଲାଇ ୨୦ରେ ନୂଆ ନେତା ବାଛିବ ପାର୍ଲାମେଣ୍ଟ। ତଥାପି ରାଜନୈତିକ-ଅର୍ଥନୈତିକ ସଙ୍କଟର ତତ୍କାଳ ସମାଧାନ ଆଶା ଦିଶୁନାହିଁ। କାରଣ ଏହି ଜଟିଳ ସ୍ଥିତି ଦିନକରେ ଉପୁଜି ନାହିଁ। ପଡ଼ୋଶୀ ଦ୍ୱୀପରାଷ୍ଟ୍ରର ଋଣ ବୋଝ, ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଦୁର୍ବଳ ଆର୍ଥିକ ପରିଚାଳନାର ସାମଗ୍ରିକ ଦୁଷ୍ପରିଣାମ ଯେଉଁ ବିକଳ ସଙ୍କଟକୁ ଜନ୍ମ ଦେଇଛି, ତାହା ଏବେ ଅନୁରୂପ ଆହ୍ୱାନ ସହ ଯୁଝୁଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ସତର୍କଘଣ୍ଟି ସାଜିଛି। ବିକ୍ଷୋଭକାରୀ ଶାସକବର୍ଗଙ୍କୁ ଗାଦିଚ୍ୟୁତ କରି ସମଦଶା ଭୋଗୁଥିବା ଦେଶଗୁଡ଼ିକୁ କଠିନ ବିକଳ୍ପ ବାଛିବାର ସନ୍ଦେଶ ଦେଇଛନ୍ତି।

ଜାମ୍ବିଆ ଓ ଲେବାନନ୍ ପୂର୍ବରୁ ବୁଡ଼ିସାରିଥିବାବେଳେ ଉଦ୍ଧାର ପାଇଁ ଅନ୍ତର୍ଜାତୀୟ ସହାୟତା ଲୋଡୁଛନ୍ତି। ଆଫ୍ରିକୀୟ ଦେଶ ଜାମ୍ବିଆ ନିଜ ଋଣ ବୋଝ ହ୍ରାସ ନିମନ୍ତେ ପ୍ରସ୍ତାବିତ ୨ ବିଲିୟନ ଡଲାରର ଏକାଧିକ ପ୍ରକଳ୍ପକୁ ବନ୍ଦ କରିଦେଇଛି। ଲେବାନନ୍‌ରେ ମଧ ଖାଦ୍ୟ ଓ ତୈଳ ସଙ୍କଟ ଜନଜୀବନକୁ ଦୁର୍ବିଷହ କରିଦେଇଛି। ତିରୋଟ, ତିନିଅଙ୍କର ମୁଦ୍ରାସ୍ଫୀତି ଓ କ୍ଷୁଧା ଏକଦା ସମୃଦ୍ଧ ଏହି ପଶ୍ଚିମ ଏସୀୟ ଦେଶର ଅର୍ଥନୀତିକୁ ରସାତଳଗାମୀ କରିଛି। ଭ୍ରଷ୍ଟାଚାର, ପ୍ରିୟାପ୍ରୀତିତୋଷଣ ଏବଂ କ୍ଷମତାସୀନଙ୍କ ଅକ୍ଷମତାକୁ ଏହି ବିପର୍ଯ୍ୟୟ ପାଇଁ ଦାୟୀ କରାଯାଉଛି। ଏଠି ମଧ ଶ୍ରୀଲଙ୍କା ଭଳି ଗ୍ୟାସ୍ ପାଇଁ ଅସରନ୍ତି ଧାଡ଼ିରେ ସକାଳୁ ରାତି ଯାଏ ପାଳିକୁ ଅପେକ୍ଷା କରିଛନ୍ତି ଅନେକ ହଜାର ନାଗରିକ।

ଗତ ଏପ୍ରିଲରେ କ୍ଷମତାସୀନ ପାକିସ୍ତାନର ନୂଆ ସରକାର ବର୍ଦ୍ଧିତ ତୈଳ ଦରଜନିତ ଋଣ ଖିଲାପିକୁ ନିକଟରେ କଷ୍ଟେମଷ୍ଟେ ଏଡ଼ାଇଦେଇଥିବା କହିଛି। ପାକିସ୍ତାନ ନିଜର ବିଦେଶୀ ବିନିମୟ ସଙ୍କଟ ଲୁଚାଇବା ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)କୁ ୬ ବିଲିୟନ ଡଲାର ଋଣ ମାଗିଛି। ଆଇଏମ୍ଏଫ୍ ଏଥିପାଇଁ କେତେକ ସର୍ତ୍ତ ରଖିଛି। ତହିଁରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଲା ତୈଳ ଓ ବିଦ୍ୟୁତ୍ ଦର ବୃଦ୍ଧି ଏବଂ ଶୂନ ଦୁର୍ନୀତି ସୁନିଶ୍ଚିତ କରିବା। ପ୍ରଥମ ସର୍ତ୍ତକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇଥିବାବେଳେ ଦୁର୍ନୀତି ରୋକିବା ପାଇଁ ଶେହବାଜ ଶରିଫ୍ ସରକାରଙ୍କ ହାତ ପାଉନି। ପାକିସ୍ତାନ ରାଜନୀତିରେ ଦୁର୍ନୀତି ଏକ ଚିରସ୍ଥାୟୀ ପ୍ରସଙ୍ଗ।

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଲାଓସ୍‌ରେ ଗତ ଜୁନ୍‌ରେ ବାର୍ଷିକ ମୁଦ୍ରାସ୍ଫୀତି ହାର ୨୪% ରହିଥିଲା। ଡଲାର ନିଅଣ୍ଟ ଏହାର ଗ୍ୟାସୋଲିନ୍ ଓ ଅନ୍ୟ ଅତି ଦରକାରୀ ସାମଗ୍ରୀ ଆମଦାନୀକୁ ସଙ୍କୁଚିତ କରିଦେଇଛି। ବିଶ୍ୱବ୍ୟାଙ୍କର ଆକଳନ ଅନୁସାରେ ଲାଓସ୍‌ର ଫରେନ୍ ଏକ୍ସଚେଞ୍ଜ ରିଜର୍ଭ ୨୦୨୧ ଶେଷରେ ୧.୩ ବିଲିୟନ୍ ଡଲାର ରହିଥିଲା, ଯହିଁରେ ମାତ୍ର ୨ ମାସର ଆମଦାନୀ ସମ୍ଭବ। ଲାଓସ ଉପରେ ଏବେ ୧୩.୩ ବିଲିୟନ୍ ଋଣ ବୋଝ ରହିଛି।

ୟୁରୋପରେ ଜର୍ମାନୀରୁ ଗ୍ରୀସ୍, ସ୍ପେନ୍‌ଠାରୁ ନେଇ ପର୍ତ୍ତୁଗାଲ ପର୍ଯ୍ୟନ୍ତ ଦେଶଗୁଡ଼ିକ ଟିକସ ଓ ବିଜୁଳିରେ ରିହାତି ଦେଉଛନ୍ତି। ନିକଟରେ ଆଫ୍ରିକାର ନାଇଜେରିଆ ୯.୬ ବିଲିୟନ୍ ଡଲାର ପେଟ୍ରୋଲ-ଡିଜେଲରେ ସବ୍‌ସିଡି ଦେଇଛି। ଜାମ୍ବିଆ ତୈଳ ରିହାତି ଜାରି ରଖିବା ପାଇଁ ୨୦୦ ନିୟୁତ ଡଲାର ଖର୍ଚ୍ଚ କରିଛି। ଇତିମଧ୍ୟରେ ଫିଲିପାଇନ୍ସ , ସିଙ୍ଗାପୁର ଓ ଇଣ୍ଡୋନେସିଆ ସମେତ କେତେକ ଏସୀୟ ରାଷ୍ଟ୍ର ସ୍ୱଳ୍ପ ଆୟକାରୀ ପରିବାରଗୁଡ଼ିକୁ ପ୍ରତ୍ୟକ୍ଷ ନଗଦ ସହାୟତା ପ୍ରଦାନ କରି ସାମାଜିକ ଯୋଜନାର ଅଟକଳ ବଢ଼ାଇଛନ୍ତି। ଆର୍ଜେଣ୍ଟିନା ଓ ଭେନିଜୁଏଲା ମଧ ଚାଇନାର ଋଣ ଜାଲରେ ଛନ୍ଦି ହୋଇସାରିଛନ୍ତି।

ଆମେ ଦୁର୍ଦ୍ଦଶାରେ କାଳାତିପାତ କରୁଥିବାବେଳେ ଗୋଟାବାୟା ଏମିତି ବିଳାସପୂର୍ଣ୍ଣ ଜୀବନ ଜିଉଁଥିଲେ ବୋଲି ରାଷ୍ଟ୍ରପତି ଭବନ ଦଖଲ କରିଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ଜଣେ ବରିଷ୍ଠ ନାଗରିକ କ୍ଷୋଭ ବ୍ୟକ୍ତ କରିଛନ୍ତି। ଶ୍ରୀଲଙ୍କା ଭଳି ଅବସ୍ଥା ଭୋଗୁଥିବା କେତେକ ଦେଶରେ ଜନତା ‘ସିଂହାସନ ଛାଡ଼’ ରଡ଼ି ଛାଡ଼ୁଥିବାବେଳେ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସେଠାକାର ସରକାର ସବ୍‌ସିଡି ବାଣ୍ଟି ସାମାଜିକ କାର୍ଯ୍ୟକ୍ରମର ବ୍ୟୟ ବୃଦ୍ଧି ଘଟାଉଛନ୍ତି। ଏଭଳି ଅଦରକାରୀ ଖର୍ଚ୍ଚ ସରକାରମାନଙ୍କୁ ଘୋର ଆର୍ଥିକ ଦୁରବସ୍ଥା ଭିତରକୁ ଟାଣିନେବ ବୋଲି ବିଶ୍ଳେଷକ କହୁଛନ୍ତି।

ବିଶେଷଜ୍ଞଙ୍କ ମତରେ ଶ୍ରୀଲଙ୍କା, ଜାମ୍ବିଆ ଓ ଲେବାନନ ଭଳି ଦଶା ଭୋଗିବା ଅବସ୍ଥାକୁ ଇଜିପ୍ଟ, ସୁଦାନ, ଆଫଗାନିସ୍ତାନ ଓ ପାକିସ୍ତାନ ଆସିଯାଇଛନ୍ତି। ମହାମାରୀ ପରବର୍ତ୍ତୀ ଆର୍ଥିକ ଅସୁସ୍ଥତାରୁ ଆରୋଗ୍ୟ ଉଦ୍ୟମ ଏବଂ ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ବୈଶ୍ୱିକ ଖାଦ୍ୟ ସଙ୍କଟ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ାଇ ଚାଲିଛି।

ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଇନ୍ଧନ ଓ ଖାଦ୍ୟ ମୂଲ୍ୟ ବଢ଼ିଛି। ଆମେରିକାର ଫେଡେରାଲ ରିଜର୍ଭ ନିଜ ମୁଦ୍ରାସ୍ଫୀତିରେ ଲଗାମ ଲଗାଇବା ପାଇଁ ସୁଧହାର ବଢ଼ାଇଚାଲିଛି। ଆମେରିକୀୟ ଡଲାର ଦିନକୁ ଦିନ ମଜଭୁତ ହେବାରେ ଲାଗିଥିବାବେଳେ ଅନ୍ୟ ଅନୁନ୍ନତ ଓ ବିକାଶଶୀଳ ଦେଶଗୁଡ଼ିକର ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଉଛି। ଏଭଳି ସ୍ଥଳେ ବିଦେଶୀ ଋଣ ଶୁଝିଲେ ଦେଶର ରାଜକୋଷ ଶୁଷ୍କ ହୋଇଯାଉଛି।

## ଶ୍ରୀଲଙ୍କାର ଉଜୁଡ଼ା ଅର୍ଥନୀତି

➡୧୯୪୮ରେ ବ୍ରିଟିଶ୍ ଶାସକଙ୍କଠାରୁ ସ୍ୱାଧୀନତା ଲାଭ କରି ସ୍ୱତନ୍ତ୍ର ଦେଶ ହୋଇଥିଲା ଶ୍ରୀଲଙ୍କା। ଦୀର୍ଘ ୨୬ ବର୍ଷର ଗୃହଯୁଦ୍ଧ ପରେ ଏହି ଦେଶ ଅଣ୍ଟା ସଳଖି ଛିଡ଼ା ହୋଇଥିଲା। ୨୦୧୨ ପର୍ଯ୍ୟନ୍ତ ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮-୯% ରହୁଥିଲା। ୨୦୧୩ରେ ବୈଶ୍ୱିକ ପଣ୍ୟ ସାମଗ୍ରୀ ମୂଲ୍ୟ ହ୍ରାସ ଓ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ଏହାର ଅଭିବୃଦ୍ଧିକୁ ଧିମେଇ ପ୍ରାୟ ଅଧା କରିଦେଲା।

➡ଶ୍ରୀଲଙ୍କାର ଜାତୀୟ ଅର୍ଥନୀତି ଉପରେ ପର୍ଯ୍ୟଟନ କ୍ଷେତ୍ରର ଆଧିପତ୍ୟ ଓ ଅବଦାନ ଯଥେଷ୍ଟ। ୨୦୧୯ ଏପ୍ରିଲରେ ଇଷ୍ଟର ସଣ୍ଡେ ଧାରାବାହିକ ବିସ୍ଫୋରଣ ଏହି କ୍ଷେତ୍ରକୁ ଛିନ୍ନଛତ୍ର କରିଦେଲା। ମହାମାରୀ ସମୟରେ ସଂକ୍ରମଣ ଭୟରେ ଏହି ସୁନ୍ଦର ଦ୍ୱୀପକୁ ପର୍ଯ୍ୟଟକଙ୍କ ଆଗମନ କମିଯିବାରୁ ଅର୍ଥାଗମ ବାଟ ବନ୍ଦ ହୋଇଗଲା।

➡ଭାରତ, ଚାଇନା ସମେତ ଅନ୍ୟ ଦେଶରୁ ଋଣ ଆକାରରେ ନେଇଥିବା ଅର୍ଥକୁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଓ ତାଙ୍କ ବଡ଼ଭାଇ ମହିନ୍ଦା ରାଜପାକ୍ସେ(ବିତାଡ଼ିତ ପ୍ରଧାନମନ୍ତ୍ରୀ) କେବଳ ଭିତ୍ତିଭୂମି ପ୍ରକଳ୍ପରେ ଖର୍ଚ୍ଚ କଲେ। ରାସାୟନିକ ସାର ଉପରେ କଟକଣା କୃଷି ଉତ୍ପାଦନକୁ ବହୁଳ ପ୍ରଭାବିତ କଲା। ଦରିଆପାରି ଶ୍ରମିକଙ୍କ ଅର୍ଥ ପ୍ରେରଣ ସାଙ୍ଗକୁ ଚା, ରବର ଓ ପୋଷାକ ରପ୍ତାନିରେ ବାଧାସୃଷ୍ଟି ହେଲା।

➡୨୦୧୯ ନିର୍ବାଚନ ବେଳେ ଗୋଟାବାୟା ନିମ୍ନ ଟିକସ ହାର ଓ କୃଷକଙ୍କ ପାଇଁ ସବ୍‌ସିଡି ପ୍ରତିଶ୍ରୁତି ଦେଇଥିଲେ। ଜିତିବା ପରେ ସେହିବର୍ଷ ସରକାର ଟିକସ କମାଇଦେବାରୁ ଶ୍ରୀଲଙ୍କାକୁ ବାର୍ଷିକ ୧.୪ ବିଲିୟନ ଡଲାର କ୍ଷତି ସହିବାକୁ ପଡ଼ିଲା।

➡୨୦୧୯ ଶେଷରେ ଶ୍ରୀଲଙ୍କାର ବିଦେଶୀ ମୁଦ୍ରା ଭଣ୍ଡାରରେ ୭.୬ ବିଲିୟନ ଡଲାର ଥିବାବେଳେ ୨୦୨୦ ମାର୍ଚ୍ଚରେ ୧.୯୩ ବିଲିୟନ ଡଲାର ରହିଥିଲା। ବର୍ତ୍ତମାନ ଆଉ ମାତ୍ର ୮୦ ନିୟୁତ ଡଲାର ବଞ୍ଚିଛି।





➡ଏହାର ଋଣ-ଜିଡିପି ଅନୁପାତ ୨୦୧୯ରେ ୯୪% ଥିବାବେଳେ ୨୦୨୧ରେ ୧୧୯ ପ୍ରତିଶତକୁ ବୃଦ୍ଧି ପାଇଥିଲା। ରପ୍ତାନି ପରିବର୍ତ୍ତେ ଘରୋଇ ବଜାର ଉପରେ ଅଧିକ ଗୁରୁତ୍ୱ ଦେବାରୁ ଆୟ କମିଗଲା। ଆମଦାନୀ ଦେୟ ବଢ଼ିଲା।

➡୨୦୨୧ରେ ସବୁ ପ୍ରକାର ସାର ଆମଦାନୀ ବନ୍ଦ କରି ଘୋଷଣା କରାଗଲା ଯେ, ଶ୍ରୀଲଙ୍କା ରାତାରାତି ୧୦୦% ଜୈବିକ କୃଷି ପ୍ରଧାନ ଦେଶ ପାଲଟିଯିବ। ନଭେମ୍ବରରେ ଏହି କଟକଣା ହଟାଯିବାବେଳେ ନେଡ଼ିଗୁଡ଼ କହୁଣିକୁ ବୋହିସାରିଥିଲା।

➡ଗତ ମାସରେ ଶ୍ରୀଲଙ୍କାରେ ମୁଦ୍ରାସ୍ଫୀତି ରେକର୍ଡ ଭାଙ୍ଗି ୫୪.୬%କୁ ଚଢ଼ିଯାଇଥିବାବେଳେ ଆଗକୁ ଏହା ୭୦% ଛୁଇଁପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସତର୍କ କରାଇଛି।

➡୨.୨ କୋଟି ଜନସଂଖ୍ୟା ବିଶିଷ୍ଟ ଶ୍ରୀଲଙ୍କା ଉପରେ ୫୦ ବିଲିୟନରୁ ଊର୍ଦ୍ଧ୍ୱ ଡଲାର ବିଦେଶୀ ଋଣ ରହିଛି। ଏଥିରୁ ୨୮ ବିଲିୟନ ଡଲାର ୨୦୨୭ ସୁଦ୍ଧା ଶୁଝିବାକୁ ପଡ଼ିବ। ଭାରତ ଶ୍ରୀଲଙ୍କାକୁ ୪ ବିଲିୟନ ଡଲାର ଋଣ ଦେଇସାରିଛି।

## ଗୋଟାବାୟା, ବାସିଲଙ୍କୁ ଏୟାରପୋର୍ଟରେ ଅଟକାଇଲେ

ଶାନ୍ତିପୂର୍ଣ୍ଣ ଉପାୟରେ କ୍ଷମତା ହସ୍ତାନ୍ତର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀଲଙ୍କାର ୭୩ ବର୍ଷୀୟ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ମଙ୍ଗଳବାର ଦୁବାଇକୁ ପଳାୟନ ଉଦ୍ୟମ କରିଥିଲେ। କିନ୍ତୁ କଲମ୍ବୋ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅପ୍ରବାସନ ଅଧିକାରୀମାନେ ପାସ୍‌ପୋର୍ଟରେ ଷ୍ଟାମ୍ପ ଲଗାଇବା ପାଇଁ ତାଙ୍କୁ ଭିଆଇପି ଟର୍ମିନାଲରେ ଯିବାକୁ ଦେଇ ନ ଥିଲେ। ଲୋକଙ୍କ ଆକ୍ରମଣର ଶିକାର ହେବା ଆଶଙ୍କା କରି ଗୋଟାବାୟା ସାଧାରଣ ଲେନ୍‌ରେ ଯିବାକୁ ମନା କରିଥିଲେ। ସେ ମାଳଦ୍ୱୀପ, ଭାରତ କିମ୍ବା ଦୁବାଇ ଯାଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଗୋଟାବାୟାଙ୍କ ସାନଭାଇ ତଥା ପୂର୍ବତନ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେ ମଧ ଦେଶଛାଡ଼ି ଦୁବାଇକୁ ପଳାୟନ କରୁଥିବାବେଳେ ଲୋକେ ତାଙ୍କୁ ଚିହ୍ନିପାରି ଅଟକାଇଥିଲେ। ଅପ୍ରବାସନ ଅଧିକାରୀମାନେ ତାଙ୍କୁ ଗସ୍ତ ପାଇଁ ଅନୁମତି ଦେଇ ନ ଥିଲେ।



ବାସିଲ ରାଜପାକ୍ସେ



ଗୋଟାବାୟା ରାଜପାକ୍ସେ

## ବ୍ରହ୍ମାଣ୍ଡର ପ୍ରଥମ ରଙ୍ଗିନ ଫଟୋ

**ୱାଶିଂଟନ୍, ୧୨।୭:** ଆମେରିକୀୟ ମହାକାଶ ଗବେଷଣା ଏଜେନ୍ସି ନାସା ପକ୍ଷରୁ ପୃଥିବୀ କକ୍ଷପଥରେ ଅବସ୍ଥାପିତ କରାଯାଇଥିବା ସବୁଠାରୁ ଶକ୍ତିଶାଳୀ ଜେମ୍ସ ୱେବ ସ୍ପେସ୍ ଟେଲିସ୍କୋପ୍ ବ୍ରହ୍ମାଣ୍ଡର ପ୍ରଥମ ରଙ୍ଗୀନ ଫଟୋ ଉଠାଇଛି। ଏହି ଫଟୋ ପ୍ରାୟ ୧୩ ବିଲିୟନ ବର୍ଷ ପୁରୁଣା ୟୁନିଭର୍ସର। ଟେଲିସ୍କୋପ ଦ୍ୱାରା ଉତ୍ତୋଳନ ଏହି ଫଟୋକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସର୍ବସାଧାରଣରେ ଶେୟାର କରିଛନ୍ତି। ଏଥିରେ ହଜାର ହଜାର ସଂଖ୍ୟାରେ ଗ୍ୟାଲେକ୍ସି ଏବଂ ରଙ୍ଗୀନ ମହାକାଶୀୟ ବସ୍ତୁକୁ ଦେଖିବାକୁ ମିଳିଛି। ଏହି ଟେଲିସ୍କୋପ୍ ମାନବ ଦ୍ୱାରା ନିର୍ମିତ ଏକ ବଡ଼ ଇଞ୍ଜିନିୟରିଂ ସଫଳତା ବୋଲି ବାଇଡେନ୍ କହିଛନ୍ତି।



## ସେପ୍ଟେମ୍ବର ୫ରେ ବ୍ରିଟେନରେ ନୂଆ ପ୍ରଧାନମନ୍ତ୍ରୀ

### ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଲଣ୍ଡନ,୧୨।୭

ବ୍ରିଟେନର କାମଚଳା ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କ ଉତ୍ତରାଧିକାରୀ କିଏ ହେବେ ତାହା ସେପ୍ଟେମ୍ବର ୫ରେ ସ୍ପଷ୍ଟ ହେବ। କଞ୍ଜରଭେଟିଭ୍ ପାର୍ଟି ନେତା ଚୟନ ପାଇଁ ଉଦ୍ଦିଷ୍ଟ ୧୯୨୨ କମିଟି ଅଧ୍ୟକ୍ଷ ଗ୍ରାହମ ବ୍ରାଡି ଏ ନେଇ ସୂଚନା ଦେଇଛନ୍ତି। ବ୍ରାଡି କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅନ୍ୟୂନ ୨୦ ଏମ୍‌ପିଙ୍କ ସମର୍ଥନ ଜରୁରୀ। ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରାଯିବ। ଶାସକ ଦଳ ସଦସ୍ୟମାନେ ବୁଧବାର ପ୍ରଥମ ପର୍ଯ୍ୟାୟରେ ମତଦାନ କରିବେ। ଗୁରୁବାର ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ରହିବା ପାଇଁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩୦ ଏମ୍‌ପିଙ୍କ ସମର୍ଥନ ଜରୁରୀ। ଜୁଲାଇ ୨୧ରେ ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟବେଳେ କେବଳ ୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। କଞ୍ଜରଭେଟିଭ୍ ପାର୍ଟି ପ୍ରାୟ ୨ ଲକ୍ଷ ସକ୍ରିୟ ସଦସ୍ୟ ଭୋଟ ଦେଇ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାଛିବେ। ଏହି ପଦବୀ ପାଇଁ ବର୍ତ୍ତମାନ ସୁଦ୍ଧା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ୍‌ଙ୍କ ସମେତ ୧୧ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି।

## ଆର୍‌ଏସ୍‌ଏସ୍ ଅଫିସ୍‌କୁ ବୋମା ଫିଙ୍ଗିଲେ



ଥିରୁଭାନନ୍ତପୁରମ,୧୨।୭

କେରଳର ପୟାନୁରସ୍ଥିତ ଆର୍‌ଏସ୍‌ଏସ୍ ଅଫିସ୍‌ରେ ମଙ୍ଗଳବାର ଭୋର ସମୟରେ ବୋମାମାଡ଼ ହୋଇଛି। ଏଥିରେ ଅଫିସ୍‌ର ଅନେକ ଝରକା ନଷ୍ଟ ହୋଇଯାଇଛି। ଏହି ଆକ୍ରମଣ ପଛରେ ସିପିଆଇ(ଏମ୍)ର ହାତ ଥିବା ସଂଘ ଅଭିଯୋଗ ଆଣିଛି। ପୋଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଚଳାଇଛି। ପୟାନୁର ସହରର ବିଭିନ୍ନ ସ୍ଥାନରେ ଆର୍‌ଏସ୍‌ଏସ୍ ପକ୍ଷରୁ ଏହାର ପ୍ରତିବାଦରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି।

## ସାଉଦି ପ୍ରିନ୍ସଙ୍କୁ ପାଗଳ କହିଲେ ପୂର୍ବତନ ଗୋଇନ୍ଦା ମୁଖ୍ୟ

ରିୟାଦ,୧୨।୭



ସାଉଦି ଆରବର ପୂର୍ବତନ ଗୋଇନ୍ଦା ମୁଖ୍ୟ ସାଦ୍ ଆଲଜାବରୀ ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କୁ ସହାନୁଭୂତି ନ ଥିବା ବାଗଳ ବୋଲି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସାଉଦି ଆରବ ଗସ୍ତ ପରେ ପ୍ରିନ୍ସଙ୍କୁ ଏଭଳି ସମାଲୋଚନା କରିଛନ୍ତି। ସଲମାନ ବହୁ ସମ୍ପତ୍ତିର ଅଧିକାରୀ ହୋଇଥିବା କାରଣରୁ ସେ ଆମେରିକା ସମେତ ବିଶ୍ୱର ବହୁ ରାଷ୍ଟ୍ରକୁ ଧମକ ଦେଉଛନ୍ତି। ପ୍ରିନ୍ସ ଜଣେ ହତ୍ୟାକାରୀ ବୋଲି ମଧ ସିବିଏସ୍ ନ୍ୟୁଜ୍ ଚ୍ୟାନେଲକୁ ଏକ ସାକ୍ଷାତ୍କାର ଦେବାବେଳେ ସାଦ୍ କହିଛନ୍ତି। ଦେଶରେ ଅପହରଣ ଓ ହତ୍ୟା ସହ ଆତଙ୍କରାଜ ଖେଳାଇବା ଉଦ୍ଦେଶ୍ୟରେ ସଲମାନ ଏକ ଗ୍ୟାଙ୍ଗ୍‌ର ପରିଚାଳନା କରୁଥିବା ଭଳି ସଙ୍ଗିନ ଅଭିଯୋଗ ସେ ଆଣିଛନ୍ତି। ସାଦ୍ ପୂର୍ବତନ ଶାସକ ମହମ୍ମଦ ବିନ୍ ନାୟେଫ୍‌ଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ୨୦୧୭ରେ ନାୟେଫ ରାଜଗାଦି ପ୍ରିନ୍ସ ସଲମାନଙ୍କ ହାତକୁ ଟେକିଦେଇଥିଲେ। ତେବେ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ସାଦ୍ ବର୍ତ୍ତମାନ ସାଉଦି ଆରବ ଛାଡ଼ି କାନାଡାରେ ରହୁଛନ୍ତି।

## ଭୋଟ ଦେବେ ୪୪% ଅଭିଯୁକ୍ତ ଏମ୍‌ପି, ବିଧାୟକ

ନୂଆଦିଲ୍ଲୀ, ୧୨।୭

ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବାକୁ ଥିବା ବିଧାୟକ ଓ ଏମ୍‌ପିଙ୍କ ମଧ୍ୟର ୪୪%ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍(ଏଡିଆର୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ମୋଟ ୧୦,୭୪,୩୬୪ ଭୋଟର ୪୪% ଅର୍ଥାତ ୪,୭୨,୪୭୭ ଭୋଟ ଅଭିଯୁକ୍ତ ଏମ୍‌ପି ଏବଂ ବିଧାୟକଙ୍କର ରହିଛି। ସେମାନେ ପୂର୍ବରୁ ନିଜ ନାମରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ୪,୮୦୯ ଏମ୍‌ପି ଓ ବିଧାୟକଙ୍କ ମଧ୍ୟରୁ ୪,୭୫୯ଙ୍କ ସତ୍ୟପାଠକୁ ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ୱାଚ୍ ପକ୍ଷରୁ ବିଶ୍ଳେଷଣ କରାଯାଇଥିଲା। ସେଥିମଧ୍ୟରେ ଦେଶର ୭୬୮ ଏମ୍‌ପି ଏବଂ ୩,୯୯୧ ବିଧାୟକଙ୍କ ସତ୍ୟପାଠ ଅନ୍ତର୍ଭୁକ୍ତ ଥିଲା। ୫୪୨ ଏମ୍‌ପିଙ୍କ ମଧ୍ୟରୁ ୨୩୬ ଲୋକ ସଭା ସଦସ୍ୟ ଏବଂ ୨୨୬ରୁ ଜଣ ରାଜ୍ୟ ସଭା ଏମ୍‌ପି ସେମାନଙ୍କ ବିରୋଧରେ ଆପରାଧିକ ମାମଲା ଥିବା ପୂର୍ବରୁ ଭାରତର ନିର୍ବାଚନ କମିଶନଙ୍କ ନିକଟରେ ଦର୍ଶାଇଥିଲେ। ୧,୩୧୬ ଏମ୍‌ପି/ଏମ୍ଏଲ୍ଏଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ରହିଛି। ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବାକୁ ଥିବା ଏମ୍‌ପି ଓ ବିଧାୟକଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ମାତ୍ର ୧୦% ବୋଲି ଜଣାଯାଇଛି।

### ରାଷ୍ଟ୍ରପତି ନିର୍ବାଚନ

# କଳିଙ୍ଗରେ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୨।୭ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୪୮ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆସନ୍ତା ୧୬ ତାରିଖରୁ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ଆରମ୍ଭ ହେବ। ଓଡ଼ିଶା ପ୍ରଥମଥର ପାଇଁ ଏପରି ଏକ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛି। ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସୁଇମିଂ ଓ ୱାଟରପୋଲୋ ୨ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଏଥିରେ ମୋଟ ୮୫୩ ସୁଇମର ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ୫୨୮ ସନ୍ତରଣକାରୀ (୨୫୪ ବାଳିକା, ୨୭୪ ବାଳକ) ଏବଂ ୩୨୫ ୱାଟରପୋଲୋ ଖେଳାଳି (୧୦୫ ବାଳିକା, ୧୨୦ ବାଳକ) ସାମିଲ। ଟୁର୍ନାମେଣ୍ଟ ପରିଚାଳନା ପାଇଁ ୭୫ ଜଣ ଟେକ୍ନିକାଲ ଅଫିସିଆଲ ଏବଂ ୫୦ ସପୋର୍ଟ ଷ୍ଟାଫ୍ ଉପସ୍ଥିତ ରହିବେ।

**ଓଡ଼ିଶାର ୨୦ ସୁଇମର**

ଏହି ସମ୍ମାନଜନକ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୨୦ ସନ୍ତରଣକାରୀ (୮ ବାଳିକା, ୧୨ ବାଳକ) ଅଂଶଗ୍ରହଣ କରିବେ।




ସେମାନଙ୍କ ସହ ୬ ସପୋର୍ଟ ଷ୍ଟାଫ୍ ରହିବେ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସନ୍ତରଣକାରୀ ଓ ଅନ୍ୟ କର୍ମକର୍ତ୍ତାଙ୍କ ରହିବା ଏବଂ ଖାଦ୍ୟପେୟ ବ୍ୟବସ୍ଥା ହୋଇଛି। ଓଡ଼ିଶାରେ ସନ୍ତରଣ କ୍ରୀଡ଼ାର ବିକାଶ ଏବଂ ଏହାକୁ ପ୍ରମୋଟ କରିବା ପାଇଁ ଗତବର୍ଷ ରାଜ୍ୟ ସରକାର ଓ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ଆଗାମୀ ଇଭେଣ୍ଟ ହେଉଛି ଏହାର ଏକ ଅଂଶବିଶେଷ। ଓଡ଼ିଶା ସରକାର ଚାମ୍ପିୟନଶିପ୍‌ର ମୁଖ୍ୟ ପୃଷ୍ଠପୋଷକ ରହିଛନ୍ତି। କ୍ରୀଡ଼ା ବିଭାଗ ଏବଂ ରାଜ୍ୟ ଆସୋସିଏଶନ ମିଳିତଭାବେ ରାଜ୍ୟରେ ସୁଇମିଂ ଇକୋ-ସିଷ୍ଟମର ଉନ୍ନତି ପାଇଁ ପ୍ରୟାସ କରି ଆସୁଛନ୍ତି। ବିଭିନ୍ନ ଜିଲାର ମୁଖ୍ୟାଳୟଗୁଡ଼ିକରେ ଆକ୍ୱାଟିକ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱରରେ ପ୍ରତିଷ୍ଠିତ କୋଚ୍‌ଙ୍କୁ ନେଇ ସୁଇମିଂର ହାଇପରଫର୍ମାନ୍ସ ସେଣ୍ଟର ରହିଛି। ବିଭିନ୍ନ ଜିଲାରେ ଏହାର ୮ଟି ସବ୍-ସେଣ୍ଟର କାର୍ଯ୍ୟ କରୁଛି। କଳିଙ୍ଗ ଷ୍ଟାଡିୟମରେ ଅତ୍ୟାଧୁନିକ ଇନ୍‌ଡୋର ବିଶ୍ୱସ୍ତରୀୟ ସୁଇମିଂ ପୁଲ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆକ୍ୱାଟିକ୍ ପାଇଁ ସୁବିଧା ସୁଯୋଗ ଉପଲବ୍ଧ ସହ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ ହେବା ଦ୍ୱାରା ଭୁବନେଶ୍ୱର ଭାରତର ସୁଇମିଂ ହବ୍‌ରେ ପରିଣତ ହେବାକୁ ଯାଉଛି ଏଥିରେ ଦ୍ୱିମତ ନାହିଁ। ହକି ଭଳି ଓଡ଼ିଶା ଆଗାମୀ କିଛି ବର୍ଷ ମଧ୍ୟରେ ଏଠାରେ ଅନ୍ତର୍ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆୟୋଜନ କରିବ।

**ଓଡ଼ିଶା ଦଳ**

ଗ୍ରୁପ୍-୧ ବାଳକ: ଅନମୋଲ ମହାନ୍ତି, ଅଂଶୁମାନ ମେର୍‌ଲି, ପୀୟୂଷ ଠାକୁର, ୟଜତ ଗୁପ୍ତା, ଆୟୁଷ ଆର୍ଯ୍ୟାନ ବସ୍ତୁ, ଅଂଶୁମାନ ବଶିଷ୍ଟ।

ଗ୍ରୁପ୍-୧ ବାଳିକା: ମନ୍ନତା ମିଶ୍ର, ଭଦ୍ରା ଶତପଥୀ, ଆକାଂକ୍ଷା ନାୟକ, ନିଳାଦ୍ରି ନାଏକ।

ଗ୍ରୁପ-୨ ବାଳକ: ସୋମ୍ ସ୍ୱରୂପ ଦାଶ, ଶତଭିକ ପାଣ୍ଡେ, ମନୋଜିତ ରୟ, ଭଦ୍ରୁ ହାଂସଦା, ସାହିଲ ମାଝି, ହିତେଶ ମହାରଣା।

ଗ୍ରୁପ୍-୨ ବାଳିକା: ଅଂଶିକା ଆରାଧନା ସାହୁ, ନୟନତାରା କାର୍ତ୍ତିକେୟନ, ଆଞ୍ଚଲ ବାଗ୍, ଅନୁଭା ଜେନା।

ସପୋର୍ଟ ଷ୍ଟାଫ୍: ଟିମ୍ ମ୍ୟାନେଜର- ରାଜୀବ ଲୋଚନ ଦାଶ, ମହିଳା ମ୍ୟାନେଜର: ସୁନୀତା ବହିଦାର, ମୁଖ୍ୟ କୋଚ୍: ସନ୍ଦୀନ ସେଜୱାଲ, ଉପମୁଖ୍ୟ କୋଚ୍: ଶରଥ ବେଲେଭେ, ସହକାରୀ କୋଚ୍: ଚିନ୍ତନ ନାଏକ।

- ଅଂଶଗ୍ରହଣକାରୀ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ: ୩୦
- ଇଭେଣ୍ଟ: ସୁଇମିଂ ଓ ୱାଟରପୋଲୋ
- ମୋଟ ଆଥଲେଟ୍‌ଙ୍କ ସଂଖ୍ୟା: ୮୫୩
- ମୋଟ ସନ୍ତରଣକାରୀ: ୫୨୮ (୨୫୪ ବାଳିକା, ୨୭୪ ବାଳକ)
- ୱାଟରପୋଲୋ ଖେଳାଳି ସଂଖ୍ୟା: ୩୨୫ (ବାଳିକା ୧୦୫, ବାଳକ ୧୨୦)
- ମୋଟ ଟେକ୍ନିକାଲ ଅଫିସିଆଲ୍ସ: ୭୫
- ସପୋର୍ଟ ଷ୍ଟାଫ୍: ୫୦

# ମହିଳା ହକି ବିଶ୍ୱକପ୍: ଭାରତର ପ୍ରଥମ ବିଜୟ

**ଟେରାସା(ସ୍ପେନ), ୧୨।୭ (ପି.ଟି.)**

ଅଧିନାୟିକା ସବିତାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ କାନାଡାକୁ ୩-୨ ଶୁଟ୍ ଆଉଟରେ ପରାସ୍ତ କରି ଭାରତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ଏହାର ପ୍ରଥମ ବିଜୟ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଏହି କ୍ଲାସିଫିକେଶନ ମ୍ୟାଚ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ମେଡ୍‌ଲିନ୍ ସେକୋ ୧୧ତମ ମିନିଟରେ ଗୋଲ ସ୍କୋର କରି କାନାଡାକୁ ଅଗ୍ରଣୀ କରାଇଥିଲେ। ୫୮ତମ ମିନିଟରେ ସାଲିମା ଟେଟେଙ୍କ ଗୋଲ ସହାୟତାରେ ଭାରତ ମ୍ୟାଚକୁ ୧-୧ ସମାନ ସ୍ତରକୁ ନେଇ ଆସିଥିଲା। ୯ମରୁ ୧୬ତମ ସ୍ଥାନ ପାଇଁ ଅନୁଷ୍ଠିତ ହୋଇଥିବା ଏହି କ୍ଲାସିଫିକେଶନ ମ୍ୟାଚରେ ସବିତା ୬ଟି ଗୋଲ୍ ସେଭ କରିଥିଲେ। ନଭନିତ କୌର, ସୋନିକା ଓ ନେହା ଗୋଟିଏ ଲେଖାଏ ଗୋଲ ଦେବାରେ ସଫଳ ରହିଥିଲେ। ପୂର୍ବ ମ୍ୟାଚରେ ସ୍ପେନ ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଭାରତ ବୁଧବାର ୯ମରୁ ୧୨ତମ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ ଜାପାନ ବିପକ୍ଷରେ ଖେଳିବ।



ମହିଳା ହକି ବିଶ୍ୱକପରେ ଏକ ଶୁଟ୍‌ଆଉଟ ଶଟ୍ ରୋକିବାକୁ ଚେଷ୍ଟା କରୁଛନ୍ତି ଭାରତ ଗୋଲକିପର ସବିତା।

# ବିଶ୍ୱକପ୍ ୪ ମାସ ପୂର୍ବରୁ ଇରାନ ଫୁଟ୍‌ବଲ କୋଚ୍ ବହିଷ୍କୃତ

**ତେହେରାନ, ୧୨।୭ (ଏପି):** ଫିଫା ଫୁଟ୍‌ବଲ ବିଶ୍ୱକପ୍ ହେବାକୁ ଆଉ ୪ ମାସ ବାକି ରହିଥିବା ବେଳେ ଇରାନ ଏହାର ମୁଖ୍ୟ କୋଚ୍ ଡ୍ରାଗନ ସ୍କୋକିକ୍‌ଙ୍କୁ ବହିଷ୍କାର କରିଛି। ଇରାନ ଟିମ୍ ସହ କାତାର ଯିବେ ନାହିଁ ୫୩ ବର୍ଷୀୟ କ୍ରୋଏସିଆନ୍ କୋଚ୍। ଜାତୀୟ ନ୍ୟୁଜ୍ ଏଜେନ୍ସି 'ଇର୍‌ନା' ରିପୋର୍ଟରେ ଏହା ପ୍ରକାଶ ପାଇଛି। ବିଶ୍ୱକପ୍ ନଭେମ୍ବର ୨୧ରୁ ଆରମ୍ଭ ହେବାକୁଥିବା ବେଳେ ଏସିଆର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ତଥା ବିଶ୍ୱର ୨୩ ନମ୍ବର ଦଳ ଇରାନ ଗ୍ରୁପ୍ ବି'ରେ ଇଂଲଣ୍ଡ, ୱେଲ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ସହ ସ୍ଥାନ ପାଇଛି। ୨୦୨୦ ଫେବୃୟାରୀରେ ମାର୍କ ୱିଲମଟ୍ସଙ୍କ ସ୍ଥାନରେ ସ୍କୋକିକ୍ ଇରାନ ଜାତୀୟ ଦଳର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଏସିଆନ ବିଶ୍ୱକପ୍ କ୍ୱାଲିଫାଇଙ୍ଗରେ ୮ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ଦକ୍ଷିଣ କୋରିଆ ଆଗରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା। ହେଲେ ଜାତୀୟ ମହାସଂଘ ବହିଷ୍କୃତ ସ୍କୋକିକ୍‌ଙ୍କ ସ୍ଥାନରେ ନୂଆ ମୁଖ୍ୟ କୋଚ୍ କିଏ ହେବ ତାହା ପ୍ରକାଶ କରିନାହିଁ।


ରୌପ୍ୟ ପଦକ ବିଜେତା ଏସ୍. ପି. ସେଥୁରମଣ, ସ୍ୱର୍ଣ୍ଣ ବିଜୟୀ ସୂର୍ଯ୍ୟ ଶେଖର ଗାଙ୍ଗୁଲି ଓ ଅନ୍ୟମାନେ।

# ଗାଙ୍ଗୁଲି ଜିତିଲେ ଫିଶର ରାଣ୍ଡମ ଇଭେଣ୍ଟ

**ବିଲ୍ (ସୁଇଜରଲାଣ୍ଡ), ୧୨।୭ (ପି.ଟି.):** ଗ୍ରାଣ୍ଡମାଷ୍ଟର ସୂର୍ଯ୍ୟ ଶେଖର ଗାଙ୍ଗୁଲି ଏଠାରେ ଚାଲିଥିବା ବିଲ୍ ଚେସ୍ ଫେଷ୍ଟିଭାଲରେ ଫିଶର ରାଣ୍ଡମ ଇଭେଣ୍ଟ ଜିତିଛନ୍ତି। ଭାରତର ଅନ୍ୟ ଜଣେ ଖେଳାଳି ଏସ୍. ପି. ସେଥୁରମଣ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କୋଲକାତାର ଏହି ୩୯ ବର୍ଷୀୟ ଗ୍ରାଣ୍ଡମାଷ୍ଟର ୭ ରାଉଣ୍ଡରୁ ୬.୫ ସ୍କୋର ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଯଥାକ୍ରମେ ସେଥୁରମଣ (୫.୫ ପଏଣ୍ଟ) ଓ ଫ୍ରେଞ୍ଚ ମହିଳା ଗ୍ରାଣ୍ଡମାଷ୍ଟର ଭେରା ନିବୋଲ୍‌ସିନା (୫.୫) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଗାଙ୍ଗୁଲି ଟୁର୍ନାମେଣ୍ଟରେ ସମସ୍ତ ୭ ରାଉଣ୍ଡ ଖେଳରେ ଅପରାଜିତ ରହିଥିଲେ। ସେ ୬ଟି ବିଜୟ ହାସଲ କରିଥିବା ବେଳେ ଆଲେକ୍‌ଜାଣ୍ଡ୍ରା କୋଷ୍ଟେନିକ୍‌ଙ୍କ ବିପକ୍ଷ ଗେମ୍ ଡ୍ର' ରଖିଥିଲେ। ସେ ଅର୍ଶବୀର ମୁଷାୟେଲୟାନ (ସୁଇଜରଲାଣ୍ଡ), ସାଇକାଲୁରି ହରି ଚରଣ (ଭାରତ), ରବିନ୍ ଅଙ୍ଗଷ୍ଟ (ସୁଇଜରଲାଣ୍ଡ), ଜୋସ୍ ଆଣ୍ଟୋନିଓ ହେରେରା ରେଜ୍ (ସ୍ପେନ୍),ସେଥୁରମଣ ଓ ଗ୍ରୀସ୍‌ର କନଷ୍ଟାଷ୍ଟିନୋସ୍ ରାଗିଓସ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଗାଙ୍ଗୁଲିଙ୍କଠାରୁ ହାରିଯିବା ପରେ ସେଥୁରମଣଙ୍କ ହାତରୁ ସୁଯୋଗ ଚାଲିଯାଇଥିଲା। ତାଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଗ୍ରାଣ୍ଡମାଷ୍ଟର ଟ୍ରାଇଥଲନର ଏକ ଅଂଶବିଶେଷ ସ୍ୱରୂପ ଭାରତର ସ୍ୱଳ୍ପ ବୟସ୍କ ଗ୍ରାଣ୍ଡମାଷ୍ଟର ଡି. ଗୁକେଶଙ୍କ ଆକ୍ସନ ରାପିଡ୍ ଇଭେଣ୍ଟରେ ଦେଖିବାକୁ ମିଳିବ। ଗ୍ରାଣ୍ଡମାଷ୍ଟରଙ୍କ ପାଇଁ ୮ଜଣଙ୍କୁ ନେଇ ଏହା ଏକ କ୍ଲାସିକାଲ ଇଭେଣ୍ଟ। ରବିବାର ଅନୁଷ୍ଠିତ ଏସିସିଇଏନ୍‌ଟିଫ୍ୟୁଏସ୍ ଚେସ୍ ୯୬୦ ଇଭେଣ୍ଟରେ ସେ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏହି ୮ଜଣ ଗ୍ରାଣ୍ଡମାଷ୍ଟର ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଭେନ୍‌ସେଣ୍ଟ କିମର, ସାଲେମ୍ ସାଲେ ଓ ଭେଟେରାନ ଗାଟା କାମ୍‌ସ୍କି।

## ରାଜ୍ୟ ଖବର

# ଚାଇନା ନାଗରିକଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର

**ଭୁବନେଶ୍ୱର,୧୨।୭ (ବ୍ୟୁରୋ)**

**ଲୋନ୍ ଆପ୍ ଠକେଇ ମାମଲାରେ ମାଷ୍ଟରମାଇଣ୍ଡ୍ ଚିହ୍ନଟ**

- **୨୦୧୯ରୁ ଭାରତରେ ବେଆଇନ ଆପ୍ କାରବାର ଆରମ୍ଭ କରିଥିଲେ**
- **ଏୟାରପୋର୍ଟ, ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ**
- **ମାମଲାରେ ପୂର୍ବରୁ ଗିରଫ ହୋଇଛନ୍ତି ୫ ଅଭିଯୁକ୍ତ**
- **ଠକେଇରେ ଏକାଧିକ ଚାଇନା ନାଗରିକଙ୍କ ସମ୍ପୃକ୍ତି ସୂଚନା**

ଗ୍ରାହକଙ୍କୁ ଆପ୍ ଦ୍ୱାରା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ଆଦାୟ ମାମଲାରେ ମାଷ୍ଟରମାଇଣ୍ଡ୍ ହେଉଛନ୍ତି ଜଣେ ଚାଇନା ନାଗରିକ। ସେ ହେଲେ ଲିୟୁ ଇ। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଭିଯୁକ୍ତ ଲିୟୁଙ୍କୁ ଧରିବାକୁ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ)ର ସହାୟତା ଲୋଡ଼ିଛି। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ ବିଓଆଇ ପକ୍ଷରୁ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି। ଲିୟୁ ଏବେ ଭାରତରେ ଅଛନ୍ତି ନା ବିଦେଶରେ, ତାହା ଜଣାପଡ଼ି ନ ଥିଲେ ମଧ୍ୟ ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରିଦିଆଯାଇଛି। ଏଥିସହ ତାଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସକୁ ମଧ୍ୟ କୁହାଯାଇଛି। ଏହି ମାମଲାରେ ପୂର୍ବରୁ ଲିୟୁଙ୍କ ୫ ସହଯୋଗୀ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଲିୟୁଙ୍କ ସମେତ ଏକାଧିକ ଚାଇନା ନାଗରିକଙ୍କ ସମ୍ପୃକ୍ତି ରହିଛି। ଭାରତ ସମେତ ଥାଇଲାଣ୍ଡ ଓ ଅନ୍ୟ ଦେଶରେ ଏମାନେ ଲୋନ୍ ଆପ୍ ଦ୍ୱାରା ଠକେଇ ର୍‍ୟାକେଟ ଚଳାଇଥିବା ସନ୍ଦେହ କରି ଅଧିକ ତଦନ୍ତ ଚାଲିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ମାଷ୍ଟରମାଇଣ୍ଡ ଲିୟୁ ଭାରତରେ କୋକୋ ଲୋନ୍, ଜୋଜୋ ଲୋନ୍, ଗୋଲ୍ଡେନ ଲାଇଟ୍‌ନିଂ ଲୋନ୍, ସିଲ୍‌ଭର କ୍ରେଡିଟ୍ ଲୋନ୍, ଗୋଲ୍ଡ କ୍ୟାଶ୍ ଲୋନ୍, ଲିଟିଲ୍ ବରୋ ଲୋନ୍, ଟ୍ୟାପ୍ କ୍ରେଡିଟ୍ ଲୋନ୍, କ୍ରେଡିଟ୍ ବିୟର ଲୋନ୍, ସ୍ପିଡି ରୁପି ଲୋନ୍, ଏକ୍ସପ୍ରେସ୍ କ୍ରେଡିଟ୍ ଲୋନ୍, କ୍ରେଡିଟ୍ ପ୍ଲାନ୍ ଲୋନ୍ ଭଳି ବହୁ ଆପ୍ ଦ୍ୱାରା ଠକେଇ କରିଛନ୍ତି। ତାଙ୍କ ମୂଳ କମ୍ପାନୀ ହେଉଛି ଚାଇନା ହାଙ୍ଗ୍‌ଜୋହୁଠାରେ ଥିବା 'ଜିଆନ୍‌ବିଙ୍ଗ୍ ଟେକ୍ନୋଲୋଜି'।


ମାଷ୍ଟରମାଇଣ୍ଡ୍ ଲିୟୁ ଇଙ୍କ ସ୍କେଚ୍।

ଏଥିସହ ସେ 'ଉମ୍‌ଲେଟ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିଃ' କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି। ସେହିଭଳି ୱେଲୋ ଟିଉନ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃ, ମୁଡ୍‌ମେଟ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃ, ପିଙ୍କ୍‌ଲିଫ୍ ଆରିୟାନ୍ କମ୍ୟୁନିକେଶନ୍ସ ପ୍ରାଇଭେଟ ଲିଃ, ଟେକ୍‌ଲାଇଟ୍ ଡେଭଲପ୍‌ମେଣ୍ଟ ପ୍ରାଇଭେଟ୍ ଲିଃ, ଉରେଲା ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିଃ, ଆଇଡବ୍ଲ୍ୟୁଟି ଇଣ୍ଡିଆ ଓ ଓସିଏନ୍ ଟ୍ରେଡିଙ୍ଗ୍ ସମେତ ୮ଟି କମ୍ପାନୀକୁ ପରିଚାଳନା କରନ୍ତି। ସେ ୨୦୧୯ରେ ଭାରତରେ ବେଆଇନ୍ ଲୋନ ଆପ୍ କାରବାର ଆରମ୍ଭ କରିଥିଲେ। ସହଯୋଗୀଙ୍କ ଦ୍ୱାରା ଲିୟୁ ସାଧାରଣ ଲୋକଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ନାମରେ ସିମ୍ କାର୍ଡ ସହ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ। ଏଥିସହ ଉକ୍ତ ଲୋକଙ୍କୁ କମ୍ପାନୀର ନିର୍ଦ୍ଦେଶକ ଓ କର୍ମଚାରୀ ଦାୟିତ୍ୱ ଦେଉଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଓ କମ୍ପାନୀକୁ ଲିୟୁ ହିଁ ପରିଚାଳନା କରୁଥିଲେ। କେବଳ ସେତିକି ନୁହେଁ, ସେ ଗାଳି ସହ ଧମକ ଦେବାକୁ କଲସେଣ୍ଟର ମଧ୍ୟ ଖୋଲିଥିଲେ। କୋକୋ ଓ ଜୋଜୋ ଆପ୍ ସମେତ ଏକାଧିକ ଲୋନ୍ ଆପ୍ ମାଧ୍ୟମରେ ଠକେଇ ପାଇଁ ଜାଲ ବିଛାଉଥିଲେ। ଯେଉଁ ଗ୍ରାହକଙ୍କ ଆକାଉଣ୍ଟରେ ଠକେଇ ଟଙ୍କା କାରବାର ହେଉଥିଲା, ସେମାନଙ୍କୁ ୩ରୁ ୧୦ ହଜାର ଟଙ୍କା ଦେଇ ବହୁଗୁଣା ଟଙ୍କା ନିଜ ନେଉଥିଲେ। ଟଙ୍କା ନ ଦେଲେ କର୍ମଚାରୀଙ୍କ ଦ୍ୱାରା ଗାଳି, ଧମକ ଓ ନିର୍ଯାତନା ଦିଆଯାଉଥିଲା। ତଦନ୍ତ ବାଟବଣା କରିବାକୁ ଗ୍ରାହକଙ୍କଠାରୁ ମାଷ୍ଟରମାଇଣ୍ଡ୍ ଲିୟୁ ବିଭିନ୍ନ ମାଧ୍ୟମ ଦେଇ ଟଙ୍କା ନେଇଥାନ୍ତି। ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ଏପ୍ରିଲ୍ ୨୧ରେ ଏକ ମାମଲା ( ନଂ.୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ହାତୀଛୁଆ ଉଦ୍ଧାର କଲା ବନ ବିଭାଗ

**ବାରିପଦା ଅଫିସ,୧୨।୭**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ବେତନଟୀ ରେଞ୍ଜରେ ବାଟବଣା ହୋଇ ଘୁରି ବୁଲୁଥିବା ଏକ ହାତୀଛୁଆକୁ ସୋମବାର ବିଳମ୍ବିତ ରାତିରେ ବନବିଭାଗ ଉଦ୍ଧାର କରିଛି। ବିଭାଗୀୟ କର୍ମଚାରୀମାନେ ତାକୁ ଆଣି ବେତନଟୀ ରେଞ୍ଜ କାର୍ଯ୍ୟାଳୟ ପରିସରରେ ରଖିଥିଲେ। ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ପିଠାବଟା ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଥିଲା। ପ୍ରାଣୀ ବିଶେଷଜ୍ଞ ହାତୀଛୁଆର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି ।

ଝାଡ଼ଖଣ୍ଡୀ ହାତୀପଲ ସହ ଏହି ଛୁଆଟି ଅସିଥିଲା। ତେବେ ବାଙ୍ଗିରିପୋଷି ରେଞ୍ଜ ପୁନାସିଆଠାରେ ମା'ଠାରୁ ଅଲଗା ହୋଇ ଛୁଆଟି ବାଟବଣା ହୋଇଯାଇଥିଲା। ଲୋକେ ମା' ହାତୀକୁ ଘଉଡ଼ାଇବାରୁ ଛୁଆଟି ଅଲଗା ହୋଇ ଦେଉଳି ରେଞ୍ଜ କୋଷ୍ଠା ଜଙ୍ଗଲରେ ପହଞ୍ଚିଥିଲା। ମା'କୁ ନ ପାଇ ଜନବସତିରେ ପ୍ରବେଶ କରିଥିଲା। ୧୮ନଂ ଜାତୀୟ ରାଜପଥ, ରେଳଧାରଣା ପାର ହୋଇ ବିଭିନ୍ନ ଗାଁ ଗଣ୍ଡାକୁ ଯାଉଥିବା ବେଳେ ବନକର୍ମଚାରୀମାନେ ତା' ପ୍ରତି ନଜର ରଖିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ମା'ହାତୀ ନ ଫେରିବାରୁ ଛୁଆକୁ ବନବିଭାଗ ଉଦ୍ଧାର କରିଛି। ବନ କର୍ମଚାରୀମାନେ ହାତୀଛୁଆକୁ ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ରଖି ଖାଇବାକୁ ଦେଇଥିଲେ । ତେବେ ୨ବର୍ଷର ଏହି ହାତୀ ଛୁଆ ଖାଦ୍ୟ ଗ୍ରହଣ କରି ନ ଥିଲା। ପରେ ଏକ ଟ୍ରକ ଯୋଗେ ତାକୁ ପିଠାବଟା ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏସିଏଫ୍ ରବି ନାରାୟଣ ମହାନ୍ତି, ବନପାଳ ପ୍ରଶାନ୍ତ ସିଂସାମନ୍ତ, ଡାକ୍ତର ପିୟୁସ ସୋରେନ ପ୍ରମୁଖ ହାତୀଛୁଆ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।


ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ଥିବା ହାତୀଛୁଆ।

# ଘୁଞ୍ଚିଲା ଏକକ ପିଜି ପ୍ରବେଶିକା ଆବେଦନ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି) ପାଇଁ ଆବେଦନ ସମୟସୀମା ବୃଦ୍ଧି କରିଛି ଉଚ୍ଚଶିକ୍ଷା ବିଭାଗ। ଚଳିତ ମାସ ୧୨ ତାରିଖ ଆବେଦନର ଶେଷ ତାରିଖ ଥିବାବେଳେ ଏହାକୁ ଆଉ ୫ଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ www.samsodisha.gov.inରେ ଆବେଦନ କରିପାରିବେ। ଏ ନେଇ ମଙ୍ଗଳବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ୧୮ ଓ ୧୯ ତାରିଖରେ କମନ ଆପ୍ଲିକେଶନ ଫର୍ମରେ ଆବଶ୍ୟକ ସଂଶୋଧନ କରିହେବ। କିନ୍ତୁ ଏହି ସମୟ ମଧ୍ୟରେ ନୂଆ ଆବେଦନ କରି ହେବ ନାହିଁ। ୨୫ ତାରିଖ ଅପରାହ୍ନ ୨ଟା ପରଠାରୁ ଛାତ୍ରୀଛାତ୍ରମାନେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଅଗଷ୍ଟ ୧ ତାରିଖରୁ ୧୩ ତାରିଖ ମଧ୍ୟରେ ସବୁ ବିଷୟର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏହା ମଧ୍ୟରେ ୭, ୯ ଓ ୧୧ ତାରିଖରେ ପ୍ରବେଶିକା ପରୀକ୍ଷା ହେବ ନାହିଁ। ପ୍ରତ୍ୟେକ ଦିନ ପରୀକ୍ଷା ତିନୋଟି ସିଟିଂରେ ହେବ। ପ୍ରଥମ ସିଟିଂ ୧୦ଟାରୁ ସାଢ଼େ ୧୧ଟା, ଦ୍ୱିତୀୟ ସିଟିଂ ସାଢ଼େ ୧୨ଟାରୁ ଅପରାହ୍ନ ୨ଟା ଏବଂ ତୃତୀୟ ସିଟିଂ ଅପରାହ୍ନ ୩ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତି ସିଟିଂରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଅତିରିକ୍ତ ୩୦ ମିନିଟ୍ ସମୟ ଦିଆଯିବ। ଅଗଷ୍ଟ ୨୫ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଯୋଗ୍ୟ ପ୍ରାର୍ଥୀମାନେ ଅଗଷ୍ଟ ୨୫ରୁ ୩୦ ପର୍ଯ୍ୟନ୍ତ ଚଏସ୍ ଫିଲିଂ କରିବେ। ସେପ୍ଟେମ୍ବର ୫ ତାରିଖରେ ସିଟ୍ ଆଲଟ୍‌ମେଣ୍ଟ କରାଯିବ ଏବଂ ୬ ଓ ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ସେପ୍ଟେମ୍ବର ୧୩ ଅପରାହ୍ନ ୧୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆଲଟ୍‌ମେଣ୍ଟ କରାଯିବ ଏବଂ ୧୪ ଓ ୧୫ରେ ନାମଲେଖା ହେବ। ଖାଲି ସିଟ୍ ନେଇ ୨୦ ତାରିଖରେ ସାମ୍ସ ୱେବସାଇଟ୍‌ରେ ସୂଚନା ପ୍ରକାଶ ପାଇବ। ୨୩ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଛାତ୍ରୀଛାତ୍ରାମାନେ www.samsodisha.gov.inରେ ଲଗ୍ ଇନ୍ କରି ଅଧିକ ସୂଚନା ପାଇପାରିବେ।

## ମନେ ପଡ଼ନ୍ତି

**ପଞ୍ଚଦଶତମ ଶ୍ରାଦ୍ଧ ଉପଲକ୍ଷେ**



**୰ଅନିରୁଦ୍ଧ ମହାନ୍ତି**
ଗୁରୁ ପୂର୍ଣ୍ଣିମା ତିଥି
ମାଉସିମା ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭

ବାପା,
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ରାମେଶ୍ୱର ଓ ଶ୍ରୀମଦ୍ ବାୟା ବାବା ତୁମର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ। ତୁମର ପୁଅ, ବୋହୂ, ଝିଅ, ଝିଅ-ଜ୍ୱାଇଁମାନେ, ନାତୁଣୀମାନେ ଓ ଆତ୍ମୀୟସ୍ୱଜନ ।
ଧ-୯୭୦

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମଇନା ମାହାରୀ**
କେରେଣ୍ଡିଆପାଳ, ପୁରୀ
ତିରୋଧାନ: ୩୧।୦୭।୨୦୧୪

ଆଜି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

-:ଶ୍ରଦ୍ଧାଞ୍ଜଳି ସହ:-
କୁଣ୍ଡେଇ ପଞ୍ଚାୟତ ଅଫିସ୍, ସନାତନ ସାହୁ ଏବଂ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୯୬୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ନବକିଶୋର ମିଶ୍ର**
ସୋମନାଥପୁର (ଶୁଶୁଡ଼ା), ଅନୁଗୋଳ
ଆବିର୍ଭାବ: ତା୦୧।୦୭।୧୯୫୦ରିଖ
ତିରୋଧାନ: ତା୨୪।୦୭।୨୦୨୧ରିଖ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ମଞ୍ଜୁ, ବାପୁ, ସୋନି, ଦୀପୁ, ଲିମା, ଡ୍ରିଶୁ, ମିଶ୍ର ପରିବାର ଓ ବନ୍ଧୁ, ଆତ୍ମୀୟସ୍ୱଜନ ।
ଧ-୯୬୭

# ହରଡ଼ରେ ବାଘୁଆପୋକ



ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆପୋକ ଲାଗିଥାଏ। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡ଼ାଇ ମାରିଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ଡେରିରେ ଲଗାଯାଇଥିବା ମୁଗ, ବିରି,ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।

# ଆଫ୍ରିକୀୟ ଗେଣ୍ଡୁଫୁଲ



ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାଇପାରିବେ। ଏହିଗେଣ୍ଡୁର କିସମ ଯଥା–ଜାଏଣ୍ଟବଲ,ଆଫ୍ରିକାନ୍ ଅରେଞ୍ଜ, ଏରଲି ଏଲୋ,ଏରଲି ଅରେଞ୍ଜ, ସେରାକୋଲା, ଆଫ୍ରିକଟ୍, ସନ୍‌ଜାଏଣ୍ଟ,କ୍ରାଉନ୍‌ଅଫ୍ ଗୋଲ୍‌ଡ,ସ୍ୱନ୍ ଗୋଲ୍‌ଡ,କ୍ୟୁପ୍ରିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ଦିନର ତଳି ବା ଡାଳକଲମୀକୁ ଉପରବେଳା ରୁଅନ୍ତୁ। ତଳିକୁ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୨୦ସେ.ମି. ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡ଼ିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲ୍‌କା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ, ୪୦କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

# ଆଖୁରେ ସାର ପ୍ରୟୋଗ



ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଫସଲ ୪–୫ ମାସର ହୋଇଗଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ ସହ ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟ ଦମନ ଲାଗି ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩–୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ଡ୍ରାଗନ ଚାଷ ଦେଇଛି ପରିଚୟ

**ସଫଳ ଚାଷୀ**

**ସୁଧାଂଶୁ ପାଢ଼ୀ**

ଦିନ ଥିଲା ଡ୍ରାଗନ୍ ଫଳ ଏକ ବିଦେଶୀ ଫଳ ରୂପେ ଜଣାଯାଉଥିଲା। ଧୀରେ ଧୀରେ ଭାରତରେ ଅନେକ ଚାଷୀ ଏହି ଚାଷ କରିବା ଆରମ୍ଭ କଲେ। ଏବେ ଓଡ଼ିଶାର ଚାଷୀ ମଧ୍ୟ ଏହି ଦାମୀ ଫଳ ଚାଷ କରିବାକୁ ଆଗ୍ରହ ପ୍ରକାଶ କଲେଣି। ନବରଙ୍ଗପୁର ଜିଲାର ଜଣେ ଚାଷୀ ୟୁଟ୍ୟୁବ୍‌ରୁ ଡ୍ରାଗନ୍ ଫଳ ଚାଷର ପ୍ରଣାଳୀ ଶିଖି ନିଜ ଜମିରେ ଏହି ଫଳ ଫଳାଇବାରେ ସଫଳ ହୋଇଛନ୍ତି। ସେ ହେଲେ ନବରଙ୍ଗପୁର ସଦର ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗାଗୁଡ଼ା ଗ୍ରାମର ସୁଧାଂଶୁ ପାଢ଼ୀ।

ସେ ୨ ଏକର ଜମିରେ ଡ୍ରାଗନ ଫଳ ଚାଷ କରିଛନ୍ତି। ଏ ସମ୍ପର୍କରେ ସୁଧାଂଶୁ କୁହନ୍ତି, ‘ ମୁଁ ପ୍ରଥମେ ଇସ୍ରାଏଲରୁ ୪୦୦୦ ଚାରା (ଗୋଟିଏ ଚାରାର ମୂଲ୍ୟ ୪୦ ଟଙ୍କା) ମଗାଇଥିଲି। ଗଛ ବଢ଼ିବା ପାଇଁ ଆବଶ୍ୟକ ଆର୍‌ସିସି ପୋଲ ଏବଂ ଅନ୍ୟ ସାମଗ୍ରୀ ଗୁଜରାଟରୁ ମଗାଇ ଚାଷ ଆରମ୍ଭ କରିଥିଲି। ଏହି ଫଳ ୪ ବର୍ଷରୁ ଭଲ ଫଳ ଦେବ। ପ୍ରାୟ ୧୫ ବର୍ଷ ପର୍ଯ୍ୟନ୍ତ ଗୋଟିଏ ଗଛରୁ ଫଳ ମିଳିପାରିବ। ନାଲି ଓ ଧଳା ୨ଟି ରଙ୍ଗର ଡ୍ରାଗନ୍ ଫଳ ରହିଥିବାବେଳେ ମୁଁ କେବଳ ନାଲି ରଙ୍ଗର ଫଳ ଚାଷ କରଛି। ଗୋଟିଏ ଗଛରୁ ପ୍ରାୟ ୨୫ରୁ ୩୦ଟି ଫଳ ମିଳିପାରିବ। ଜଣେ ଚାଷୀ ବ୍ୟବସାୟିକ ଭିତ୍ତିରେ ଏହାକୁ ଚାଷ କରିପାରିବ।’ ସୁଧାଂଶୁଙ୍କ ଜମିରେ ଏବେ ପ୍ରତ୍ୟେକ ଗଛରେ ୪ଟି ଲେଖାଏ ଫଳ ଫଳିଛି।

ଡ୍ରାଗନ୍ ଫଳ ସୁନ୍ଦର ଏବଂ ସୁସ୍ୱାଦୁ ହେବା ସହ ଏଥିରେ ଭିଟାମିନ, ମିନେରାଲ୍‌ସ, ଫାଇବର ଏବଂ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ତେଣୁ ବଜାରରେ ଏହାର ଚାହିଦା ଅଧିକ। ଏକ ଏକର ଜମିରେ ଡ୍ରାଗନ୍ ଫଳ ଚାଷ ପାଇଁ ୩ ରୁ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ‘‘ଉତ୍ପାଦନ ଭଲ ହେଲେ ୩ ବର୍ଷ ପରେ ଏକର ପିଛା ବାର୍ଷିକ ୨ରୁ ୩ ଲକ୍ଷ ଟଙ୍କା ଆୟ ହୋଇପାରିବ। ଗ୍ରେଡ୍–୧ ଫଳ କିଲୋ ପିଛା ପ୍ରାୟ ୭ ଶହରୁ ୮ ଶହ ଟଙ୍କା ରହିଛି। ନବରଙ୍ଗପୁରରେ ଏହି ଫଳର ବ୍ୟବହାର ବିଷୟରେ କମ୍ ଲୋକ ଜାଣିଥିବାବେଳେ ପଡ଼ୋଶୀ ଛତିଶଗଡ଼ରେ ଏହାର ଚାହିଦା ଅଧିକ। ଜଗଦଲପୁରରେ ଏହି ଫଳର ଚାହିଦା ଭଲ ଥିବାରୁ ବିକ୍ରିରେ ସମସ୍ୟା ହେବନାହିଁ ବୋଲି କହନ୍ତି ସୁଧାଂଶୁ।’’ ଅନ୍ୟପକ୍ଷରେ ତାଙ୍କ ଜମିରେ ଦୈନିକ ୧୦ ରୁ ୧୫ ଜଣ ଶ୍ରମିକ ଚାଷ କରି ରୋଜଗାରକ୍ଷମ ହେବାକୁ ସକ୍ଷମ ହୋଇଛନ୍ତି।

ସୁଧାଂଶୁ ଡ୍ରାଗନ୍ ଫଳ ଫଳାଇବାରେ ସଫଳ ହେବାପରେ ନବରଙ୍ଗପୁର ଜିଲାର ଜଳବାୟୁ ଏହି ଫଳଚାଷ ପାଇଁ ଅନୁକୂଳ ବୋଲି ଅନୁମାନ କରାଯାଉଛି। ଏହା ଦୀର୍ଘ ବର୍ଷ ଧରି ଆୟ ଦେଉଥିବା ଏକ ଲାଭଜନକ ଫସଲ ହୋଇଥିବାରୁ ଜିଲାରେ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳିଲେ ଅନେକ ଚାଷୀ ଲାଭାନ୍ୱିତ ହୋଇପାରିବେ ବୋଲି ସୁଧାଂଶୁ କହିଛନ୍ତି।

**– ପ୍ରତୀପ କୁମାର ଦାଶ**



ଡ୍ରାଗନ୍ ଚାଷ ଜମିରେ ସୁଧାଂଶୁ।

# ବର୍ଷାଦିନିଆ ଘାସଚାଷ



ଡା. ବୀରକିଶୋର ପରିଡ଼ା





ଗୋରୁ ହେଉଛନ୍ତି ଗୃହପାଳିତ ତୃଣଭୋଜି ପ୍ରାଣୀ। ତେଣୁ କଥାରେ ଅଛି – ‘ତୀରଣ ସୁନ୍ଦର ଗାଈ’। ଗୋରୁଙ୍କର ମୁଖ୍ୟ ଖାଦ୍ୟ ହେଲା ସବୁଜ ଖାଦ୍ୟ ବା ଘାସ । ଏହି ତନ୍ତୁଜାତୀୟ ସବୁଜ ଖାଦ୍ୟ ଖାଇ ହଜମ କରିବା ପାଇଁ ସେମାନଙ୍କର ପାକସ୍ଥଳୀ ୪ଗୋଟି ଚାମ୍ବର ବା କୋଠରିକୁ ନେଇ ଗଠିତ ଯଥା – ରୁମେନ, ରେଟିକୁଲମ୍, ଓମାଜମ୍ ଓ ଆବୋମାଜସ୍। ତନ୍ତୁଜାତୀୟ ସବୁଜ ଘାସକୁ ବିଘଟନ କରି ହଜମ କରିବା ପାଇଁ ତନ୍ମଧ୍ୟରେ ଥିବା ଅଣୁଜୀବ ବା ମାଇକ୍ରୋଫ୍ଲୋରା (ଉପକାରୀ ଜୀବାଣୁ) ଓ ଫନା (ଏକକୋଷୀ ଜୀବ) ସାହାଯ୍ୟ କରନ୍ତି । ଦେଖାଯାଇଛି ଯେ , ଗୋପାଳନ ପାଇଁ ମୋଟ ଖର୍ଚ୍ଚର ଶତକଡ଼ା ୬୦ରୁ ୬୫ ଭାଗ ଖାଦ୍ୟରେ ଖର୍ଚ୍ଚ ହୋଇଥାଏ। ଭଲ ସବୁଜ ଖାଦ୍ୟ ଖାଇଲେ ଗୋରୁଙ୍କର ସ୍ୱାସ୍ଥ୍ୟ ଭଲ ରହେ ଏବଂ ଦୁଆଁଳିଆ ଗାଈ ଭଲ କ୍ଷୀର ଦିଅନ୍ତି । ସବୁଜ ଖାଦ୍ୟରେ ଜୀବସାର ‘କ’ ଓ ଖାଦ୍ୟସାର ଭରପୂର ରହିଥିବାରୁ ଗୋରୁ ଏହା ଖାଇବାକୁ ବେଶ୍ ଭଲ ପାଆନ୍ତି ଏବଂ ସହଜରେ ହଜମ କରିପାରନ୍ତି । ଗାଈ ବା ଛଡ଼ାଙ୍କୁ ସବୁଜ ଗୋଖାଦ୍ୟ ଖାଇବାକୁ ଦେଲେ ସେମାନଙ୍କର ପ୍ରଜନନ ଦକ୍ଷତା ବୃଦ୍ଧିପାଇବା ଯୋଗୁ ସେମାନେ ଠିକ୍ ସମୟରେ ଗରମରେ ଆସି ଗର୍ଭବତୀ ହୁଅନ୍ତି । ଏହା ସହିତ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ବର୍ଷାଦିନିଆ ଗୋଖାଦ୍ୟ ଫସଲ ଚାଷକୁ ସାଧାରଣତଃ ୩ଭାଗ (ଋତୁକାଳୀନ ଫସଲ, ସବୁଦିନିଆ ଫସଲ ଏବଂ ଗୋଖାଦ୍ୟ ଗଛ)ରେ ବିଭକ୍ତ କରାଯାଇଥାଏ ।

**ଋତୁକାଳୀନ ଫସଲ**

ଏ ପ୍ରକାର ସବୁଜ ଗୋଖାଦ୍ୟ ଫସଲକୁ ବର୍ଷା ଓ ଶୀତକାଳୀନ ଫସଲ ହିସାବରେ କରାଯାଏ । ଖରିଫ ବା ବର୍ଷାଋତୁରେ ସବୁଜ ଘାସ ଫସଲର ମାନ ବା ନିହିତ ଖାଦ୍ୟ ସାର ହିସାବରେ ୨ ଭାଗରେ ବିଭକ୍ତ, ଯଥା–ଶସ୍ୟଜାତୀୟ ଫସଲ ଏବଂ ଛୁଇଁଜାତୀୟ ଫସଲ।

**ଶସ୍ୟଜାତୀୟ ଫସଲ :** ମକା, ବାଜରା, ଜୁଆର(ଜହ୍ନା), ଟିଓସେଣ୍ଟ, ଗଡ଼ଗଡ଼ (କଏକ୍ସ) ଇତ୍ୟାଦି।

**ଛୁଇଁଜାତୀୟ ଫସଲ :** ବରଗୁଡ଼ି, ଓଙ୍ଗରରାଣୀ, ଗୁଆଁର ଇତ୍ୟାଦି।

**ସବୁଦିନିଆ ଫସଲ :** ଏହି ପ୍ରକାର ସବୁଜ ଗୋଖାଦ୍ୟ ଫସଲକୁ ବର୍ଷାସାରା ଅମଳକରି ଗୋରୁଙ୍କୁ ଖୁଆଯାଇପାରିବ। ଏହି ପ୍ରକାର ଫସଲ ମଧ୍ୟ ୨ ଭାଗରେ ବିଭକ୍ତ।

**ଶସ୍ୟଜାତୀୟ ଫସଲ :** ସଙ୍କର ହାତିଆ, ଏନ୍‌ବି–୨୧, ସିଓ –୧, ସିଓ–୩, କଙ୍ଗୋସିଗ୍‌ନାଲ୍, ମୋଲାସେସ୍, ହିମିଡିକୋଲା, ପାରା ଘାସ ଫସଲ ଇତ୍ୟାଦି।

**ଛୁଇଁଜାତୀୟ ଫସଲ :** ବରଗୁଡ଼ି, ଷ୍ଟାଇଲୋ, ସେଣ୍ଟ୍ରୋ, ସିରାଟ୍ରୋ ଇତ୍ୟାଦି।

**ଗୋଖାଦ୍ୟ ଗଛ :** ସୁବାବୁଲ, ବାର୍ଡଲୁସର୍ନ, କଞ୍ଚନ, ବଡ଼ଚାଖୁଣ୍ଡା ଇତ୍ୟାଦି।

**ମୃତ୍ତିକା ଓ ଜଳବାୟୁ :** ଉଚ୍ଚ ନିଗିଡ଼ା ବାଲିଆ ଦୋରସା ମାଟିରେ ହାତିଆ ଘାସ, ଗିନି ଘାସ, ମକା, ବାଜରା, ଜୁଆର ଘାସ ଚାଷ ପାଇଁ ବେଶ୍ ଉପଯୋଗୀ। ପାଣି ଜମୁଥିବା ଓଦା ସନ୍ତସନ୍ତିଆ ସ୍ଥାନରେ ପାରାଘାସ ଲଗାଇଲେ ଭଲ। ବାଲିଆ ଦୋରସା ମାଟିରେ ବରଗୁଡ଼ି, ଗୁଆଁର, ଦୀନନାଥ ପ୍ରଭୃତି ଘାସ ଫସଲ କଲେ ଭଲ ହୁଏ । ଲୁଣିମାଟି ଅଞ୍ଚଳରେ ବାଜରା, ରୋଡସ, ଜୁଆର ଆଦି ଘାସ ଫସଲ କରିବା ଆବଶ୍ୟକ । ଜଳଛାୟା ଅଞ୍ଚଳରେ ଷ୍ଟାଇଲୋ ଚାଷ ଭଲ ହୁଏ । ଉଷ୍ମ ଓ ଆର୍ଦ୍ର ଜଳବାୟୁ ସବୁଦିନିଆ ଓ କେତେକ ଋତୁକାଳୀନ ଘାସଚାଷ ପାଇଁ ଅନୁକୂଳ । ଜଳବାୟୁ ଓ ମାଟିରେ ଉଷ୍ମତା ଦୃଷ୍ଟିରୁ ବର୍ଷା ଓ ଖରାଦିନେ ସବୁଦିନିଆ ଘାସ ଚାଷରୁ ଅଧିକ ଅମଳ ମିଳେ।

**ଜମି ପ୍ରସ୍ତୁତି :** ହାତିଆ ଓ ଗିନି ଘାସ ଫସଲ ପାଇଁ ପ୍ରଥମେ ୩/୪ ଓଡ଼ ଗଭୀର ଚାଷ କରିବାକୁ ପଡ଼ିଥାଏ । ତା’ପରେ ଜମିକୁ ମଇଦେଇ ମାଟିକୁ ସମତୁଲ କରାଯାଏ । ମାଟି ସମତୁଲ ହେବା ପରେ ଧାଡ଼ିକୁ ଧାଡ଼ି ୩ ଫୁଟ ଓ ଗଛକୁ ଗଛ ୨.୫ ଫୁଟ ବ୍ୟବଧାନରେ ୧୫ ସେ.ମି. ଗଭୀରତାର ଗର୍ତ୍ତ ଖୋଳି ସେଥିରେ ଏକର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ଦେଇ ଜମି ପ୍ରସ୍ତୁତ କରି ରଖାଯାଏ । ଏହାପରେ ବର୍ଷା ଆରମ୍ଭରେ ସେହି ଗର୍ତ୍ତ ବା ମନ୍ଦାରେ କାଣ୍ଡ ବା ମୂଳ ଖଣ୍ଡଗୁଡ଼ିକୁ ତେରଛା ଭାବରେ ଲଗାଯାଏ । କିନ୍ତୁ ପାରା ଘାସ ଜମିହୁଡ଼ା, କେନାଲ ବା ପୋଖରୀ ବନ୍ଧ, ସନ୍ତସନ୍ତିଆ ବା ପାଣି ଜମୁଥିବା ସ୍ଥାନରେ ପୋତିଦେଲେ ତାହା ଆପେ ଆପେ ମାଡ଼ିଯାଏ। ମକା, ବାଜରା, ଜୁଆର, ମିଠାସୁଦାନ, ଏସ୍.ପି.ଚେରୀ, ବରଗୁଡ଼ି ଇତ୍ୟାଦି ପାଇଁ କେବଳ ମାଟି ବା ଜମିକୁ ୩।୪ ଓଡ଼ ହଳକରି ମାଟିକୁ ଗୁଣ୍ଡ କରିବାକୁ ପଡ଼େ । ଚାଷ ସମୟରେ ମାଟିରୁ ସମସ୍ତ ଅନାବନା ଘାସ ବାଛି ବାହାର କରିଦେବା ଦରକାର । ଷ୍ଟାଇଲୋ ଫସଲ ସବୁ ମୃତ୍ତିକାରେ ଚାଷ କରିହେବ । ଢାଲୁ ବା ଗଡ଼ାଣିଆ ଜମିରେ ମଞ୍ଜି ବୁଣିବା ପୂର୍ବରୁ ଜମିକୁ ଛୋଟ ଛୋଟ ପଟିରେ ଭାଗ କରିବା ଆବଶ୍ୟକ।



**ଖତ ସାର :** ସବୁଦିନିଆ ଘାସ ଫସଲ ଜମିରେ ୪–୫ ବର୍ଷ ପର୍ଯ୍ୟନ୍ତ ରହୁଥିବାରୁ ଅଧିକ ଖତସାରର ଆବଶ୍ୟକ ହୋଇଥାଏ । ମନ୍ଦାଗୁଡ଼ିକ ବା ଜମିରେ ଏକର ପିଛା ୧୦।୧୨ ଶଗଡ଼ ବା ୪ ଟ୍ରାକ୍ଟର ଟ୍ରଲି ଗୋବର ଖତ ବା କମ୍ପୋଷ୍ଟ ଦିଆଯାଏ । ଏଥିସହିତ ଏକର ପ୍ରତି ୧୦୦ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୧୫ କି.ଗ୍ରା. ପଟାସ ସାର ଦେବାକୁ ପଡ଼ିଥାଏ । ପ୍ରଥମ ଲଗାଇବାର ୩୦ ଦିନ ମଧ୍ୟରେ ଓ ପ୍ରତିଥର ଘାସ ଫସଲ ଅମଳ କରି ନେଲାପରେ ଏକର ପିଛା ୫୦ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରାଯାଏ । ଗୁହାଳର ଆବର୍ଜନା ମିଶା ପାଣି ଓ ଗୋମୂତ୍ର ପାରାଘାସ କିଆରିରେ ଛାଡ଼ିଦେଲେ ପାରା ଫସଲ ଭଲ ହୁଏ । ଅନ୍ୟାନ୍ୟ ସବୁଜ ଗୋଖାଦ୍ୟ ଫସଲ ଯଥା – ମକା, ବାଜରା, ଜୁଆର ଇତ୍ୟାଦି ପାଇଁ ୫ ରୁ ୧୦ ଶଗଡ଼ ଗୋବର ଖତ ଦରକାର । ଚାଷ ପୂର୍ବରୁ ଏହାକୁ ବିଛାଇ ଜମି ଚାଷ କରାଯାଏ। ମଞ୍ଜି ବୁଣିବା ପୂର୍ବରୁ ୬୦ କି.ଗ୍ରା. ଆମୋନିୟମ୍ ସଲ୍‌ଫେଟ୍ ବ୍ୟବହାର କରିବା ଆବଶ୍ୟକ । ଗଛର ଉଚ୍ଚତା ଆଣ୍ଠୁଏ ବା ୩ ସପ୍ତାହ ହୋଇଗଲେ ଆଉ ୬୦ କି.ଗ୍ରା. ଆମୋନିୟମ୍ ସଲ୍‌ଫେଟ୍ ସାର ଏକର ପିଛା ଜମିରେ ପକାନ୍ତୁ । ବରଗୁଡ଼ି, ଗୁଆଁର ଆଦି ବୁଣିବା ପୂର୍ବରୁ ୫ ଶଗଡ଼ ଗୋବରଖତ ଓ ୨୫ କି.ଗ୍ରା. ଆମୋନିୟମ ସଲ୍‌ଫେଟ୍ ସାର ଏକର ପିଛା ଜମିରେ ପ୍ରୟୋଗ କରନ୍ତୁ । ଷ୍ଟାଇଲୋ ଫସଲ ପାଇଁ ଏକର ପ୍ରତି ୧୦ ଗାଡ଼ି ଖତ, ୮ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ୍ ସାର ଶେଷ ଓଡ଼ ଚାଷ ବେଳେ ପ୍ରୟୋଗ କରନ୍ତୁ । ପ୍ରତିଥର ଫସଲ ଅମଳ କରିବା ପରେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଅଧିକ ଫସଲ ମିଳେ। (କ୍ରମଶଃ..)

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

# ତଳି ଘରା ସମ୍ପର୍କରେ...



ଏବେ ବର୍ଷାଦିନ। ତେଣୁ ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ। ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ୨ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିବେ, କାରଣ ସେହି ନାଳଦେଇ ବେଶି ବର୍ଷାହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନ କରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦–୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫–୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦–୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରିବେ । ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନ ଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

# କାଜୁ ଗଛ ଲଗାଉଥିଲେ..



ଚଳିତ (ଜୁଲାଇ) ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ଭେଙ୍ଗୁଏଲା ୧.୪ବିପିପି,ଭୁବନେଶ୍ୱର –୧,ଭିଆର୍‌ଇ–୨,ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତର ଅଞ୍ଚଳରେ ୬×୬ ଓ ଅନୁର୍ବର କ୍ଷୟପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ରୁ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ ,୬୦ଗ୍ରାମ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ।

# ବାଇଗଣର ଉନ୍ନତ କିସମ

ବାଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା – ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍ । ସଙ୍କର ଜାତୀୟ କିସମ ହିସାବରେ ଜେକେ–୮୦୩୧, ଜେକେ–୮୦୩୫, ତାରିଣୀ, ଅକ୍ଷିତା, ସୁଙ୍ଗ୍ରୋ–୧୩୨, ସୁଙ୍ଗ୍ରୋ–୩୮, ଭିଏନ୍‌ଆର୍–୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ ।



# ବୁମ୍‌ରାଙ୍କ ବୋଲିଂରେ ଇଂଲଣ୍ଡ ଧରାଶାୟୀ



ପ୍ଲେୟର ଅଫ୍ ଦି ମ୍ୟାଚ ଯଶପ୍ରୀତ୍ ବୁମ୍‌ରା।

### ଏକଦିବସୀୟ ରେକର୍ଡ

**ଭାରତର ଶ୍ରେଷ୍ଠ ବୋଲିଂ ଫିଗର**

୬/୪: ଷ୍ଟୁଆର୍ଟ ବିନି ବନାମ ବାଂଲାଦେଶ, ମୀରପୁର, ୨୦୧୪
୬/୧୨: ଅନିଲ କୁମ୍ବଲେ ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୯୩
୬/୧୯: ଯଶପ୍ରୀତ୍ ବୁମ୍‌ରା ବନାମ ଇଂଲଣ୍ଡ, ଦି ଓଭାଲ, ୨୦୨୨
୬/୨୩: ଆଶିଷ ନେହେରା ବନାମ ଇଂଲଣ୍ଡ, ଡର୍ବାନ, ୨୦୦୩
୬/୨୫: କୁଲଦୀପ ଯାଦବ ବନାମ ଇଂଲଣ୍ଡ, ନଟିଂହାମ, ୨୦୧୮

**ଇଂଲଣ୍ଡରେ ଶ୍ରେଷ୍ଠ ବୋଲିଂ**

୭/୩୬: ୱାକର ୟୁନୁସ (ପାକିସ୍ତାନ) ବନାମ ଇଂଲଣ୍ଡ, ଲୀଡ୍ସ, ୨୦୦୧
୭/୫୧: ୱିନଷ୍ଟନ ଡେଭିସ (ୱେଷ୍ଟଇଣ୍ଡିଜ) ବନାମ ଅଷ୍ଟ୍ରେଲିଆ, ଲୀଡ୍ସ, ୧୯୮୩
୬/୧୪: ଗ୍ୟାରୀ ଗ୍ଲିମର (ଅଷ୍ଟ୍ରେଲିଆ), ବନାମ ଇଂଲଣ୍ଡ, ଲୀଡ୍ସ, ୧୯୭୫
୬/୧୯: ଯଶପ୍ରୀତ୍ ବୁମ୍‌ରା (ଭାରତ) ବନାମ ଇଂଲଣ୍ଡ, ଦି ଓଭାଲ, ୨୦୨୨

**ଭାରତୀୟ ଦ୍ରୁତ ବୋଲରଙ୍କୁ ୧୦ ଉଇକେଟ**

ବନାମ ଅଷ୍ଟ୍ରେଲିଆ, ଚେମ୍ସଫୋର୍ଡ, ୧୯୮୩
ବନାମ ୱେଷ୍ଟଇଣ୍ଡିଜ, ଲର୍ଡ୍ସ, ୧୯୮୩
ବନାମ ପାକିସ୍ତାନ, ଟରଣ୍ଟୋ, ୧୯୮୭
ବନାମ ଶ୍ରୀଲଙ୍କା, ଜୋହାନ୍ସବର୍ଗ, ୨୦୦୩
ବନାମ ବାଂଲାଦେଶ, ମୀରପୁର, ୨୦୧୪
ବନାମ ଇଂଲଣ୍ଡ, ଦି ଓଭାଲ, ୨୦୨୨
(ପ୍ରଥମେ ବୋଲିଂ କରି ଦ୍ରୁତ ବୋଲରମାନେ ୧୦ ଉଇକେଟ ନେବା ଭାରତ ପାଇଁ ପ୍ରଥମ)

**ଲଣ୍ଡନ, ୧୨।୭**

ଟିମ୍ ଇଣ୍ଡିଆ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂରେ ଧରାଶାୟୀ ହୋଇଛି ଇଂଲଣ୍ଡ। ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ ସବୁଥିରେ ପ୍ରଭାବୀ ପ୍ରଦର୍ଶନ କରି ୧୦ ଉଇକେଟରେ ବିଜୟ ହାସଲ କରିଛି ଭାରତ। ମଙ୍ଗଳବାର ଅନୁଷ୍ଠିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଇଂଲଣ୍ଡକୁ ପରାଜୟ ସ୍ୱାଦ ଚଖାଇ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି ରୋହିତ ଶର୍ମାଙ୍କ ଦଳ। ବୁମ୍‌ରା ଏବଂ ମହମ୍ମଦ ଶାମିଙ୍କ ବୋଲିଂକୁ ମୁକାବିଲା କରି ନ ପାରି ଇଂଲଣ୍ଡ ୨୫.୨ ଓଭରରେ ମାତ୍ର ୧୧୦ ରନକରି ଅଲ୍‌ଆଉଟ ହୋଇଥିଲା। ୧୧୧ ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୮.୪ ଓଭରରେ କୌଣସି ଉଇକେଟ ନ ହରାଇ ୧୧୪ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ରୋହିତ ଶର୍ମା ୫୮ ବଲ୍‌ରୁ ୭୬ (୭ ଚୌକା, ୫ ଛକା) ଓ ଶିଖର ଧାୱନ ୫୪ ବଲ୍‌ରୁ ୩୧ (୪ ଚୌକା) ରନକରି ଅପରାଜିତ ରହିଥିଲେ। ଇଂଲଣ୍ଡ ୬ ବୋଲରଙ୍କୁ ବ୍ୟବହାର କରିଥିଲେ ହେଁ ଏ ଦୁଇ ବ୍ୟାଟରଙ୍କ ଉପରେ ଅଙ୍କୁଶ ଲଗାଇପାରି ନ ଥିଲା। ରୋହିତ-ଧାୱନଙ୍କର ଏହାଥିଲା ୧୮ଶ ଶତକୀୟ ଭାଗୀଦାରି।

**ଭାରତ ବିପକ୍ଷରେ ଇଂଲଣ୍ଡର ସର୍ବନିମ୍ନ**

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଅଧିନାୟକ ରୋହିତ ଶର୍ମା। ନିଜ ପ୍ରଥମ ଓଭରରେ ହିଁ ଘାତକ ସାବ୍ୟସ୍ତ ହୋଇଥିଲେ ବୁମ୍‌ରା। ଖାତା ଖୋଲିବା ପୂର୍ବରୁ ଜାସନ ରୟଙ୍କୁ କ୍ଲିନ୍ ବୋଲ୍ଡ କରି ଯେ ଆରମ୍ଭ କରିଥିବା ଅଭିଯାନ ଡାଭିଡ ୱିଲିଙ୍କ ପାଖରେ ଶେଷ ହୋଇଥିଲା। ଏହା ମଧ୍ୟରେ ସେ ଜୋ ରୁଟ୍ (୦), ଜନି ବେୟାରଷ୍ଟୋ (୭), ଲିଆମ ଲିଭିଂଷ୍ଟୋନ (୦) ଓ ବ୍ରିଡନ କର୍ସ (୧୫)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଏମାନଙ୍କ ମଧ୍ୟରେ ୱିଲି ସର୍ବାଧିକ ୨୧ (୨୬ ବଲ, ୩ ଚୌକା) ରନ କରିଥିଲେ। ମାତ୍ର ୧୯ ରନ ଦେଇ ୬ଟି ଉଇକେଟ ନେଇଥିଲେ ଭାରତର ଏହି ଷ୍ଟ୍ରାଇକ୍ ବୋଲର। ଏହାଥିଲା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସଫଳତା। ମହମ୍ମଦ ଶାମି ମଧ୍ୟ ବିଶେଷ ପଛରେ ରହି ନ ଥିଲେ। ସେ ବେନ୍ ଷ୍ଟୋକ୍ସ, ଅଧିନାୟକ ଜୋସ ବଟଲର ଓ କ୍ରେଗ୍ ଓଭର୍ଟନଙ୍କୁ ଆଉଟ କରିଥିଲେ। ଦୁଇ ପେସର ଇଂଲଣ୍ଡ ଇନିଂସକୁ ତାସ୍ ଘରଭଳି ଭୁଶୁଡ଼ାଇ ଦେଇଥିଲେ। ବଟଲର ଦଳ ପକ୍ଷରୁ ସର୍ବାଧିକ ୩୦ (୩୨ ବଲ, ୬ ଚୌକା ) ରନ କରିଥିଲେ। ଷ୍ଟୋକ୍ସ ଖାତା ଖୋଲିପାରି ନ ଥିବାବେଳେ ଓଭର୍ଟନ ୮ ରନ କରିବାକୁ ସକ୍ଷମ ହୋଇଥିଲେ। ଅବଶିଷ୍ଟ ଗୋଟିଏ ଉଇକେଟ ଭାବେ ମୋଇନ୍ ଅଲୀ (୧୪)ଙ୍କୁ ଆଉଟ କରିଥିଲେ ଅନ୍ୟତମ ପେସର ପ୍ରସିଦ୍ଧ କ୍ରିଷ୍ଣା। ଅର୍ଥାତ୍ ଭାରତୀୟ ଦ୍ରୁତ ବୋଲରମାନେ ୧୦ଟି ଯାକ ଉଇକେଟ ନେବାର ଗୌରବ ପାଇଥିଲେ। ଘରୋଇ ଇଂଲଣ୍ଡର ୪ ଜଣ ଶୀର୍ଷସ୍ଥାନୀୟ ବ୍ୟାଟର ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଥିଲେ। ଇଂଲଣ୍ଡ ଇନିଂସ ୨୫.୨ ଓଭରରେ ୧୧୦ ରନରେ ଶେଷ ହୋଇ ଯାଇଥିଲା। ଶାମି ୩୧ ରନରେ ୩ଟି ଓ ପ୍ରସିଦ୍ଧ ୨୬ ରନରେ ଗୋଟିଏ ଉଇକେଟ ନେଇଥିଲେ। ଦିନିକିଆ କ୍ରିକେଟରେ ଭାରତ ବିପକ୍ଷରେ ଇଂଲଣ୍ଡର ଏହା ହେଉଛି ସର୍ବନିମ୍ନ ସ୍କୋର। ପୂର୍ବରୁ ୨୦୦୬ରେ ଜୟପୁରଠାରେ ଇଂଲଣ୍ଡ କରିଥିବା ୧୨୫ ରନ ସର୍ବନିମ୍ନ ଥିଲା। ସ୍ପିନର ୟୁଜବେନ୍ଦ୍ର ଚହଲ ମାତ୍ର ୨ ଓଭର ଏବଂ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୪ ଓଭର ବୋଲିଂ କରିବା ସୁଯୋଗ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୫.୨ ଓଭରରେ ୧୧୦/ଅଲ୍‌ଆଉଟ( ଜୋସ ବଟଲର-୩୦, ଡାଭିଡ ୱିଲି-୨୧, ଯଶପ୍ରୀତ୍ ବୁମ୍‌ରା-୬/୧୯, ମହମ୍ମଦ ଶାମି-୩/୩୧, ପ୍ରସିଦ୍ଧ କ୍ରିଷ୍ଣା-୧/୨୬)। ଭାରତ ୧୮.୪ ଓଭରରେ ୧୧୪/୦ (ରୋହିତ ଶର୍ମା-୭୬*, ଶିଖର ଧାୱନ-୩୧*)।

## ଦିନିକିଆରେ ଭାରତର ୧୦ ଉଇକେଟ ବିଜୟ

- ୧୨୩/୦: ବନାମ ଇଷ୍ଟ ଆଫ୍ରିକା, ଲୀଡ୍ସ, ୧୯୭୫
- ୯୭/୦: ବନାମ ଶ୍ରୀଲଙ୍କା, ଶାରଜା, ୧୯୮୪
- ୧୧୬/୦: ବନାମ ୱେଷ୍ଟଇଣ୍ଡିଜ, ପୋର୍ଟ ଅଫ୍ ସ୍ପେନ, ୧୯୮୭
- ୧୯୭/୦: ବନାମ ଜିମ୍ବାୱେ, ଶାରଜା, ୧୯୯୮
- ୯୧/୦: ବନାମ କେନିୟା, ବ୍ଲୋଏମ୍‌ଫୋଣ୍ଟେନ, ୨୦୦୧
- ୧୨୬/୦: ବନାମ ଜିମ୍ବାୱେ, ହରାରେ, ୨୦୧୬
- ୧୧୪/୦: ବନାମ ଇଂଲଣ୍ଡ, ଦି ଓଭାଲ, ୨୦୨୨

(ଘରୋଇ ପରିବେଶରେ ଇଂଲଣ୍ଡ ପ୍ରଥମଥରପାଇଁ ଦିନିକିଆରେ ୧୦ ଉଇକେଟରେ ହାରିଲା)।

## ଭାରତ ପାଇଁ ପଦକ ପକ୍କା କଲେ ମେହୁଲି-ଶାହୁ

**ଚାଙ୍ଗଓନ୍, ୧୨।୭ (ପି.ଟି.):** ଶୁଟିଂ ବିଶ୍ୱକପ୍‌ର ୪ର୍ଥ ଦିବସରେ ମିକ୍ସଡ ଟିମ୍ ଯୋଡ଼ି ମେହୁଲି ଘୋଷ ଓ ଶାହୁ ତୁଷାର ମାନେ ଭାରତ ପାଇଁ ଦ୍ୱିତୀୟ ପଦକ ପକ୍କା କରିଛନ୍ତି। ହଙ୍ଗେରୀ ବିପକ୍ଷରେ ସେମାନେ ସ୍ୱର୍ଣ୍ଣପଦକ ମ୍ୟାଚ ଖେଳିବେ। ଫର୍ମରେ ରହିଥିବା ମେହୁଲି ଓ ଶାହୁ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ କ୍ୱାଲିଫିକେଶନରେ ୬୦ ଶଟ୍ ପରେ ୬୩୪.୪ ପଏଣ୍ଟ ସ୍କୋର କରି ଶକ୍ତିଶାଳୀ ହଙ୍ଗେରିଆନ ଯୋଡ଼ି ଇସ୍ତଭାନ ପେନି ଓ ଇଜରମେଜାରସ (୬୩୦.୩) ଯୋଡ଼ିଙ୍କଠାରୁ ଆଗରେ ପ୍ରଥମ ସ୍ଥାନରେ ରହିଥିଲେ। ବୁଧବାର ଭାରତ ଓ ହଙ୍ଗେରୀ ମଧ୍ୟରେ ସ୍ୱର୍ଣ୍ଣ ପଦକ ପାଇଁ ମୁକାବିଲା ହେବ। ଅନ୍ୟପକ୍ଷରେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଶିବ ଓ ପଲକ ୫୭୪ ପଏଣ୍ଟ ସହ ବ୍ରୋଞ୍ଜ ପଦକ ମ୍ୟାଚ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଶିବ ଓ ପଲକ ୫୭୯ ସ୍କୋର କରିଥିବା ଆନ୍ନା କୋରାକାକି ଓ ଡିନିସିଓସ କୋରାକାକିସ୍‌ଙ୍କ ପଛରେ ରହିଥିଲେ। ଅଲିମ୍ପିକ ଚାମ୍ପିୟନ ସର୍ବିୟାର ଜୋରାନା ଅରୁନୋଭିଚ୍ ଓ ଦାମିର ୫୮୪ ପଏଣ୍ଟ ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ବ୍ରୋଞ୍ଜ ପଦକ ପ୍ଲେଅଫ୍‌ରେ ଭାରତ କାଜାଖସ୍ତାନକୁ ଭେଟିବ। ଅନ୍ୟ ଦୁଇ ଭାରତୀୟ ଯୋଡ଼ି ଯଥା ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍‌ରେ ନବୀନ ଓରିଦିମ ସାଙ୍ଗୱାନ ଏବଂ ରାଇଫଲରେ ଅର୍ଜୁନ ବବୁତା ଓ ଇଲାଭେନିଲ ଭାଲାରିଭାନ୍ ଟିମ୍ ଯଥାକ୍ରମେ ୫୭୦ ଓ ୬୨୭.୮ ସ୍କୋର କରି ୮ମ ସ୍ଥାନ ଅଧିକାର କରିବାରୁ ପଦକ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ସଂକ୍ଷେପରେ

### ତାମିଲନାଡୁରୁ ଅପହୃତା ନାବାଳିକା ଉଦ୍ଧାର

**ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.):** ଖଣ୍ଡପଡା ଥାନା ଅଧୀନ ସିଂଘାପଡା ଅଞ୍ଚଳରୁ ଗତ ୧ମାସ ତଳେ ଅପହୃତା ଜଣେ ନାବାଳିକାଙ୍କୁ ଖଣ୍ଡପଡ଼ା ପୋଲିସ ତାମିଲନାଡୁରୁ ସୋମବାର ଉଦ୍ଧାର କରିଛି । ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇଯାଇଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଗତ ଜୁନ ୭ ରାତିରେ ଉକ୍ତ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ସ୍ଥାନୀୟ ଅଞ୍ଚଳର ଜଳଧର ନାମକ ଜଣେ ଯୁବକ ଅପହରଣ କରି ନେଇଥିବା ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଥିଲା। ସେହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୫୪/୨୨) ମାମଲା ରୁଜୁ କରିଥିଲା । ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହିଙ୍କ ନିର୍ଦ୍ଦେଶରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ତାମିଲନାଡୁରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି । ଉଦ୍ଧାର ନାବାଳିକାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ଶ୍ରଦ୍ଧା ନାୟକ କହିଛନ୍ତି ।

### ଡେଙ୍ଗୁ ରୋଗୀ ଚିହ୍ନଟ ପରେ ତତ୍ପରତା

**ଭାପୁର,୧୨।୭(ଡି.ଏନ.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗ୍ରାମରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହେଇଛନ୍ତି । ସମ୍ପୃକ୍ତ ଯୁବକ କିଛିଦିନ ତଳେ ଅସୁସ୍ଥ ହୋଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଜ୍ୱର ନ କମିବାରୁ ଭୁବନେଶ୍ୱର ଏମ୍ସରେ ତାଙ୍କର ରକ୍ତ ନମୁନା ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇଥିଲା । ଗତ ୭ ତାରିଖରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା । ଏ କଥା ଜଣାପଡିବା ପରେ ସୁନାଖଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲକ୍ଷ୍ମୀପ୍ରିୟା ବେହେରା ,ସୁନାଖଳା ଅଙ୍ଗନୱାଡିକର୍ମୀ ମମତା ପ୍ରଧାନ ଓ ଆଶାକର୍ମୀ ଜାହାଜ ଜେନା ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ତାଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ । ସୁନାଖଳା ଓ ନୂଆସାହିରେ ଏହି କର୍ମୀମାନେ ଘରକୁ ଘର ବୁଲି ସମସ୍ତଙ୍କୁ ସଚେତନତା କରିଥିଲେ ।

### ଅଙ୍ଗନୱାଡି ଘର କାମ ସରୁନି

**ଭାପୁର,୧୨।୭(ଡି.ଏନ.ଏ.):** ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମରେ ଅଙ୍ଗନୱାଡି ଗୃହ ପୂର୍ଣ୍ଣାଙ୍ଗ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଗତ ଆର୍ଥିକ ବର୍ଷରେ ଗ୍ରାମରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ପଞ୍ଚାୟତ ସମିତିରୁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ହେଲେ ସମସ୍ତ ବିଲ୍ ହୋଇଯାଇ ଥିଲେ ମଧ ଆଜି ପର୍ଯ୍ୟନ୍ତ ଗୃହ ନିର୍ମାଣ ଶେଷ ହୋଇ ପାରିଲା ନାହିଁ । କୁନି ପିଲାମାନେ ଗ୍ରାମର କ୍ଲବ ଘରେ ବସି ପାଠପଢୁଛନ୍ତି । ଠିକାଦାର ସମସ୍ତ ବିଲ୍ ନେଇ ସାରିଥିଲେ ମଧ ଅଙ୍ଗନୱାଡ଼ି ଗୃହରେ କବାଟ, ଝରକା କିମ୍ବା ଚଟାଣ ହୋଇନାହିଁ ।
ଗ୍ରାମବାସୀ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସାହୁଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ତୁରନ୍ତ ଅଙ୍ଗନୱାଡି ଗୃହ ପୂର୍ଣ୍ଣାଙ୍ଗ କରିବା ପାଇଁ ଦାବି ହୋଇଛି ।

# ନିର୍ମାଣ ଶ୍ରମିକଙ୍କ ସଂଖ୍ୟାକୁ ନେଇ ବିବାଦ

- ୨୦୧୭ର ଆବେଦନକାରୀଙ୍କ ସଂଖ୍ୟା ମିଳୁନି
- ଲେବର କମିଶନ,୨ଜିଲା ଶ୍ରମ ଅଧିକାରୀଙ୍କ ସଂଖ୍ୟା ଭିନ୍ନ
- ଲୋକାୟୁକ୍ତଙ୍କ ଛାଟ ପରେ ଗୁମର ଖୋଲିଲା
- ଜାଲିଆତି ହୋଇଥିବା ସ୍ୱୀକାର କଲେ ଜିଲା ଶ୍ରମ ଅଧିକାରୀ

**ନୟାଗଡ଼ ଅଫିସ,୧୨।୭**

ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ ପାଇଁ ୨୦୧୭ରେ ନୟାଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ହେଲେ ସ୍ୱତନ୍ତ୍ର କ୍ୟାମ୍ପରେ କେତେଜଣ ନିର୍ମାଣ ଶ୍ରମିକ ଆବେଦନ କରିଥିଲେ ସେନେଇ ୫ ବର୍ଷ ଭିତରେ ତଥ୍ୟ ମିଳୁନି । ଆବେଦନକାରୀଙ୍କ ସଂଖ୍ୟା ଉପରେ ୨ ଜିଲା ଶ୍ରମ ଅଧିକାରୀ ଭିନ୍ନ ଭିନ୍ନ ତଥ୍ୟ ଦେଇଥିବାବେଳେ ଲେବର କମିଶନ ମଧ ଅଲଗା ସଂଖ୍ୟା ଦେଖାଇଛନ୍ତି । ଏ ପରିପ୍ରେକ୍ଷୀରେ ୨ ଜିଲା ଶ୍ରମ ଅଧିକାରୀ ଓ ଲେବର କମିଶନଙ୍କ ତଥ୍ୟକୁ ଅନୁଧ୍ୟାନ କଲେ ଜାଲିଆତି ହୋଇଥିବା ସ୍ପଷ୍ଟ ହୋଇଛି । ପୁଣି ଜିଲା ଶ୍ରମ ଅଧିକାରୀ ଲୋକାୟୁକ୍ତରେ ଜାଲିଆତି ହୋଇଥିବା ସ୍ୱୀକାର କରିଛନ୍ତି । ଲୋକାୟୁକ୍ତଙ୍କ ଛାଟ ବାଜିବା ପରେ ଦୁର୍ନୀତିର ଗୁମର ଫିଟିଛି । ଏହାପରେ ନିର୍ମାଣ ଶ୍ରମିକମାନେ ଅନ୍‌ଲାଇନରେ ଆବେଦନ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଅଞ୍ଚଳର ଜିତେନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତି ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବା ପାଇଁ ୨୦୧୭ରେ ସ୍ୱତନ୍ତ୍ର କ୍ୟାମ୍ପରେ ବିଫଳ ହୋଇଥିଲେ । ପରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ ହେଁ ତାଙ୍କ ଦରଖାସ୍ତକୁ ଫେରାଇ ଦିଆଯାଇଥିଲା । ପୂର୍ବରୁ ୧୭ ହଜାର ଆବେଦନ ପତ୍ର କ୍ୟାମ୍ପ ମାଧ୍ୟମରେ ଗ୍ରହଣ କରାଯାଇ ପଡି ରହିଛି ବୋଲି କୁହାଯାଇଥିଲା । ଏଣୁ ନୂଆ ଆବେଦନ କାହାଠାରୁ ଗ୍ରହଣ କରାଯାଉ ନାହିଁ । ୬ମାସ ପରେ ନୂଆ ଆବେଦନ ଗ୍ରହଣ କରିବାକୁ ଥିବାରୁ ସେ ସମୟରେ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା । ୨ ବର୍ଷ ପରେ ଜିତେନ୍ଦ୍ର ପୁଣି ଆବେଦନ ପାଇଁ ଆସି ଫେରିବାକୁ ପଡିଲା । ପୁଣି ୨୦୨୧ରେ ପୁନଃ ଆବେଦନ ପାଇଁ ସେ ଆସିବାବେଳେ ଶୁଣିବାକୁ ପାଇଲେ ଆବେଦନ ପତ୍ର ଗଣତି ହୋଇ ୨୧ ହଜାର ୮୪୪ରେ ପହଞ୍ଚିଛି । ସେତେବେଳେ ଜିତେନ୍ଦ୍ର ପ୍ରଶ୍ନ କରିଥିଲେ ନୂଆ ଦରଖାସ୍ତ ଗ୍ରହଣ କରାଯାଉ ନ ଥିବା ବେଳେ ଜିଲା ଶ୍ରମ କାର୍ଯ୍ୟାଳୟରେ ଆବେଦନ ପତ୍ର ସଂଖ୍ୟା ୪ ବର୍ଷରେ କିପରି ବୃଦ୍ଧି ପାଇଲା । ହେଲେ ଜିଲା ଶ୍ରମ ଅଧିକାରୀ ଅଥବା କାର୍ଯ୍ୟାଳୟର କେହି ହେଲେବି ସନ୍ତୋଷଜନକ ଉତ୍ତର ନ ଦେଇ ଏଡାଇ ଯାଇଥିଲେ । ଏଣୁ ଜିତେନ୍ଦ୍ର ନିର୍ମାଣ ଶ୍ରମିକଙ୍କ ଆବେଦନ ପତ୍ରରେ ହୋଇଥିବା ଜାଲିଆତି ନେଇ ୨୦୨୧ରେ ଲୋକାୟୁକ୍ତରେ ଫେରାଦ୍ ହୋଇଥିଲେ। ଲୋକାୟୁକ୍ତ ଜିତେନ୍ଦ୍ରଙ୍କ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା(ନଂ.ଏଲ ୱାଇ/୭୮୬/୨୦୨୧) ରୁଜୁ କରିଥିଲେ। ସେହି ମାମଲା ବେଞ୍ଚ ନଂ.୨ରେ ବିଚାର ପାଇଁ ଗ୍ରହଣ କରାଯାଇଥିଲା ।

ଜିଲାପାଳ, ଜିଲା ଶ୍ରମ ଅଧିକାରୀ, ରାଜ୍ୟ ଶ୍ରମ କମିଶନରଙ୍କୁ ପକ୍ଷ ଭୁକ୍ତ କରାଯାଇ ନୋଟିସ୍ କରାଯାଇଥିଲା । ସାକ୍ଷ୍ୟ, ପ୍ରମାଣ ପରେ ନିର୍ମାଣ ଶ୍ରମିକଙ୍କ ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ କରାଯାଉ ବୋଲି ଲୋକାୟୁକ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏବେ ନିର୍ମାଣ ଶ୍ରମିକଙ୍କ ସଂଖ୍ୟାକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ଆସିଛି । ପୂର୍ବତନ ଜିଲା ଶ୍ରମ ଅଧିକାରୀ ପି.କେ. ସିଂଙ୍କ ସୂଚନା ଅନୁସାରେ ଜିଲାରେ ୨୦୧୭ ସ୍ୱତନ୍ତ୍ର କ୍ୟାମ୍ପରେ ୨୦ ହଜାର ୭୬୮ ଜଣ ନିର୍ମାଣ ଶ୍ରମିକ ଆବେଦନ ପତ୍ର ଦାଖଲ କରିଥିଲେ ବୋଲି ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ୩୦।୭। ୨୦୧୮ରେ ଜିଲାପାଳଙ୍କୁ ପତ୍ରାଙ୍କ ସଂଖ୍ୟା ୧୧୭୯/୩୦/୭୨୦୧୮ରେ ଜଣାଇଥିଲେ । ଲେବର କମିଶନରଙ୍କ ଚିଠି ସଂଖ୍ୟା ୫୭୪/ଓବିଓସିଡବ୍ଲ୍ୟୁ ଡବ୍ଲ୍ୟୁ ବି ଅଫ୍ ଭୁବନେଶ୍ୱର ତାରିଖ ୧୯।୫।୨୦୨୨ ଅନୁଯାୟୀ ନୟାଗଡ଼ ଜିଲାରେ ପଡି ରହିଥିବା ଆବେଦନ ପତ୍ର ସଂଖ୍ୟା ୧୭ ହଜାର ୩୭୦ । ତେବେ ୭।୪।୨୦୨୨ ସୁଦ୍ଧା ଜିଲା ଶ୍ରମ ଅଧିକାରୀ ପ୍ରଜ୍ଞା ପରମିତା ମିଶ୍ରଙ୍କ ତଥ୍ୟ ଅନୁସାରେ ଜିଲାରେ ୨୧ ହଜାର ୮୪୪ ନିର୍ମାଣ ଶ୍ରମିକ ପାଇଁ ୨୦୧୭ରେ ଆବେଦନ କରିଥିଲେ । ଅନ୍ୟପକ୍ଷେ ଲୋକାୟୁକ୍ତଙ୍କୁ ଜିଲା ଶ୍ରମଅଧିକାରୀ ମିଶ୍ର ପ୍ରଦାନ କରିଥିବା କାରଣଦର୍ଶାଅ ନୋଟିସରେ ପଡି ରହିଥିବା ଆବେଦନ ପତ୍ରରୁ ବହୁ ଆବେଦନକାରୀଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବାରୁ ସେମାନେ ବାଦ୍ ପଡିଲେ ବୋଲି ଦର୍ଶା ଯାଇଛି। ସେହିପରି ଅଧିକାଂଶ ଆବେଦନକାରୀ ନିର୍ମାଣ ଶ୍ରମିକଙ୍କ ଇତିମଧ୍ୟରେ ମୃତ୍ୟୁ ଘଟିଛି । ଅନ୍ୟପକ୍ଷେ ଅଧିକାଂଶ ଆବେଦନକାରୀ ଭିନ୍ନ ଭିନ୍ନ ବୃତ୍ତିରେ ନିୟୋଜିତ ହୋଇ ସାରିଛନ୍ତି । ପୁଣି ବହୁ ଦରଖାସ୍ତକାରୀ ଅଯୋଗ୍ୟ ଓ ଫେକ୍ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି । ପୁଣି ବହୁ ଦରଖାସ୍ତରେ ଫଟୋ ଲାଗିନି, କେତେକ ଆବେଦନ ପତ୍ରରେ ଫଟୋ ଲାଗିଛି କିନ୍ତୁ ଆଟେଷ୍ଟେଡ ହୋଇନି, ନୋମିନୀ ଫର୍ମରେ ଦସ୍ତଖତ ନାହିଁ, ବ୍ୟାଙ୍କ ପାସ୍ ବୁକ୍ ନଂ. ଓ ଆଇଏଫ୍‌ଓ କୋର୍ଡ ଠିକ ଦେଇ ନାହାନ୍ତି, ସେହିଭଳି ପଞ୍ଚାୟତର ଠିକଣା ନାହିଁ । ୨୦ ଟଙ୍କା ରେଜେଷ୍ଟ୍ରେଶନ ଫି ନାହିଁ ଓ ଆବେଦନପତ୍ରରେ ସେଲଫ୍ ଆଟେଷ୍ଟେଡ ନାହିଁ ବୋଲି ଦର୍ଶାଇଛନ୍ତି ।

ଏନେଇ ନିର୍ମାଣ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ବାସୁଦେବ ମହାନ୍ତି କୁହନ୍ତି, ୨୦୧୭ରେ କେତେଜଣ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବା ପାଇଁ ଆବେଦନ କରିଥିଲେ ସେ ନେଇ ଠିକ୍ ତଥ୍ୟ ମିଳୁନି । ରିପୋର୍ଟ ନାହିଁ କହି ଆରଟିଆଇରେ ତଥ୍ୟ ଦେଉ ନାହାନ୍ତି । ୨ ଜିଲା ଶ୍ରମ ଅଧିକାରୀ ଓ ଲେବର କମିଶନଙ୍କ ରିପୋର୍ଟ ଦେଖିଲେ ଅନିୟମିତତା ବାରି ହୋଇ ପଡୁଛି । ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ଜିଲା ଶ୍ରମ ଅଧିକାରୀ ମିଶ୍ର କୁହନ୍ତି, ନିର୍ମାଣ ଶ୍ରମିକ ଆବେଦନପତ୍ର କାର୍ଯ୍ୟରେ ଜାଲିଆତି ହୋଇଛି । ଏଣୁ ସତ୍ୟକୁ ଲୋକାୟୁକ୍ତଙ୍କୁ ଜଣାଇବା ପରେ ନିର୍ମାଣ ଶ୍ରମିକଙ୍କ ପଞ୍ଜିକୃତ କାର୍ଯ୍ୟଠାରୁ ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ ହେବ ବୋଲି ନିର୍ଦ୍ଦେଶ ମିଳିଛି। ୨୦୧୭ରୁ ପଡି ରହିଥିବା ଆବେଦନ ପତ୍ର ଆଉ କାମରେ ଲାଗିବନି ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ନୂତନ ଡାକ ଘର ଖୋଲିବାକୁ ଦାବିପତ୍ର ପ୍ରଦାନ



**ଭାପୁର,୧୨।୭(ଡି.ଏନ.ଏ.)**

ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତରେ ନୂତନ ଡାକଘର ଖୋଲିବା ପାଇଁ ଦାବି ହୋଇଛି । ମଙ୍ଗଳବାର ଆଇନଜୀବୀ ତଥା ସାମାଜିକ କର୍ମୀ ଅଭିଳାଷ ପଣ୍ଡା କେନ୍ଦୁପଲି ପଞ୍ଚାୟତର ସରପଞ୍ଚ ତାରେଶ୍ୱର ମାଝି,ସମିତି ସଭ୍ୟ ଦୀପକ କୁମାର ଜେନାଙ୍କ ସମେତ ଦୁଇଶହରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲା ନିରୀକ୍ଷକ ଖଗେଶ୍ୱର ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। ଗତ ୬ ବର୍ଷ ଧରି କେନ୍ଦୁପଲ୍ଲୀ ନୂତନ ପଞ୍ଚାୟତ ଭାବେ ଗଠନ କରାଯାଇଛି । ପଥରଚକଡା ପଞ୍ଚାୟତରୁ କେନ୍ଦୁପଲ୍ଲୀ, ବାଉଁଶବାଟି ପଞ୍ଚାୟତ ମାରେଡ଼ା ଏବଂ ପଦ୍ମାବତୀ ପଞ୍ଚାୟତ ହନୁମନ୍ତ ପ୍ରସାଦ ପରି ୩ ମୌଜାକୁ ନେଇ ଗଠିତ ହୋଇଛି । ତେବେ ଆଜି ପର୍ଯ୍ୟନ୍ତ ଉକ୍ତ ମୌଜାର ଲୋକମାନେ ପୂର୍ବରୁ ରହିଥିବା ପୋଷ୍ଟ ଅଫିସ ଉପରେ ନିର୍ଭର କରୁଛନ୍ତି । କେନ୍ଦୁପଲି ପଞ୍ଚାୟତରେ ନୂଆ ପୋଷ୍ଟ ଅଫିସ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକମାନେ ଆଧାର କାର୍ଡ, ବ୍ୟାଙ୍କ, ରେଳ,ବସ ଟିକେଟ ବୁକିଂ ପରି ସେବା ପାଇ ପାରିବେ ବୋଲି ମତ ପ୍ରକାଶ ପାଇଛି ।

## କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର।

**ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ ପୁରାତନ ଛାତ୍ର ସଂସଦ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି । ଏ ଅବସରରେ ପ୍ରଭୁ ଶ୍ରୀ ଲଡୁକେଶ୍ୱର ଦେବଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ସହ ଅନୁଷ୍ଠାନ ପରିସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୁପେ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ହିନ୍ଦୀ ଶିକ୍ଷକ ଅର୍ଜୁନ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଏହିକାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ । ଅଜୟ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ପୀତବାସ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ପ୍ରାତଃ ସମୟରେ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକମାନେ ଏକ ମଶାଲ ଶୋଭାଯାତ୍ରାରେ କୁମ୍ଭାରପଡ଼ା ଗ୍ରାମ ପରିକ୍ରମା କରିଥିଲେ ।

## ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

**ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନୟାଗଡ଼ ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିବେ । ରକ୍ତଦାନ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ଖଣ୍ଡପଡ଼ା ଯୁବକ ସଂଘ ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମସ୍ତ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ରକ୍ତ ସଂଗ୍ରହ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଭିସାର ପଣ୍ଡା କହିଛନ୍ତି ।

## ପୁଣି ଜନ୍ମ ନିଅନ୍ତୁ ଦାସିଆ ଅଜା

**ନୟାଗଡ଼ ଅଫିସ,୧୨।୭**

ଦାସିଆ ଅଜାଙ୍କ ୧୧୫ ତମ ଜୟନ୍ତୀ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ପାଳିତ ହୋଇଯାଇଛି । ଜିଲାପାଳ କାର୍ଯ୍ୟାଳୟ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ପ୍ରତିମୂର୍ତ୍ତିକୁ ଧୂପ ଓ ଦୀପ ଦ୍ୱାରା ପୂଜା କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ଯୋଗ ଦେଇଥିବା ବକ୍ତାମାନେ ଦାସିଆ ଅଜାଙ୍କ ଉପରେ ବକ୍ତବ୍ୟ ରଖି ଏଭଳି ମହାପୁରୁଷ ନୟାଗଡ଼ ଜିଲାରେ ପୁଣି ଥରେ ଜନ୍ମ ନେବା ଉଚିତ ବୋଲି କହିଥିଲେ । ନିଜ ଗାଁ ଉଦୟପୁର ପାଇଁ ସେ ଗର୍ବ ଓ ଗୌରବ ଆଣି ପାରିଥିଲେ ବୋଲି ବକ୍ତାମାନେ କହିଥିଲେ ।

## ବର୍ଷାରେ ବିପଦ ସଙ୍କୁଳ ପାଲଟିଛି ସ୍ମାର୍ଟ ସ୍କୁଲ ରାସ୍ତା




ସ୍କୁଲ ରାସ୍ତାରେ ପଡିଥିବା ଟାଇଲି।

**ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର.)**

୫-ଟି ଯୋଜନାରେ ନୂଆ ରୂପ ପାଇଥିବା କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ଅସରାଏ ବର୍ଷାରେ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସଙ୍କୁଳ ହୋଇପଡିଛି । ବର୍ଷାପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ସ୍କୁଲ ପରିସରରେ ଜମା ହୋଇ ରହୁଛି । ଅଧିକ ବର୍ଷା ହେଲେ ସ୍କୁଲ ଭିତର ଜଳମଗ୍ନ ହେଉଛି । ଫଳରେ ସ୍କୁଲ ସଲଂଗ୍ନ ରାସ୍ତା ଛାତ୍ରୀଛାତ୍ର ତଥା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପାଇଁ ବିପଦଶଙ୍କୁଳ ପାଲଟିଛି ବୋଲି ଅଭିଯୋଗ ହୋଇଛି ।

୧୯୫୧ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ଗତ ବର୍ଷ ୫-ଟି ସ୍ମାର୍ଟ ସ୍କୁଲ ଯୋଜନାରେ ସାମିଲ ହୋଇଛି । ଗଣିଆ- ଫତେଗଡ ୪୮ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଏହି ନୋଡାଲ ବିଦ୍ୟାପୀଠରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩୧୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଉକ୍ତ ବିଦ୍ୟାଳୟର ମୁଖ୍ୟ ଫାଟକ ରାଜ୍ୟ ରାଜପଥଠାରୁ ନିମ୍ନ ଭାଗରେ ରହିଥିବା ବେଳେ ଉକ୍ତ ଗଡା(ରାସ୍ତା)ରେ ଟାଇଲ ବିଛାଯାଇ ରାସ୍ତା ନିର୍ମାଣ କରାଯାଇଛି । ରୁପାନ୍ତରିକରଣ ଯୋଜନାରେ ବିଦ୍ୟାଳୟଟି ମନୋଲୋଭା ହୋଇଥିବା ବେଳେ ବର୍ଷା ସମୟରେ ଉକ୍ତ ରାସ୍ତାରେ ଯାତାୟତ କରିବାକୁ ଭୟ ଲାଗୁଛି । ଟାଇଲି ଉପରେ ବର୍ଷା ଜଳ ପଡିବାରୁ ଗୋଡ଼ ଖସୁଛି । ସେହି ରାସ୍ତାରେ ପଡି କେତେଜଣ ଛାତ୍ରୀଛାତ୍ର ଆହାତ ହୋଇଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି ଏହାକୁ ସ୍ୱୀକାର କରିଛନ୍ତି । ରାସ୍ତାରେ ଟାଇଲି ପଡିଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ସେ କହିଛନ୍ତି । ଏ ସମସ୍ୟାର ପ୍ରତିକାର ପାଇଁ ସେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଦାସିଆ ଅଜାଙ୍କ ଜୟନ୍ତୀ ପାଳିତ

**ନୂଆଗାଁ,୧୨।୭(ଡି.ଏନ.ଏ.)**

ଓଡିଶା ପାଠାଗାର ଓ ସଂଗ୍ରହାଳୟର ପ୍ରବାଦ ପୁରୁଷ ତଥା ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ୧୧୫ ତମ ଜୟନ୍ତୀ ମଙ୍ଗଳବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଉଦୟପୁରଠାରେ ଦାଶରଥି ପାଠାଗାର, ସଂଗ୍ରହାଳୟ ପ୍ରତିଷ୍ଠା କରି ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଦାସିଆ ଅଜାଙ୍କ ନୟାଗଡ଼ କଚେରୀ ଛକସ୍ଥିତ ପ୍ରତିମୂର୍ତ୍ତିରେ ପାଠାଗାର, ସଂଗ୍ରାହାଳୟ ପକ୍ଷରୁ ଦାସିଆ ଅଜାଙ୍କ ନାତି ଦୀପକ କୁମାର ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପୂର୍ବାହ୍ନରେ କବି ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ନୟାଗଡ଼ର ସାହିତ୍ୟିକ, ଶିକ୍ଷାବିତ୍ , ସାମାଜିକ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅପରାହ୍ନରେ ଦାସିଆ ଅଜାଙ୍କ ସାଧନା ପୀଠ ଉଦୟପୁରଠାରେ ଦାସିଆ ଅଜା ଜୟନ୍ତୀ ପାଳନ କରାଯାଇଥିଲା ।



ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

ନାତି ତଥା ପ୍ରତିଷ୍ଠାନର ସମ୍ପାଦକ ଦୀପକ ପଟ୍ଟନାୟକ ସାଧନା ପୀଠ ପରିସରରେ ଥିବା ପ୍ରତିମୂର୍ତ୍ତି ଓ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ପ୍ରାର୍ଥନା ସଭା, ନାମ ସଂକୀର୍ତ୍ତନ, ଭାଗବତ ଓ ଗୀତା ପଠନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ନୂଆଗାଁ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା,ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ ।

## ଓଡିଶାର ବିସ୍ମୟ ପ୍ରତିଭା ଦାସିଆ ଅଜା

- ୯୦ ବର୍ଷ ବୟସରେ ବି ପଢୁଥିଲେ ଖବରକାଗଜ
- ଜାରି ରଖିଥିଲେ ନିଜର ସଂଗ୍ରାହକ ବୃତ୍ତି
- ୨୭ ବର୍ଷ ତଳର ଭିଡିଓ ବଖାଣୁଛି ବହୁ ବିରଳ ଦୃଶ୍ୟ

**ନୟାଗଡ଼ ଅଫିସ,୧୨।୭**

ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ସାରସ୍ୱତ ସାଧକ, ନିଷ୍ଠାପର ସମାଜସେବୀ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜା ଥିଲେ ଓଡିଶାର ବିସ୍ମୟ ପ୍ରତିଭା । ୯୦ ବର୍ଷ ବୟସରେ ବି ସେ ଖବରକାଗଜ ପଢୁଥିବା ବେଳେ ନିଜର ସଂଗ୍ରାହକ ବୃତ୍ତି ଜାରି ରଖିଥିଲେ । ୨୭ ବର୍ଷ ତଳର ଏକ ଭିଡିଓ ବଖାଣୁଛି ଦାସିଆ ଅଜାଙ୍କ ସେ ସମୟର ବିରଳ ଦୃଶ୍ୟ । ଏଥିରେ ଜବକାଚ ପକାଇ ସେ ଧରିତ୍ରୀ ପଢୁଥିବା ବେଳେ ଡାକ ଟିକେଟ ସଂଗ୍ରହ କରୁଥିବାର ଦୃଶ୍ୟ ରହିଛି । ୧୦ ପଇସାର ରାଜା ଦାସିଆ ଅଜା ଥିଲେ ଜଣେ ସାଧାରଣ ମଣିଷ । ତାଙ୍କର ସାଧାରଣ ବେଶ ପୋଷାକ ଦେଖିଲେ କେହି କହିବେନି ସେ ଥିଲେ ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ । ଏହି ମହନୀୟ ବ୍ୟକ୍ତିତ୍ୱ ମୁଠାଏ ମୁଢ଼ି ଓ କପେ ନାଲି ଚା ରେ ବେଶ ଖୁସି ରହୁଥିଲେ।




ଜବକାଚ ସହାୟତାରେ ଧରିତ୍ରୀ ପଢୁଛନ୍ତି ଦାସିଆ ଅଜା ।

ଦାଶିଆ ଅଜା ବାହାରକୁ ବାହାରିଲେ କାନ୍ଧରେ ଝୁଲାମଣି ସହିତ ହାତରେ ଶୋଭା ପାଉଥିଲା ଠେଙ୍ଗା । ନୂଆଗାଁ ବ୍ଲକର ଉଦୟପୁର ଗାଁର ଏହି ବ୍ୟକ୍ତିତ୍ୱ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ପୁସ୍ତକ, ପତ୍ରପତ୍ରିକା, ପୋଥି, ବିଭିନ୍ନ ଖବରକାଗଜ, ପୁରୁଣା ଉପକରଣ ସଂଗ୍ରହ କରି ସେ ଉଦୟପୁରରେ ପ୍ରତିଷ୍ଠା କରିଥିଲେ ଏକ ପାଠାଗାର, ସଂଗ୍ରହାଳୟ,ସାହିତ୍ୟ ସଂସଦ ଓ ଗବେଷଣାଗାର । ସେଠାରେ ବିଭିନ୍ନ ଭାଷାର ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ପୁସ୍ତକ, ପତ୍ର ପତ୍ରିକା, ତାଳପତ୍ର ପୋଥି ଓ ବିଭିନ୍ନ ଦୁର୍ଲଭ ସାମଗ୍ରୀ ରହିଛି । ୧୯୦୭ ଜୁଲାଇ ୧୨ରେ ନୟାଗଡ଼ ଜିଲାରେ ଜନ୍ମ ଗ୍ରହଣ କରିଥିବା ଏହି ମହାନ ବ୍ୟକ୍ତିତ୍ୱ ଜିଲା ପାଇଁ ଆଲୋକବର୍ତ୍ତିକା ହୋଇ ରହିଛନ୍ତି । ପ୍ରତିଦିନ ସେ ୧୦୦ରୁ ଊର୍ଦ୍ଧ୍ୱ ପୋଷ୍ଟ କାର୍ଡ ଚିଠି ଲେଖି ବିଭିନ୍ନ ଲୋକଙ୍କ ପାଖକୁ ପଠାଉଥିଲେ । ତାଙ୍କ ହାତ ଲେଖା ଚିଠି ଖଣ୍ଡିକ ଯିଏ ପାଉଥିଲେ ସିଏ ନିଜକୁ ଭାଗ୍ୟବାନ ମଣୁଥିଲେ ।

## ସଂକ୍ଷେପରେ

### ଫ୍ରାଞ୍ଚାଇଜ ଦେବା ନାଁରେ ୯.୬ ଲକ୍ଷ ଠକେଇ

**ବ୍ରହ୍ମପୁର ଅଫିସ,୧୨।୭:** ଏକ ଦୋକାନ ଖୋଲିବାକୁ କମ୍ପାନୀ ଠାରୁ ଫ୍ରାଞ୍ଚାଇଜ ନେବାକୁ ଯାଇ ଜଣେ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ମୁମ୍ବାଇର ଏକାଧିକ ଠକ ତାଙ୍କଠାରୁ ମୋଟ ୯ ଲକ୍ଷ ୧୬ ହଜାର ୫୦୦ ଟଙ୍କା ଠକି ନେଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୨୧/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଆରମ୍ଭ କରିଛି। ଗୋଳାବନ୍ଧସ୍ଥିତ ରକ୍ଷାବିହାରର ପ୍ରଶାନ୍ତ କୁମାର ନାୟକ ଛତ୍ରପୁର ଠାରେ ମନ୍‌ଜିନସ୍ କମ୍ପାନୀର ଏକ ଦୋକାନ ଖୋଲିବାକୁ ଉଦ୍ୟମ କରିଥିଲେ। ଏ ନେଇ ସେ ଅନଲାଇନରେ କମ୍ପାନୀ ବିଷୟରେ ଖୋଜିଥିଲେ। ଫ୍ରାଞ୍ଚାଇଜ ନେବାକୁ ହେଲେ ଆବଶ୍ୟକ କାଗଜପତ୍ର ବିଷୟରେ ଯାଞ୍ଚ କରିଥିଲେ। ଆଉ ଅନଲାଇନରେ ମନଜିନସର ୱେବସାଇଟକୁ ଯାଇ ସେଠାରୁ ଏକ ମୋବାଇଲ ନମ୍ବର ସଂଗ୍ରହ କରିଥିଲେ। ସେହି ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପରେ ମୁମ୍ବାଇର ରୋହତାସ କୁମାର ନାମକ ଜଣେ ବ୍ୟକ୍ତି ଫୋନ ଉଠାଇବା ସହ ନିଜକୁ କମ୍ପାନୀ ରିଲେସନସିପ ମ୍ୟାନେଜର ବୋଲି ପରିଚୟ ଦେଇଥିଲେ। ସେ ବିଭିନ୍ନ ଆଳ ଦେଖାଇ କମ୍ପାନୀ ନାଁରେ ୧୦ଟି ନେଣଦେଣ ମାଧ୍ୟମରେ ମୋଟ ୯ ଲକ୍ଷ ୧୬ ହଜାର ୫୦୦ ଟଙ୍କା ଠକି ନେଇଥିଲେ। କମ୍ପାନୀର ଅଧିକାରୀ କହି ବାରମ୍ବାର ଟଙ୍କା ନେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ସନ୍ଦେହ କରି ପ୍ରଶାନ୍ତ ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ।

### ଅଟୋରୁ ଖସି ମହିଳାଙ୍କ ମୃତ୍ୟୁ ଘଟଣା
### ଫେରାର ଚାଳକ ଗିରଫ

**ବ୍ରହ୍ମପୁର ଅଫିସ,୧୨।୭:** ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଛକରେ ଗତ ରବିବାର ସକାଳେ ଏକ ଅଟୋରୁ ଖସି ଗୁରୁତର ଥିବା ମହିଳା କଜଳ ଦାସଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଟୋ ଧରି ଫେରାର ହୋଇଯାଇଥିବା ଚାଳକଙ୍କୁ ମଙ୍ଗଳବାର ଟ୍ରାଫିକ ପୋଲିସ ଗିରଫ ସହ ଅଟୋ (ନଂ ଓଡ଼ି ୦୭ବି ୫୫୦୮୯) ଜବତ କରିଛି। ଅଭିଯୁକ୍ତ ଜଣକ ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଅରବିନ୍ଦନଗରର ଭଗବାନ ମହାରଣା (୩୬)। ମାମଲା ନମ୍ବର ୨୮/୧୨ରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଚୈତନ୍ୟପଡ଼ା ଗ୍ରାମର କେତେକ ଲୋକ ଗ୍ରାମରୁ ଏକ ଅଟୋରେ ପରିବା ବିକ୍ରି କରିବା ପାଇଁ ବ୍ରହ୍ମପୁର ଆସିଥିଲେ। ଭୋର ସାଢ଼େ ୫ଟା ବେଳେ ଅଟୋଟି ଗେଟବଜାର ଛକରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା।

### ମହାପ୍ରଭୁଙ୍କ ନୀଳାଦ୍ରି ବିଜେ

**ପାରଳାଖେମୁଣ୍ଡି,୧୨।୭(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ଠାରେ ରଥଯାତ୍ରାର ଅନ୍ତିମ ପର୍ବ ନିଳାଦ୍ରୀ ବିଜେ ମଙ୍ଗଳବାର ହୋଇଛି। ମହାପ୍ରଭୁ ବଳଭଦ୍ର, ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରା ମନ୍ଦିରକୁ ଯାଇଛନ୍ତି। ରଥଯାତ୍ରା ପାଇଁ ଦୀର୍ଘ ୧୧ଦିନ ଧରି ମନ୍ଦିରରୁ ବାହାରିଥିବା ୩ ଠାକୁର ଭକ୍ତଙ୍କ ଭିଡ ମଧ୍ୟରେ ପୁଣି ରତ୍ନବେଦୀକୁ ଯାଇଛନ୍ତି। ବାହୁଡା ଯାତ୍ରା ପରେ ରଥଗୁଡିକ ଟାଉନ ହଲ ନିକଟରେ ଅଟକିଥିବା ବେଳେ ମଙ୍ଗଳବାର ମନ୍ଦିର ସମ୍ମୁଖକୁ ଆସିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ୩ ଠାକୁରଙ୍କ ପହଣ୍ଡି ବିଜେ କରାଯାଇ ମନ୍ଦିର ଭିତରକୁ ନିଆଯାଇଥିଲା। ଏହି ଅପରୂପ ଦୃଶ୍ୟ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଝିପି ଝିପି ବର୍ଷା ସତ୍ତ୍ୱେ ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳ ସମେତ ସୀମାନ୍ତବର୍ତ୍ତୀ ଆନ୍ଧ୍ରପ୍ରଦେଶର ବହୁ ଶ୍ରଦ୍ଧାଳୁ ଆସିଥିଲେ। ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ରାସ୍ତା ପାର୍ଶ୍ୱରୁ ଟ୍ରାନ୍ସଫର୍ମର ହଟାଇବାକୁ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୧୨।୭**



ବୈଠକରେ ଉପସ୍ଥିତ ବ୍ରହ୍ମପୁର ବିଧାୟକ, ବିଏମସି ଓ ବିଡିଏ ଅଧିକାରୀ।

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ମଙ୍ଗଳବାର ପୁରୁଣା ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, କମିଶନର ଜେ.ସୋନାଲ, ଅତିରିକ୍ତ କମିଶନର ନୀଳମାଧବ ଭୋଇ ଓ ବିଡିଏ ସଚିବ ସମ୍ବିତ ରାଉତ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସହରରେ ବିଏମସି ସମେତ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟ ହେଉଛି। କିନ୍ତୁ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବା ମେୟର କହିଥିଲେ। ଏଣୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ପାଇଁ ମେୟର ପରାମର୍ଶ ଦେଇଥିଲେ। ବୈଠକରେ ଡ୍ରେନେଜ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଡ୍ରେନେଜ ବିଭାଗ ପକ୍ଷରୁ ବାହାନା ନାଳର ୧୧ କି.ମି. ସଫେଇ ପାଇଁ ୪୩ ଲକ୍ଷ ୭୦ ହଜାର ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିବା କୁହାଯାଇଥିଲା।

ରାସ୍ତା କଡରେ ରହିଥିବା ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନରେ ବସାଇବା ପାଇଁ ଟାଟା ପାୱାରକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ବିଏମସି ପକ୍ଷରୁ ସ୍ଥାନ ଦିଆଯିବ ବୋଲି କମିଶନର କହିଥିଲେ। ଡ୍ରେନ୍ ଉପରେ ଥିବା ଟ୍ରାନ୍ସଫର୍ମରକୁ ମଧ୍ୟ ହଟାଇବା ପାଇଁ କମିଶନର କହିଥିଲେ। ଟାଟା ପାୱାର ପକ୍ଷରୁ ଗଛ କଟାଯାଉଥିବା ବେଳେ ଏହା ରାସ୍ତା ଉପରେ ପଡି ରହୁଛି। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି ବୋଲି ବିଏମସି ଏନଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ କହିଥିଲେ। ଏ ବାବଦରେ ଟାଟା ପାୱାରକୁ ୨୪ ଘଣ୍ଟା ସମୟ ଦିଆଯିବ। ନଚେତ ବିଏମସି ପକ୍ଷରୁ ରାସ୍ତାରେ ପଡିଥିବା ଗଛଗୁଡିକୁ ଉଠାଯିବ। ଏଥିପାଇଁ ବିଏମସି ଟାଟା ପାୱାରଠାରୁ ୟୁଜର୍ସ ଫି ଆଦାୟ କରିବ ବୋଲି କମିଶନର ତାଗିଦ କରିଥିଲେ। ସେହିପରି ପ୍ରେମନଗରଠାରୁ ନୀଳକଣ୍ଠନଗର ଯାଏ ରାସ୍ତା ଓ ଡ୍ରେନ୍

**ବିଏମ୍‌ସିର ସମନ୍ୱୟ ବୈଠକ**

- ଜାତୀୟ ରାଜପଥରେ ଡ୍ରେନ୍ ନିର୍ମାଣକୁ ଗୁରୁତ୍ୱ
- ବିଭାଗ ମଧ୍ୟରେ ସମନ୍ୱୟ ରଖିବାକୁ ପରାମର୍ଶ

ମରାମତି କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ରାସ୍ତା ଓ କୋଠାବାଡି ବିଭାଗ-୧କୁ କୁହାଯାଇଥିଲା। ଏ ନେଇ ପୁନଃ ଟେଣ୍ଡର ହୋଇଛି। ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ସହରର ଜୟପ୍ରକାଶ ନଗର ଛକ ଦେଇ ଯାଇଥିବା ଜାତୀୟ ରାଜପଥ (ଏନଏଚ) ରାସ୍ତାରେ ଡ୍ରେନ୍ ବ୍ୟବସ୍ଥା ଠିକ ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବା ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଷଡଙ୍ଗୀ କହିଥିଲେ। ଫାଷ୍ଟ ଗେଟଠାରୁ ଦିଗପହଣ୍ଡି ଯିବା ରାସ୍ତାରେ କୌଣସି ଡ୍ରେନ୍ ନାହିଁ। ଏଣୁ ଏଠାରେ ଖୁବ ଶୀଘ୍ର ନିର୍ମାଣ କରିବା ପାଇଁ ବିଏମସି ପକ୍ଷରୁ ଏନଏଚକୁ କୁହାଯାଇଥିଲା। ଲାଞ୍ଜିପଲୀ ଜାତୀୟ ରାଜପଥରେ ବହୁ ଦୁର୍ଘଟଣା ଘଟିବା ସହ ଲୋକ ମୃତ୍ୟୁବରଣ କରୁଥିବା ବିଧାୟକ କହିଥିଲେ। ସେଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବାରିକେଡ ବ୍ୟବସ୍ଥା କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଭି.ଭି.ଗିରି ଉଚ୍ଚ ବିଦ୍ୟାଳୟରେ ଶୌଚାଳୟରେ ପାଣି ବ୍ୟବସ୍ଥା ହୋଇ ନ ଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଲାଞ୍ଜିପଲୀ ହାଇସ୍କୁଲରେ ମଧ୍ୟ ଶୌଚାଳୟ ଓ ବିଜ୍ଞାନ ଲ୍ୟାବରେ ପାଣି ବ୍ୟବସ୍ଥା ନ ଥିବାରୁ ଏହି ନୂତନ କୋଠା ବ୍ୟବହୃତ ହୋଇପାରୁ ନ ଥିବା ଶିକ୍ଷାଧିକାରୀ କହିଥିଲେ। ଏ କ୍ଷେତ୍ରରେ ବିଏମ୍‌ସି ପକ୍ଷରୁ ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

ଆସିକା ରୋଡ ଉଚ୍ଚ ବିଦ୍ୟାଳୟ ଓ ବୃନ୍ଦାବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ରହିଥିବା ଶିକ୍ଷାଧିକାରୀ କହିଥିଲେ। ତତସହିତ ସିଟି ହାଇସ୍କୁଲ ଓ ମେଡିକାଲ କ୍ୟାମ୍ପସ ହାଇସ୍କୁଲରେ ଶିକ୍ଷକ ପଦବୀ ଖାଲି ରହିଛି। ପଦବୀ ପୂରଣ ପାଇଁ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହ ଆଲୋଚନା ହୋଇଥିବା ଜିଲା ଶିକ୍ଷାଧିକାରୀ ସୂଚନା ଦେଇଥିଲେ। ସହରରେ ବହୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକର କୋଠା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଯାହାକୁ ମରାମତି କରିବା ପାଇଁ କୁହାଯାଇଥିଲା। ଏ ବାବଦରେ କୋଠାବାଡି ବିଭାଗଙ୍କ ସହ ସମନ୍ୱୟ ରଖି ମରାମତି ପାଇଁ କମିଶନର ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। କେଉଁ ବିଭାଗ ପକ୍ଷରୁ କେତେଦୂର କାର୍ଯ୍ୟ ହୋଇଛି ସେ ସଂପର୍କରେ ତଥ୍ୟ ମଗାଯିବ ବୋଲି କମିଶନର କହିଥିଲେ।

### ଦୁଇ ଡ୍ରାଇଭର କୋର୍ଟ ଚାଲାଣ
### ଗାଡ଼ିରୁ ତେଲ ଚୋରି

**ବ୍ରହ୍ମପୁର ଅଫିସ,୧୨।୭**

ଗାଡ଼ିରୁ ତେଲ ଚୋରି କରିଥିବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ଆଠମଲ୍ଲିକର ଅଜୟ ବେବର୍ତ୍ତା (୩୮) ଓ ବନରପାଲି ଗ୍ରାମର ମାନସ ରଞ୍ଜନ ପରିଡା (୩୨)। ସେମାନେ ହେଲେ ଏଆର୍‌ଏସ୍‌ଏସ୍ ସଂସ୍ଥାର ହାଇୱା ଗାଡ଼ି ଚାଳକ। ତେଲ ଚୋରାଇ ଏକ ଜଙ୍ଗଲିଆ ସ୍ଥାନରେ ଲୁଚାଇ ରଖିଥିବା ୧୦୦ ଲିଟର ଡିଜେଲ ପୋଲିସ ଜବତ କରିଛି। ମାମଲା ନମ୍ବର ୨୯୯/୨୨ ରେ ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଏଆର୍‌ଏସ୍‌ଏସ୍ ସଂସ୍ଥା ଗଞ୍ଜାମରେ ରାସ୍ତା ନିର୍ମାଣ କରୁଛି। ସଦର ଥାନା ଅନ୍ତର୍ଗତ ଫନ୍ଦିରପଲିଠାରେ ସଂସ୍ଥାର ଏକ ଅଫିସ ରହିଛି। ଅନ୍ୟପଟେ ଏହି ସଂସ୍ଥା ବଡ଼ବିଲ ଅଞ୍ଚଳରେ ମଧ୍ୟ କାମ କରୁଥିବା ବେଳେ ତାଙ୍କର ଦୁଇଟି ହାଇୱା ଗାଡ଼ି କୌଣସି ଏକ କାମ ପାଇଁ ବ୍ରହ୍ମପୁର ପଠାଇଥିଲା। ଗତ ୮ତାରିଖରେ ବଡବିଲରୁ ଅଜୟ ଓ ମାନସ ଦୁଇଟି ଗାଡ଼ି ନେଇ ଫନ୍ଦିରପଲିରେ ପହଞ୍ଚିଥିଲେ। ସେହି ଦୁଇଟି ଗାଡ଼ିରୁ ୧୦୦ ଲିଟର ତେଲ ଚୋରି ହୋଇଥିଲା। ଗାଡ଼ିରେ ଲାଗିଥିବା ସେନ୍ସରରୁ ତେଲ ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ସଂସ୍ଥା ମ୍ୟାନେଜର ଶ୍ରୀନିବାସ ପଟ୍ଟନାୟକ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା କହିଛି।

# ବାଣିଜ୍ୟ ଓ ଇଂଲିଶ ବିଭାଗ ପାଠଚକ୍ର

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



ବାଣିଜ୍ୟ ବିଭାଗ ସେମିନାରରେ ମଞ୍ଚାସୀନ ଅଧ୍ୟାପକ ଓ ଅତିଥି।

**ବ୍ରହ୍ମପୁର ଅଫିସ,୧୨।୭**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ଓ ଇଂଲିଶ ବିଭାଗ ପକ୍ଷରୁ ମଙ୍ଗଳବାର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ବିଭାଗ ଆଲୁମିନି ଛାତ୍ରସଂଘ ପକ୍ଷରୁ ବିଭାଗ କକ୍ଷରେ ଲିଙ୍ଗଗତ ଓ ବର୍ଣ୍ଣଗତ ଭେଦଭାବ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ ମହାନ୍ତି ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ଡ଼.ସ୍ମୃତି ଦାସ ସଭା ଓ ପାଠଚକ୍ର ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଇ.ରାଜାରାଓ ଓ ପ୍ରଫେସର ରାମନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟ ବକ୍ତା ପ୍ରଫେସର ରାଓ ବିଦେଶରେ ଭାରତୀୟ ଓ ଅନ୍ୟ କଳା ଲୋକଙ୍କ ଉପରେ ହେଉଥିବା ବର୍ଣ୍ଣ ବୈଷମ୍ୟ ଭେଦଭାବ ଓ ଏହାକୁ କିପରି ପ୍ରତିହତ କରାଯାଇ ପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେପରିହି ପ୍ରଫେସର ପଣ୍ଡା ଲିଙ୍ଗଗତ ଭେଦଭାବ ମୁଖ୍ୟତଃ ଭାବେ ନାରୀବାଦ ସମ୍ପର୍କରେ ନିଜର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରଫେସର ଟି.ଇଶ୍ୱର ରାଓ, ଡ଼.ଅନିଲ କୁମାର ତିରିଆଙ୍କ ସମେତ ଛାତ୍ରୀଛାତ୍ର ଓ ପୂର୍ବତନ ଆଲୁମିନି ଉପସ୍ଥିତ ଥିଲେ। ସେହିପରି ବାଣିଜ୍ୟ ବିଭାଗ ପକ୍ଷରୁ ବୃତ୍ତିଗତତା ଏକ ସଫଳତାର ଚାବିକାଠି ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗ ସଂଯୋଜକ ଡ଼. ମହେଶ୍ୱର ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସ୍‌ଲାମିଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପ୍ରଫେସର ମହମ୍ମଦ ଅଲତାବ ଖାନ ଯୋଗ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ପ୍ରଫେସର ଗୌରୀ ଶଙ୍କର ଲାଲ, ଡ଼.ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରଫେସର ଚନ୍ଦ୍ରିକା ପ୍ରସାଦ ଦାସ, ଡ଼. ଭେଙ୍କଟେଶ୍ୱର ରାଓ, ପ୍ରଫେସର ଶକ୍ତି ରଞ୍ଜନ ଦାସ, ଲିପ୍ସା ଦାସ ଉପସ୍ଥିତ ଥିଲେ। ପାଠଚକ୍ରରେ ମୁଖ୍ୟ ବକ୍ତା ପ୍ରଫେସର ଖାନ ବୃତ୍ତିଗତ ସଫଳତା ନିମନ୍ତେ ଆବଶ୍ୟକ ବୈଶିଷ୍ଟ୍ୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାଠଚକ୍ରରେ ବାଣିଜ୍ୟ ବିଭଗ ଛାତ୍ରୀଛାତ୍ର ଓ ଗବେଷକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ବିଭାଗର ସରିଫ କୁମାର ପ୍ରଧାନ, ଲୋକନାଥ ନାୟକ ଓ ତ୍ରିନାଥ ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ମା'ଙ୍କୁ ହତ୍ୟା କରି ଜେଲ୍‌ରେ ବାପା
### ୪ ଶିଶୁଙ୍କ ଦାୟିତ୍ୱ ନେଲା ଜିଲା ପ୍ରଶାସନ

**ପାରଳାଖେମୁଣ୍ଡି,୧୨।୭(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ବ୍ଲକ ସିକୁଲିପଦର ପଞ୍ଚାୟତ ଭାଲିଆଗଣି ଗ୍ରାମରେ ପାରିବାରିକ କଳହରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଅଭିଯୁକ୍ତ ସ୍ୱାମୀଙ୍କୁ ମୋହନା ପୋଲିସ ଗତ ରବିବାର ଗିରଫ କରିଥିଲା। ଫଳରେ ତାଙ୍କର ୪ ଶିଶୁ ଅସହାୟ ହୋଇପଡ଼ିଛନ୍ତି। ୬ ବର୍ଷିୟା ଝିଅ ଓ ୪ ବର୍ଷ, ୨ବର୍ଷ ଓ ୫ ମାସର ଶିଶୁପୁତ୍ରମାନଙ୍କ ଦାୟିତ୍ୱ ନେବାପାଇଁ ସେମାନଙ୍କ କୌଣସି ସମ୍ପର୍କୀୟ ରାଜି ହୋଇ ନ ଥିଲେ। ତେଣୁ ଜିଲା ପ୍ରଶାସନ ଏମାନଙ୍କ ଦାୟିତ୍ୱ ନେଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ଜିଲା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସାମାଜିକ କର୍ମୀ ସୁବାସିତ ପାଣି, ଏଏନଏମ ସରିତା ନାୟକ, ଆୟା ସଂଗୀତା ନାୟକ ଉକ୍ତ ଗ୍ରାମକୁ ଯାଇ ଶିଶୁମାନଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ଆଣିଛନ୍ତି। ବର୍ତ୍ତମାନ ସେମାନେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନରେ ରହଛନ୍ତି। ଆଗାମୀ ଦିନରେ ଶିଶୁମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରି ସେଠାର ନିଷ୍ପତ୍ତି କ୍ରମେ ଥଇଥାନ କରାଯିବ। ପିଲାମାନଙ୍କ ସମସ୍ତ ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବ।

# ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ବିଦାୟ ସମ୍ବର୍ଦ୍ଧନା



ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ଉପସ୍ଥିତ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର।

**ବ୍ରହ୍ମପୁର,୧୨।୭**

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଡ଼.ଗଣେଶ ସେଠୀ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଡ଼.ବନ୍ଦିତା କୁମାରୀ ପଣ୍ଡା, ଆସୋସିଏଟ ପ୍ରଫେସର ଡ଼.ଜୟନ୍ତ କୁମାର ପଣ୍ଡା ଓ ଡ଼କ୍ଟର ଅଗ୍ନି କୁମାର ବହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରଥମ ବର୍ଷ ଛାତ୍ରମାନେ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭାରେ ସେମାନଙ୍କ ସହ ବିତାଇଥିବା ଦିନଗୁଡ଼ିକ ଉପରେ କହିଥିଲେ। ବିଶ୍ୱବିଦ୍ୟାଳୟରେ ଦୁଇବର୍ଷ ମଧ୍ୟରେ ବିତି ଯାଇଥିବା ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକୁ ଏକତ୍ର କରି ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରିବା ସହ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼କ୍ଟର ସୌରଭ ସେଠ, ଡ଼.ସ୍ନେହା ମହୋନ ପାଣ୍ଡେ ଓ ଚିନୁ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ବର୍ଷ ଛାତ୍ରୀ ଶିବାନୀ ସନତ ସୁନ୍ଦର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଦୀପକ ବେହେରା,ଦୀପକ କୁମାର ପଣ୍ଡା, ରତିକାନ୍ତ ବେହେରା, ପ୍ରଭାତ କୁମାର ସାହୁଙ୍କ ସମେତ ପ୍ରଥମ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମାଟ୍ରିକ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଜି.ଉଦୟଗିରି,୧୨।୭(ଡି.ଏନ.ଏ.)**

ଜି.ଉଦୟଗିରି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୋମବାର ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ୩୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ତନୁଶ୍ରୀ ଆଚାର୍ଯ୍ୟ କନ୍ଧମାଳ ଜିଲା ଟପ୍ପର ହୋଇଥିବା ବେଳେ ୫ ଜଣ ଏ୧ ଗ୍ରେଡ୍‌ରେ ରହିଥିବା ବେଳେ ଏ୨ ଗ୍ରେଡ୍‌ରେ ୯ ଜଣ ଓ ବି୧ ରେ ୧୫, ବି୨ ରେ ୫ ଜଣ ଏବଂ ଜଣେ ସି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ବିଭାଗର ଅଧ୍ୟାପକ ଲଡୁ କିଶୋର ରଥ, ସମ୍ମାନିତ ଅତିଥି ଭାବେ ଖବରଦାତା



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ସମୀର କୁମାର୍ ପାଢ଼ୀ, ସମ୍ପାଦକ ତଥା ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶିବରାମ ସାହୁ, ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଯୋଗଦେଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କନ୍ଧମାଳ ଜିଲାର ଟପ୍ପର ତନୁଶ୍ରୀ ଆଚାର୍ଯ୍ୟ ଏବଂ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଅଙ୍କିତା ଭୋଇଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉପହାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହଲତା ସେନାପତି, ଅନିତା ନାୟକ ସହଯୋଗ କରିଥିବା ବେଳେ ସବିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୨।୭**

**ଲାଞ୍ଚ ଗ୍ରହଣ ମାମଲା**

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ମଙ୍ଗଳବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ବିଦ୍ୟୁତ୍ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ଗଜପତି ଜିଲା ଅନ୍ତର୍ଗତ ରାଇଗଡ଼ ବ୍ଲକର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ମଲ୍ଲିକ (୩୮)। ବର୍ତ୍ତମାନ ସେ ଭଞ୍ଜନଗର ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ପ୍ରକାଶ ଯେ, ରାଇଗଡ଼ ଗ୍ରାମର ସୁବର୍ଣ୍ଣା ରାଉତଙ୍କ ଘରର ଏକ ମିଟର ସ୍ଥାନାନ୍ତର ପାଇଁ ତାଙ୍କ ପୁଅ ବାସୁଦେବ ରାଉତ ରାଇଗଡ଼ ଜେଇ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏଥିପାଇଁ ଜେଇ ରଞ୍ଜନ କୁମାର ମଲ୍ଲିକ ୧୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ବାସୁଦେବ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୫ ଫେବୃୟାରୀ ୯ରେ ବାସୁଦେବ ଜେଇଙ୍କ କାର୍ଯ୍ୟାଳୟକୁ ଯାଇ ରଞ୍ଜନଙ୍କୁ ୧୫୦୦ ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ମାମଲା ନଂ୯/୧୫ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ଡି. ତିରୁପତି ରାଓ ପଟ୍ଟନାୟକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଜେଇ ରଞ୍ଜନ ଜାମିନ ପାଇଥିଲେ। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ରଞ୍ଜନ ମଲ୍ଲିକଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୮ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମାମଲା ପରିଚାଳନା କରିଥିଲେ।

# ବିଜେଡି ନଜରବନ୍ଦୀରେ ୧୨ ସମବାୟ ନିର୍ଦ୍ଦେଶକ

**ବ୍ରହ୍ମପୁର ଅଫିସ,୧୨।୭**

- ଗୋପାଳପୁର ସମୁଦ୍ର କୂଳ ହୋଟେଲରେ ରଖାଯାଇଛି
- ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ପାଇଁ ନାମାଙ୍କନ ଆଜି

ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ସଭାପତି ନିର୍ବାଚନ ଆସନ୍ତା ଗୁରୁବାର ଅନୁଷ୍ଠିତ ହେବ। ଦିନକ ପୂର୍ବରୁ ବୁଧବାର ପଦ ନିମନ୍ତେ ନାମାଙ୍କନ ଦାଖଲ ସାଙ୍ଗକୁ ମଧ୍ୟାହ୍ନ ସୁଦ୍ଧା ଯାଞ୍ଚ ଓ ପ୍ରତ୍ୟାହାର ପର୍ବ ସରିବ। ବ୍ୟାଙ୍କର ସମୁଦାୟ ୧୫ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକଙ୍କ ମଧ୍ୟରୁ ହୋଇଥିବା ନିର୍ବାଚନରେ ୬ ମହିଳାଙ୍କ ସମେତ ୧୪ ଜଣ ନିର୍ବାଚିତ ହୋଇଛନ୍ତି। ସମବାୟ ନିର୍ବାଚନରେ ଦଳୀୟ ଚିହ୍ନ ନ ଥିଲେ ମଧ୍ୟ ସଂଖ୍ୟାଧିକ ଶାସକ ବିଜେଡି ସମର୍ଥକ ଜିତିଛନ୍ତି। ତଥାପି ନାନା ଆଶଙ୍କାରେ ସଭାପତି ଆଶାୟୀ ଥିବା ଜଣେ ନିର୍ଦ୍ଦେଶକଙ୍କ ପକ୍ଷରୁ ୧୨ ଜଣଙ୍କୁ ଗୋପାଳପୁରର ଏକ ହୋଟେଲରେ ନଜର ବନ୍ଦିରେ ରଖାଯାଇଛି।

ସୂଚନାନୁସାରେ ମଙ୍ଗଳବାର ପୂର୍ବାହ୍ନରେ ବ୍ରହ୍ମପୁର ସର୍କିଟ ହାଉସରେ ନିର୍ବାଚିତ ୧୪ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଏକାଠି ହୋଇଥିଲେ। ସେଠାରେ ବିଧାୟକ ବିକ୍ରମ ପଣ୍ଡା ଓ ଅନ୍ୟ ନେତା ଉପସ୍ଥିତ ଥିବା ସହ ୮ନଂ ଜୋନ୍‌ରୁ ନିର୍ବାଚିତ ଆର.ମୂରଲୀ ମୋହନ ପ୍ରାର୍ଥୀ ହେବାର ଘୋଷଣା କରାଯାଇଥିଲା। ପରେ ଆଶାୟୀଙ୍କ ପକ୍ଷରୁ ଗୋପାଳପୁର ଯିବାର ସବୁପ୍ରକାର ବ୍ୟବସ୍ଥା ହୋଇଥିଲା। ତେବେ ଦୁଇଜଣ ନ ଯାଇ ପରେ ଯିବାର କହି ଖସିଯାଇଥିଲେ। ଅବଶିଷ୍ଟ ୧୨ ଜଣ ସମୁଦ୍ର କୂଳ ହୋଟେଲରେ ରହିଛନ୍ତି। ସେମାନଙ୍କ ଉପରେ ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ, ବିଜେଡି ରାଜ୍ୟ ସମ୍ପାଦକ ସୁବାସ ମହାରଣା ଓ ବ୍ରହ୍ମପୁର ପୂର୍ବ ପୌର ସଂସ୍ଥାର ପ୍ରାକ୍ତନ ନଗରପାଳ ପି.ଭୀମୁଡୁ ନଜର ରଖିଛନ୍ତି।

ଗୋପାଳପୁରରେ ଥିବା ନିର୍ଦ୍ଦେଶକମାନେ ବୁଧବାର ପୂର୍ବାହ୍ନରେ ଅର୍ବାନ ବ୍ୟାଙ୍କରେ ପହଞ୍ଚିବେ ଓ ଆଶାୟୀ ନାମାଙ୍କନ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ସେ ନିର୍ଦ୍ୱନ୍ଦ୍ୱ ହେବା ଚର୍ଚ୍ଚା ହେଉଥିଲେ ମଧ୍ୟ ଯେଉଁ ଦୁଇଜଣ ଗୋଠଛଡ଼ା ହୋଇଛନ୍ତି। ଉଭୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଅଟନ୍ତି। ସମବାୟ ରାଜନୀତିରେ ଦୁହିଁଙ୍କ ବିଶେଷ ଅଭିଜ୍ଞତା ଥିବାରୁ ଭିନ୍ନ ଆଶଙ୍କା ବିଭିନ୍ନ ମହଲ କରୁଛନ୍ତି। ଅନ୍ୟପକ୍ଷରେ ୧୧୬ ବର୍ଷର ଏହି ବ୍ୟାଙ୍କରେ ସଭାପତି ନିର୍ବାଚନ ପୂର୍ବରୁ ଏଭଳି ନାଟକ ହେବା ସର୍ବ ପ୍ରଥମ ଘଟଣା ହୋଇଥିବା ସହରାଞ୍ଚଳର ସମବାୟ ପ୍ରେମୀ ଚର୍ଚ୍ଚା କରୁଛନ୍ତି। ତେଣୁ ବୁଧବାର ହେବାକୁ ଥିବା ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟାକୁ ବିଭିନ୍ନ ମହଲ ଅପେକ୍ଷା କରିଛନ୍ତି।

# ଆସିକା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଆସିକା,୧୨।୭(ଡି.ଏନ.ଏ)**

ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି, କଲେଜ ପରିଚାଳନା କମିଟିର ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ, ପୁରାତନ ଛାତ୍ର ସଂସଦ ସଭାପତି ଡା. ନିରାକର ଭଞ୍ଜ, ଆସିକା ବିଡିଓ ରୋସନ ଶତପଥୀ, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ସମିତିସଭ୍ୟା ସୌଦାମିନୀ ନାହାକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଅତିଥିମାନେ ମହାବିଦ୍ୟାଳୟର ପ୍ରତିଷ୍ଠା ଲାଗି ସ୍ୱର୍ଗତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବିଧାୟକ ହରିହର ଦାସଙ୍କ ତ୍ୟାଗପୂତ ଅବଦାନ ମନେ ପକାଇଥିଲେ। ନବନିର୍ମିତ ପାଠଚକ୍ର କୋଠରୀ ଓ ନଳକୂପକୁ ବିଧାୟିକା ଉଦଘାଟନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ସସ୍ମିତା ପାତ୍ର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର କେଦାରନାଥ ପଣ୍ଡା, ଯୁବନେତା ନଚିକେତା ସ୍ୱାଇଁ, ଶିବ ନାହାକ, ଭଗବାନ ସାହୁ, ପୁରାତନ ଛାତ୍ର ସଂସଦର ସଂପାଦକ ଅଧ୍ୟାପକ ସରୋଜ କୁମାର ପଣ୍ଡା, ଅଧ୍ୟାପକ ରାଜେଶ କୁମାର ସାହୁ, ଅଜିତ ଚୌଧୁରୀ, ପ୍ରଦୀପ ପାଣିଗ୍ରାହୀ, ବଂଶୀଧର ନାହାକ ପ୍ରମୁଖ ଉପସ୍ଥିତ ଥିଲେ । କଲେଜ ପ୍ରଶାସନିକ ଅଧିକାରୀ ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଜବାଟି ଗ୍ରାମରେ ମଙ୍ଗଳବାର ବିଲରେ ଚାଷ କରୁଥିବା ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଜବାଟି ଗ୍ରାମର ରଞ୍ଜନ କୁମାର ଦାସ(୩୫)। ଅପରାହ୍ନରେ ରଞ୍ଜନ ଟ୍ରାକ୍ଟରରେ ନିଜ ବିଲ ଚାଷ କରୁଥିଲେ। ଏହି ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ରଞ୍ଜନ ଟ୍ରାକ୍ଟର ତଳେ ଚାପିହୋଇ ରହିଯାଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଧର୍ମଶାଳା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସଂକ୍ଷେପରେ

## ୨ ବାଇକ୍ ମୁହାଁମୁହିଁ: ଜଣେ ମୃତ, ଜଣେ ଗୁରୁତର

**କଳିଙ୍ଗନଗର,୧୨।୭(ଡି.ଏନ.ଏ.):** କଳିଙ୍ଗନଗର ଥାନା ବାଘୁଆପାଳ ଛକ ନିକଟରେ ମଙ୍ଗଳବାର ସକାଳ ୧୦ଟାରେ ଦୁଇ୍ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଳିଙ୍ଗନଗର ଥାନା ଢୋଲପଥର ଗାଁର ରାଜକିଶୋର ଜେନାମଣି। ଆହତ ବ୍ୟକ୍ତି ହେଲେ ଉକ୍ତ ଥାନା ଅଧୀନ ଧନଞ୍ଜୟପୁର ଗାଁର ପ୍ରଶାନ୍ତ ମହାନ୍ତ। ପ୍ରଶାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। କଳିଙ୍ଗନଗର ପୋଲିସ ପହଞ୍ଚି ବାଇକ୍ ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ମୃତଦେହକୁ ଦାନଗଦି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଚଣ୍ଡିଖୋଲ,୧୨।୭(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରଇପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ମୃତଦେହ ଗଛରେ ଝୁଲୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ରାତି ହୋଇଯିବାରୁ ମୃତଦେହ ଜବତ ହୋଇପାରି ନାହିଁ। ମୃତକ ହେଲେ ଗ୍ରାମର ବାବୁନି ତରାଇ(୩୫)। ତାଙ୍କ ସ୍ତ୍ରୀ ମାମୁନିଙ୍କ ଅଭିଯୋଗ ଅନୁଯାୟୀ, ଗତ ୬ତାରିଖରେ ବାବୁନି ମଦ ପିଇବା ପାଇଁ ତାଙ୍କୁ ପଇସା ମାଗିଥିଲେ। ତେବେ ଘରେ ପଇସା ନ ଥିବାରୁ ମାମୁନି ଦେଇ ପାରି ନ ଥିଲେ। ଏହାପରେ ବାବୁନି ନିଖୋଜ ହୋଇ ଯାଇଥିଲେ। ତେଣୁ ସେ ଏ ସମ୍ପର୍କରେ ୯ତାରିଖରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ।

## ବାର୍ହା ଆକ୍ରମଣରେ ଜଣେ ଗୁରୁତର

**ଚଣ୍ଡିଖୋଲ,୧୨।୭(ଡି.ଏନ.ଏ.):** ବଡ଼ଚଣା ବ୍ଲକ୍ ଡାଳିଜୋଡ଼ା ବନାଞ୍ଚଳ ଅଧୀନ ଭୁଷଣ୍ଡପୁର ପଞ୍ଚାୟତ ଖଟୁଆପଡ଼ା ଗ୍ରାମରେ ମଙ୍ଗଳବାର ଭୋର୍ ସମୟରେ ବାର୍ହା ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ଶ୍ୟାମସୁନ୍ଦର ସାମଲଙ୍କ ପୁଅ ଅଶୋକ। ଅଶୋକ ଶୌଚ ପାଇଁ ଗ୍ରାମ ନିକଟସ୍ଥ ପଡ଼ିଆକୁ ଯାଇଥିବା ସମୟରେ ବାର୍ହା ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ଅଶୋକ ଗୁରୁତର ହୋଇଥିବା ବେଳେ ତାଙ୍କର ଡାହାଣ ଗୋଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ଗୋଡ ଭାଙ୍ଗିଯାଇଛି। ତାଙ୍କୁ ପ୍ରଥମେ ବଡ଼ଚଣା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସ୍ଥାନୀୟ ଲୋକେ ଏନେଇ ବନ ବିଭାଗକୁ ଖବର ଦେଇଥିଲେ। ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରା ସଦଳବଳ ପହଞ୍ଚି ଜାଲ ବିଛାଇ ବାର୍ହାକୁ ଉଦ୍ଧାର କରି ନଳୀଦା ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିଲେ। ପରେ ଗ୍ରାମବାସୀ ଚଣ୍ଡିଖୋଲ ବନକାର୍ଯ୍ୟାଳୟରେ ପହଞ୍ଚି ଅଶୋକଙ୍କ ପାଇଁ ସରକାରୀ ସହାୟତା ଦାବି କରିଥିଲେ। ବନପାଳ ବେହେରା ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ନିୟମ ଅନୁଯାୟୀ ଅନ୍ୟ ସହାୟତା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ସଞ୍ଜୀୟ, ଦୁଇ ଭାଗ୍ୟଧର ସଭାପତି ନିର୍ବାଚିତ

**ଚଣ୍ଡିଖୋଲ,୧୨।୭(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ, ବୈରୀ ଓ ପଲ୍ଲୀମଙ୍ଗଳ ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀମଙ୍ଗଳର ସଭାପତି ଭାବେ ସଞ୍ଜୟ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ଛତିଆ ସମିତିର ସଭାପତି ଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ ନିର୍ବାଚିତ ହୋଇଥିବାବେଳେ ବୈରୀ ସମିତିର ସଭାପତି ଭାବେ ଭାଗ୍ୟଧର ସାହୁ ନିର୍ବାଚିତ ହୋଇଛନ୍ତି। ସେହିଭଳି ପଲ୍ଲୀ ମଙ୍ଗଳ ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକମାନେ ହେଲେ ଡମ୍ବରୁଧର ସେଠୀ, ଅକ୍ଷୟ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ଜେନା, ପ୍ରଶାନ୍ତ ଜେନା, ଶରତ ଚନ୍ଦ୍ର ଜେନା, ବିଜୟାନନ୍ଦ ବିଶ୍ୱାଳ, ନଟବର ସାହୁ, ରବୀନ୍ଦ୍ର କୁମାର ଜେନା, ବାସନ୍ତୀ ପ୍ରଧାନ, ସୁଭେନ୍ଦୁ ଦାସ, ସୀତାକାନ୍ତ ମଲ୍ଲିକ, ସ୍ନେହଲତା ପଣ୍ଡା, ସୁଧାଂଶୁ ଜେନା ଓ ସଚିତ୍ରା ସ୍ୱାଇଁ ପ୍ରମୁଖ। ତେବେ ସମସ୍ତ ସଭାପତି ବିଜୁ ଜନତାଦଳ ସମର୍ଥନରେ ନିର୍ବାଚିତ ହୋଇଥିବାରୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ ଓ ନିରଞ୍ଜନ ସେନାପତି ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜିଲାପାଳ ଅଫିସ ଘେରିଲା ଡିଲର ସଂଘ

**ଯାଜପୁର ଟାଉନ,୧୨।୭(ଡି.ଏନ.ଏ.)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡିଲମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଯାଜପୁର ଜିଲା ପିଡିଏସ୍ ଡିଲର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହିତ ୯ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜୁଲାଇ ୪ରେ ବ୍ଲକସ୍ତରୀୟ ବିକ୍ଷୋଭ କରାଯାଇଥିବା ବେଳେ ସୋମବାର ଜିଲାସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଗଷ୍ଟ ୨ରେ ଦିଲ୍ଲୀସ୍ଥିତ ସଂସଦ ଭବନ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

କେନ୍ଦ୍ର ସରକାରଙ୍କୁ ଦୀର୍ଘ ବର୍ଷ ହେବ ଖାଦ୍ୟ ଶସ୍ୟ ବିତରଣ ବାବଦକୁ ପ୍ରତି କୁଇଣ୍ଟାଲ ୪୫୦କୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଥିଲା। କେନ୍ଦ୍ର ସରକାର କମିଟି ଗଠନ କରି କମିଟି ରିପୋର୍ଟ ଆଧାରରେ ବର୍ଦ୍ଧିତ ହାର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ କମିଟି ଫେବୃୟାରୀ ୨୦୨୦ରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। କିନ୍ତୁ କେନ୍ଦ୍ର ସରକାର କୌଣସି ବିଷୟକୁ ଧ୍ୟାନ ନ ଦେଇ ଏପ୍ରିଲ ୨୦୨୨ରୁ ଡିଲର କମିଶନ ରାଶି କୁଇଣ୍ଟାଲ ପିଛା ୨୦ ଟଙ୍କା ଓ ପାହାଡ଼ିଆ ଉତ୍ତରପୂର୍ବ ରାଜ୍ୟକୁ କୁଇଣ୍ଟାଲ ପିଛା ୩୭ ଟଙ୍କା ବୃଦ୍ଧି କରାଇଛନ୍ତି। ଡିଲରଙ୍କ ଅନ୍ୟ ଦାବି ପ୍ରତି ସରକାର ଆଖି ବୁଜି ଦେଇଛନ୍ତି। ଫଳରେ ୨୩ ମାସ ହେବ ଡିଲର କମିଶନ ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ କୁଇଣ୍ଟାଲ ପିଛା ଡିଲରଙ୍କୁ କମିଶନ ୭୦ ଟଙ୍କା ଦିଆଯାଉଥିଲା, ଯାହାକି ଡିଲର ତାଙ୍କ ପରିବାର ଭରଣ ପୋଷଣ କରିବା

### ଅଗଷ୍ଟ ୨ରେ ସଂସଦ ଘେରାଉ

କଷ୍ଟ ବ୍ୟାପାର ହୋଇପଡ଼ିଛି। ଡିଲର କମିଶନ ରାଶି କୁଇଣ୍ଟାଲ ପିଛା ୪୫୦ ଟଙ୍କା ପ୍ରଦାନ ନଚେତ ଡିଲରଙ୍କୁ ମାସିକ ୫୦ ହଜାର ଟଙ୍କା ରୋଜଗାର ସୁନିଶ୍ଚିତ କରାଇବା ଆବଶ୍ୟକ। ଖାଦ୍ୟ ଶସ୍ୟ ବିକ୍ରୟ ସମୟରେ କ୍ଷତିଭରଣ ପାଇଁ କୁଇଣ୍ଟାଲ ପ୍ରତି ୧ କିଲୋଗ୍ରାମ ଭରଣ, ରାଶନ କାର୍ଡରେ ଖାଇବା ତେଲ ଓ ଡାଲି ଯୋଗାଇ ଦେବା, ସମସ୍ତ ଏଫପିଏସ କେନ୍ଦ୍ରକୁ ଏଲପିଜି ଗ୍ୟାସ ସିଲିଣ୍ଡର(୫ ଲିଟର) ବିତରଣ ପାଇଁ ଅନୁମତି, ପ୍ଲାଷ୍ଟିକ ଅଖା ବଦଳରେ ଝୋଟ ଅଖାରେ ଖାଦ୍ୟ ଶସ୍ୟ ଯୋଗାଇ ଦେବା, ଗ୍ରାମାଞ୍ଚଳର ଡିଲରଙ୍କୁ ସିଧାସଳଖ ଖାଦ୍ୟ ଶସ୍ୟ ସଂଗ୍ରହ ଅନୁମତି ଦେବା, ପଶ୍ଚିମବଙ୍ଗ ଢାଞ୍ଚାରେ ସର୍ବ ଭାରତୀୟସ୍ତରରେ ସମସ୍ତ ପରିବାରକୁ ରାଶନ କାର୍ଡ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇ ଦେବା, ବିଭିନ୍ନ ବାବଦକୁ ବକେୟା ଥିବା କମିଶନ ରାଶିତୁରନ୍ତ ପ୍ରଦାନ କରିବା ଓ ରାଜସ୍ଥାନ ପରି କୋଭିଡ-୧୯ରେ ମୃତ୍ୟୁବରଣ କରିଥିବା ଡିଲରଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇ ଦେବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ସଭାପତି ବାସୁଦେବ ବେହେରା, ଉପସଭାପତି ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ରାଜେଶ କୁମାର ପଣ୍ଡା, ଶରତ ଚନ୍ଦ୍ର ବିଶ୍ୱାଳ, ରବିନାରାୟଣ ଜେନା, ମୁରଲୀଧର ସାହୁ, ନାରାୟଣ ଜେନା, ନରୋତ୍ତମ ଜେନା, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ବାରିକ, ପ୍ରଭାତ ଚନ୍ଦ୍ର ପାଣିଗ୍ରାହୀ, ରାମଚନ୍ଦ୍ର ସ୍ୱାଇଁ, ମାଧବାନନ୍ଦ ସାହୁ, ରଞ୍ଜନ ମିଶ୍ର, ଗୌରାଙ୍ଗ ସାହୁ, ଦେବାଶିଷ ବୈଶାଖ, କୈଳାଶ ଚନ୍ଦ୍ର ସାହୁ, ଉମାକାନ୍ତ ସାମଲ, ରବୀନ୍ଦ୍ର କୁମାର ତ୍ରିପାଠୀ, ନାରାୟଣ ଜେନା, ଉମାକାନ୍ତ ସାମଲ, ଚତୁର୍ଭୁଜ ନାୟକ, ଭାସ୍କର ଶତପଥୀ, ଶାନ୍ତିଲତା ସାହୁ ଓ ସୁରେନ୍ଦ୍ର ସାହୁଙ୍କ ସମେତ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳର ଡିଲରମାନେ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ରସୁଲପୁର,୧୨।୭(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ସୁଆଁସାହି ଛକ ନିକଟରେ ମଙ୍ଗଳବାର ଏକ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ବାଲେଶ୍ୱରରୁ ଭୁବନେଶ୍ୱର ଯାଉଥିବା କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିବା ଅନୁମାନ କରାଯାଉଛି। ଖବର ପାଇ କୁଆଖିଆ ଥାନା ଏସ୍ଆଇ ଦୁଷ୍ମନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇଛନ୍ତି। ମୃତବ୍ୟକ୍ତି ଏକ ବ୍ଲୁ ରଙ୍ଗର ଟି-ସାର୍ଟ ପିନ୍ଧିଥିଲେ। ପରିଚୟ ମିଳି ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଶବାଗାରାରେ ମୃତଦେହ ୩ଦିନ ରଖାଯିବ। ଏହା ମଧ୍ୟରେ ତାଙ୍କର କୌଣସି ଦାବିଦାର ନ ରହିଲେ ପୋଲିସ ଉପସ୍ଥିତିରେ ମୃତଦେହ ଦାହ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଏନେଇ ଥାନାରେ ନଂ.୨୨୬/୨୨ରେ ଏକ ମାମଲା ରୁଜୁ ହୋଇଛି। ମୃତବ୍ୟକ୍ତି ଜଣକ ଭାରସାମ୍ୟ ହରାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଅକ୍ଷୟ ହତ୍ୟା ମାମଲାର ଟେର୍ ପାଉନି ପୋଲିସ

**ଯାଜପୁର ଟାଉନ,୧୨।୭(ଡି.ଏନ.ଏ.)**

ଯାଜପୁର ଜିଲା ଦଶରଥପୁର ବ୍ଲକ୍ କମାରଡିହି ପଞ୍ଚାୟତ ଇଟାପଡ଼ା ଗ୍ରାମର ଅକ୍ଷୟ ବାରିକଙ୍କୁ ମେ' ୧୩ରେ ଦୁର୍ବୃତ୍ତ ହତ୍ୟା କରି କଉଡ଼ିଆ ନାଳ ନିକଟରେ ଫିଙ୍ଗି ଦେଇଥିଲେ। ତେବେ ଏହି ଘଟଣାକୁ ୨ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ହତ୍ୟାକାଣ୍ଡର କୌଣସି ସୁରାକ୍ ପାଇ ପାରୁନାହିଁ। ତେଣୁ ହତ୍ୟା ମାମଲାର ରହସ୍ୟ ଉନ୍ମୋଚନ ସହ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ମଙ୍ଗଳବାର ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଭାରପ୍ରାପ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗ୍ରାମବାସୀ ଜୁନ୍ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ କମାରଡ଼ିହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗଣଧାରଣା ଦେବା ସହ ରାସ୍ତାରୋକୋ କରିଥିଲେ। ଏହି ସମୟରେ ଯାଜପୁର ଏସ୍‌ଡିପିଓ


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

### ସତ୍ୟତା ଉନ୍ମୋଚନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପହଞ୍ଚି ହତ୍ୟାକାରୀଙ୍କୁ ଶୀଘ୍ର ଧରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହତ୍ୟାକାରୀଙ୍କୁ ଧରିବା ପରିବର୍ତ୍ତେ ଧାରଣାରେ ବସିଥିବା ୭ଜଣଙ୍କ ନାମରେ ୧୦୭ ନୋଟିସ୍ ଜାରି କରିଥିଲେ। ପରେ ଜୁନ୍ ୧୯ରେ ଗ୍ରାମର ଅନେକ ମହିଳା ମଙ୍ଗଳପୁର ଥାନାରେ ଧାରଣା ଦେଇଥିଲେ। ଥାନା ଅଧିକାରୀ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ହତ୍ୟା ମାମଲାର ରହସ୍ୟ ଉନ୍ମୋଚିତ ହୋଇପାରୁନାହିଁ। ଦାବିପତ୍ର ପ୍ରଦାନ ସମୟରେ ମଳୟ କୁମାର ପଣ୍ଡା, ବୃନ୍ଦାବନ ବାରିକ, ପ୍ରଶେଷ ସୂତାର, ଦିଲୀପ ନାୟକ, ବାସୁଦେବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ସିଡିପିଓଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ଧର୍ମଶାଳା,୧୨।୭(ଡି.ଏନ.ଏ.)**

ଧର୍ମଶାଳା ସମନ୍ୱୟ ଶିଶୁ ବିକାଶ ଅଧିକାରୀ (ସିଡିପିଓ)ଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି କେତେକ କାଗଜପତ୍ର ପୋଡ଼ିଯାଇଛି। ସକାଳ ପ୍ରାୟ ୮ଟା୩୦ରେ ଏହି ଦୁର୍ଘଟଣା ଘଟିଛି। କାର୍ଯ୍ୟାଳୟର ଉପରମହଲାରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଯୁବକମାନେ ଦେଖି ଚଣ୍ଡିଖୋଲ ଦମକଳ ବାହୀନୀକୁ ଖବର ଦେଇଥିଲେ। ଏଥିସହ ନିଜେ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚିଲାବେଳକୁ ନିଆଁ ଲିଭିଯାଇଥିଲା। ବିଦ୍ୟୁତ୍ ଶଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ତେବେ ସ୍ଥାନୀୟ ଯୁବକଙ୍କ ସାହସିକତା ଯୋଗୁ ଏକ ବଡ଼ଧରଣର ଅଗ୍ନିକାଣ୍ଡରୁ ସିଡିପିଓଙ୍କ କାର୍ଯ୍ୟାଳୟ ବର୍ତ୍ତିଯାଇଛି। ଏ ସମ୍ପର୍କରେ ସିଡିପିଓ ସଂଯୁକ୍ତା ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଉପରମହଲାରେ ଥିବା କିଛି କାଗଜପତ୍ର ପୋଡ଼ିଯାଇଛି। ହେଲେ ବିଶେଷ କିଛି ନଷ୍ଟ ହୋଇନାହିଁ।

# କୋଭିଡ୍ ସାମଗ୍ରୀ ନ ଫେରିଲେ ଆନ୍ଦୋଳନ: ଯୁବ କଂଗ୍ରେସ



ଯୁବ କଂଗ୍ରେସ କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଚଣ୍ଡିଖୋଲ,୧୨।୭(ଡି.ଏନ.ଏ.)**

କୋଭିଡ୍ ସମୟରେ ବଡ଼ଚଣା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ କୋଭିଡ୍ କେନ୍ଦ୍ର ପାଇଁ ଯେଉଁସବୁ ସରଞ୍ଜାମ କିଣିଥିଲେ ସେଗୁଡ଼ିକୁ ତୁରନ୍ତ ଫେରାଇବା ପାଇଁ ବିଡିଓ ଅଜିତ୍ ନାରାୟଣ ଗିରି ଜୁନ୍ ୨୩ରେ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ସେ ଚିଠିରେ ୩ଦିନ ମଧ୍ୟରେ ସମସ୍ତ ସାମଗ୍ରୀ ଫେରାଇ ଆଣି ବ୍ଲକ ପରିସରରେ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାମଧ୍ୟରେ ୨୦ଦିନ ବିତିଯାଇଥିଲେ ବି କୌଣସି ପିଇଓ କୋଭିଡ୍ ସାମଗ୍ରୀ ଫେରାଇ ନାହାନ୍ତି। ଏହାର ପ୍ରତିବାଦ କରି ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ସୁଦୀପ ସାମଲ, ଚର୍ଚ୍ଚିତ ମାହାଲା, ଆବାସ କୁମାର ଜେନା ଓ ଶିଶିର ସାମଲ ପ୍ରମୁଖ ବିଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ପଞ୍ଚାୟତସ୍ତରରେ ଯେଉଁ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଇଥିଲା ସେଥିରେ ଇନ୍‌ଭରଟର, ଆକ୍ୱାଗାର୍ଡ, ଫ୍ୟାନ୍, ବଲ, ବେଡ଼, ମଗ, ବାଲଟି ପ୍ରମୁଖ ବ୍ୟବହାର କରାଯାଇଥିଲା। ଏସବୁ ସରକାରୀ ଅର୍ଥରେ କିଣାଯାଇଥିଲା। ହେଲେ ଉକ୍ତ ସାମଗ୍ରୀ ଗୁଡ଼ିକର ଏ ପର୍ଯ୍ୟନ୍ତ ପତ୍ତା ମିଳୁନାହିଁ। ଏହା ମଧ୍ୟରେ ୨ବର୍ଷ ବିତି ଯାଇଥିଲେ ବି କୌଣସି ସାମଗ୍ରୀ ଫେରସ୍ତ ହୋଇନାହିଁ। ତେଣୁ ଏକ ସପ୍ତାହ ମଧ୍ୟରେ ଯଦି କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ସାମଗ୍ରୀ ଫେରସ୍ତ ନ କରନ୍ତି ତେବେ ଯୁବ କଂଗ୍ରେସ ବ୍ଲକ ଘେରାଉ କରିବ ବୋଲି ଚିଠିରେ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ବିଡିଓ ଚିଠି ଦେବାର ୩ଦିନ ମଧ୍ୟରେ ସାମଗ୍ରୀ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏପର୍ଯ୍ୟନ୍ତ ସାମଗ୍ରୀ ଫେରିବା ଦୂରର କଥା ଚିଠିର ଉତ୍ତର ମଧ୍ୟ କେହି ଦେଇନାହାନ୍ତି।

# ୧୬ରେ ଥାନା ଘେରିବ ନବ ନିର୍ମାଣ କୃଷକ ସଂଗଠନ

**ଚଣ୍ଡିଖୋଲ,୧୨।୭(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନିଆଳି ଗ୍ରାମର ଚାଷୀନେତା ଶିଶିର ସାମଲଙ୍କ ଗିରଫକୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ଆସନ୍ତା ୧୬ ତାରିଖରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ବାଲିଚନ୍ଦ୍ରପୁର ଥାନା ଘେରାଉ କରାଯିବ ବୋଲି ସଂଗଠନ ରାଜ୍ୟ ସହସଂଯୋଜକ ନିମାଇଁ ରାୟ ସୂଚନା ଦେଇଛନ୍ତି। ନିଆଳିଠାରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନ ବିରୋଧରେ ଜୋରଦାର ଲଢ଼େଇ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ସୂଚନାଥାଉକି, ଗତ ଗୁରୁବାର ଶିଶିରଙ୍କ ଘରବାରି ଜମିରେ ମେଗା ଉଠା ଜଳସେଚନର ପାଇପ ବିଛାକୁ ନେଇ ପ୍ରତିବାଦ ହୋଇଥିଲା। କୌଣସି କ୍ଷତିପୂରଣ ନଦେଇ ମେଗା ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥା ତାଙ୍କ ଜାଗାରେ ଜୋର ଜବରଦସ୍ତ ପାଇପ୍ ବିଛାଇବାକୁ ନେଇ ଶିଶିର ପ୍ରତିବାଦ କରିଥିଲେ। ସେ କହିଥିଲେ, ଉକ୍ତ ଜମି ଉପରେ ମୋର ୩ଜଣ ଅଂଶୀଦାର ଅଛନ୍ତି। ସେମାନେ ଆସିଲା ପରେ ତାଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ। ମାତ୍ର ପ୍ରକଳ୍ପ କରୁଥିବା ଉଠାଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ

### ଚାଷୀନେତାଙ୍କ ଗିରଫର ପ୍ରତିବାଦ

ଶଶାଙ୍କଶେଖର ଦଳବେହେରା ଏନେଇ ଶିଶିରଙ୍କ ବିରୋଧରେ ବାଲିଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ। ଶିଶିର କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ସେ ଏତଲାରେ ଦର୍ଶାଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ଉପସ୍ଥିତିରେ ଶିଶିରଙ୍କୁ ପୋଲିସ୍ ଉଠାଇ ଆଣି ପରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହା ସହ ପ୍ରକଳ୍ପ ହେଉଥିବା ସ୍ଥାନରେ ଜଣେ ବିଧବାଙ୍କ ଜମି ଠିକା କମ୍ପାନୀ ଜୋର ଜବରଦସ୍ତ ଭାବେ ଦଖଲ କରି ପ୍ରକଳ୍ପ ନିର୍ମାଣ କରିଛି। ସେଥିପାଇଁ କୃଷକ ସଂଗଠନ ଠିକା କମ୍ପାନୀର ଦାଦାଗିରି ଓ ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ବିରୋଧରେ ଆନ୍ଦୋଳନ କରିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିଶିରଙ୍କ ସ୍ତ୍ରୀ ମମତା ସାମଲ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ ନିଜ ଜମିର ସୁରକ୍ଷା ଦେଉଥିବା ବେଳେ ଦର୍ପଣ ତହସିଲଦାର ସେଠୀ ଓ ମେଗା ଉଠାଜଳସେଚନ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ବେଆଇନ ଭାବେ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କୁ ମଧ୍ୟ ଉଭୟ ଅଧିକାରୀ ଖରାପ ବ୍ୟବହାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ଦୁର୍ଗାପୂଜା ମଣ୍ଡପ ଉଦ୍‌ଘାଟିତ

**କାଳିଆପାଣି,୧୨।୭(ଡି.ଏନ.ଏ.)**

କାଳିଆପାଣି ଖଣି ଅଞ୍ଚଳରେ ଟାଟା ଷ୍ଟିଲ୍ ମାଇନିଂ ଦ୍ୱାରା ନିର୍ମିତ ଏକ ଦୁର୍ଗା ମଣ୍ଡପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏହାର ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ କମ୍ପାନୀର ବରିଷ୍ଠ ସାଧାରଣ ଖଣି ପରିଚାଳକ ଇଂ. ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ଦୁର୍ଗାମଣ୍ଡପ ଓ ପଡ଼ିଆକୁ ଉନ୍ନତୀକରଣ ପାଇଁ କମ୍ପାନୀ ସମସ୍ତ ସହଯୋଗ ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଉପସଭାପତି ପ୍ରଭାତ ପ୍ରଧାନ, ଯୁଗ୍ମ ସମ୍ପାଦକ ଭରତ ମହନ୍ତ, ଜିଲା ପରିଷଦ ସଭ୍ୟା ଜେମା ଚାଖି, ବିଦ୍ୟାଧର ପାତ୍ର, ରାଁସୋଳ ସରପଞ୍ଚ କନକଲତା ସର୍ଦ୍ଦାର, କାଳିଆପାଣି ସରପଞ୍ଚ ବିକାଶ କୁମାର ପାତ୍ର, କାଙ୍କଡ଼ପାଳ ସରପଞ୍ଚ ସଞ୍ଜୟ ପରିଡ଼ାଙ୍କ ସହ ଅଞ୍ଚଳର ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଖଣି ଅଞ୍ଚଳରେ ଏକମାତ୍ର ସାର୍ବଜନୀନ ଦୁର୍ଗାପୂଜା ଟାଟା କମ୍ପାନୀ କଲୋନୀ ପରିସରରେ ପାଳିତ ହୋଇ ଆସୁଥିଲା। ତେବେ ଖଣିର ମାଲିକାନା ସତ୍ତ୍ୱ ପରିବର୍ତ୍ତନଯୋଗୁ ସେଠାରେ ଆଉ ପୂଜା ହୋଇପାରିବ ନାହିଁ ବୋଲି କୁହାଯାଇଥିଲା। ଏନେଇ ଲୋକେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଟାଟା ଷ୍ଟିଲ୍‌ର ପଦାଧିକାରୀଙ୍କ ସହିତ ଆଲୋଚନା କରି ନୂତନ ସ୍ଥାନରେ ପୂଜା ମଣ୍ଡପ କରିବା ପାଇଁ ଦାବି କରିଥିଲେ।


ଦୁର୍ଗାମଣ୍ଡପ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# ବାଲ୍ୟ ବିବାହ ସମ୍ପର୍କିତ ସଚେତନତା

**କଳିଙ୍ଗନଗର,୧୨।୭(ଡି.ଏନ.ଏ.)**

ଦାନଗଦୀ ବ୍ଲକ କିଆଝର ପଞ୍ଚାୟତସ୍ଥିତ ଟମକା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ ଆଇନକୁ ଅଧିକ ପ୍ରଚାର ଏବଂ ପ୍ରସାର ଉଦ୍ଦେଶ୍ୟରେ ବାଲ୍ୟ ବିବାହ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ଦେଈଙ୍କ ଅଧ୍ୟକ୍ଷତା ଓ ଶିଶୁ ଅଧିକାର କର୍ମୀ ମଞ୍ଜୁଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ କଲ୍ୟାଣ ଉଦ୍ଦିଷ୍ଟ ସମସ୍ତ ଲାଇନ ବିଭାଗର ଅଧିକାରୀ ଯୋଗଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବୀରେନ୍ଦ୍ର ଦଲେଇ ପରିଚୟ ପ୍ରଦାନ କରି ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ ଆଇନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ଯୋଗଦେଇ ଆଦିବାସୀ ଶିଶୁଙ୍କ ସୁରକ୍ଷା, ସେମାନଙ୍କ ଥଇଥାନ ଓ କିଶୋରୀ ବାଳିକା ସୁରକ୍ଷାକୁ ଅଧିକ ମଜଭୁତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କାଳୀଚରଣ ସାହୁ ଯୋଗଦେଇ ବାଲ୍ୟ ବିବାହର କୁପ୍ରଭାବ ଓ କୁପରିଣାମ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

ଉପରେ ସଚେତନ କରାଇଥିଲେ। ମୁଖ୍ୟବକ୍ତା ଭାବେ ଆକ୍ସନଏଡ୍ ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଦିଗଲ ଯୋଗଦେଇ ପଞ୍ଚାୟତସ୍ତରୀୟ କମିଟି, ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା, ଦାୟିତ୍ୱ ଓ ବାଲ୍ୟବିବାହକୁ ନାଁ, ଶିକ୍ଷାକୁ ହଁ ଉପରେ ଆଲୋକପାତ କରିବା ସହ ଅଙ୍ଗନୱାଡି କେନ୍ଦ୍ରରେ ଅଦ୍ୱିକା କାର୍ଯ୍ୟକ୍ରମ ପ୍ରତି ଧ୍ୟାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଦାନଗଦୀ ବ୍ଲକ ଶିକ୍ଷାଧିକାରୀ ବଳରାମ ନାୟକ ଯୋଗଦେଇ ଡ୍ରପଆଉଟ ହ୍ରାସ ଓ ଅନୁପସ୍ଥିତତାକୁ ଗୁରୁତ୍ୱ ଦେବା ପାଇଁ ଶିକ୍ଷକ ଓ ସିଆରସିସିଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ସୁକିନ୍ଦା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହୃଷୀକେଶ ବେହେରା ଓ ସମୀର ମହାକୁଡ ଉପସ୍ଥିତ ହୋଇ ଶିଶୁ ଅଧିକାର ଏବଂ ସୁରକ୍ଷା ଉପରେ ବାର୍ତ୍ତା ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ତାରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ ଦାସ, ସାମାଜିକ କର୍ମୀ କରନ ବେଶ୍ରା, ଲଲାଟେନ୍ଦୁ ମହାନ୍ତ, ଲକ୍ଷ୍ମଣ ସୋରେନ, ପ୍ରଣତି ଲୋହାର, ଅନନ୍ତ ସୁବୁଦ୍ଧି, ପାର୍ଥସାରଥୀ ନାୟକ, ସଂଜୟ ସାହୁ, ବୁଦ୍ଧଦେବ ମହାନ୍ତ, ବ୍ଲକ ସିଆର୍‌ସିସି ଓ ଶିକ୍ଷକଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।